ISSN No. : 2583-147X (P)



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ଜାନୁୟାରୀ ୨୦୨୪
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ
# ପ୍ରାଚୀ
Vol.- 9, January 2024, Issue No. X
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
ପ୍ରାଚୀ ପ୍ରଯୁକ୍ତା
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

କର୍ମ-ଜ୍ଞାନ-ଭକ୍ତି ଓ ପରମାତ୍ମାଙ୍କ ସଂଯୋଗ
– ସୁଚିତ୍ରା ବେହେରା ୦୭

ନାଟ୍ୟସ୍ରଷ୍ଟା ବିଜୟ କୁମାର ମିଶ୍ର ଓ ଶବବାହକମାନେ
– ଲିପ୍ସୁ ବେହେରା ୧୦

ସାଂସ୍କୃତିକ ବିବର୍ତ୍ତନ ତତ୍ତ୍ୱ ଓ ଭୌଗୋଳିକ କାରକ
ବନାମ ବିଷୁବ ସଂକ୍ରାନ୍ତି : ଏକ ସୈଦ୍ଧାନ୍ତିକ ବିଶ୍ଳେଷଣ
– ଡ. ସନ୍ତୋଷ କୁମାର ନାୟକ ୧୫

ଭାରତୀୟ ଭାଷା ପରିପ୍ରେକ୍ଷୀରେ ଓଡ଼ିଆ ଧ୍ୱନ୍ୟାତ୍ମକ ଶବ୍ଦ
ଓ କଇଲାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ'
– ଅଧ୍ୟାପକ ବିଶ୍ୱନାଥ ସାହୁ ୨୩

ସ୍ମୃତି ପଟ୍ଟନାୟକଙ୍କ ଗଳ୍ପ : ଜୀବନର ବିବିଧ ସ୍ମୃତିରେ ରୋମନ୍ଥିତ ଚିତ୍ର
– ମମତାମୟୀ ଦାଶ ୩୨

ଓଡ଼ିଆ ନାଟକରେ ନୂତନତାର ସ୍ୱର : ସୁବୋଧ ପଟ୍ଟନାୟକ
– ଚିନ୍ମୟ ସାମଲ ୩୯

ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ମୂଲ୍ୟବୋଧ
– ଡକ୍ଟର ବସନ୍ତ କିଶୋର ସାହୁ ୪୩

ମନସ୍ତତ୍ତ୍ୱ ଓ ସାହିତ୍ୟ
– ଚୂଳରାଜ ମେହେର ୪୬

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................. ତାରିଖ...................................

ବ୍ୟାଙ୍କ୍........................................ ସ୍ଥାନ..................................................

ତାରିଖ...................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 9, Issue No.X, January 2024
Bastabatara Pariprakash Prachee
*Peer Reviewed and Referred Research Journal*

# କର୍ମ-ଜ୍ଞାନ-ଭକ୍ତି ଓ ପରମାତ୍ମାଙ୍କ ସଂଯୋଗ

**ସୁଚିତ୍ରା ବେହେରା**

ହିନ୍ଦୁ ଧର୍ମର ସର୍ବଶ୍ରେଷ୍ଠ ଓ ପବିତ୍ର ଧର୍ମଗ୍ରନ୍ଥ ହେଉଛି ଶ୍ରୀମଦ୍ ଭଗବତ୍ ଗୀତା । ସମସ୍ତ ତତ୍ତ୍ୱ ଜ୍ଞାନରେ ପରିପୂର୍ଣ୍ଣଏହି ଧର୍ମଗ୍ରନ୍ଥରେ ବର୍ଣ୍ଣିତ ତିନୋଟି ଷଟ୍‌କ; କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ । ଯୋଗ ଅର୍ଥାତ୍ ଆତ୍ମା ସଙ୍ଗେ ପରମାତ୍ମାଙ୍କ ସଂଯୋଗ, ତାହା ପୁଣି ନିରନ୍ତର । ଯାହାଠାରେ ଏଭଳି ଆଚରଣ ପ୍ରକାଶ ପାଏ ସେ ହୁଏ ପରମଭକ୍ତ । କର୍ମ, ଜ୍ଞାନ ଓ ଭକ୍ତି କ୍ଷେତ୍ରରେ ପ୍ରତ୍ୟେକ ମୁହୂର୍ତ୍ତରେ ପରମାତ୍ମାଙ୍କ ସହ ସଂଯୋଗ ବା ପରମାତ୍ମାଙ୍କ ସତ୍ତାକୁ ଉପଲବ୍ଧି କରିବା ହିଁ ଯଥାର୍ଥ ଅଟେ । କର୍ମ, ଜ୍ଞାନ ଓ ଭକ୍ତି – ଏହି ତିନୋଟି ଯାକର ମହତ୍ତ୍ୱ ବହୁତ ଅଧିକ । କାରଣ କର୍ମବିହୀନ ଜୀବନର ମୂଲ୍ୟବୋଧ କିଛି ନଥାଏ । ଭକ୍ତି ବିନା ଜୀବନର ସାର୍ଥକତା କିଛି ନଥାଏ । ଜ୍ଞାନ ହେଉଛି ମାର୍ଗଦର୍ଶକ । ଭଗବାନଙ୍କୁ ଜାଣିବା ପାଇଁ, ସଂସାର କର୍ମ ଓ ସୃଷ୍ଟିର ନିୟମକୁ ବୁଝିବା ପାଇଁ ଆତ୍ମଜ୍ଞାନର ଆବଶ୍ୟକତା ରହିଛି । ତେଣୁ ଜ୍ଞାନ ବିନା ଜୀବନରେ ସତ୍ୟର ମାର୍ଗଦର୍ଶନ ହୋଇ ନଥାଏ ।

ମାନବ ଯାହା କର୍ମ କରେ ସେଥିପାଇଁ ଜ୍ଞାନ ହିଁ ତାକୁ ସମସ୍ତ ପରାମର୍ଶ ଦେଇଥାଏ । କେଉଁ କର୍ମ ବିହିତ କର୍ମ ଆଉ କେଉଁଟା ଅବିହିତ କର୍ମ ତା'ର ସୂଚନା ଜ୍ଞାନରୁ ହିଁ ମିଳେ । ଜ୍ଞାନୋଦୟ ହେଲାପରେ ସେ ଅବିହିତ କର୍ମଠାରୁ ଉର୍ଦ୍ଧ୍ୱକୁ ଚାଲିଯାଏ । ସତ୍ୟ ମାର୍ଗର ସନ୍ଧାନ ପ୍ରାପ୍ତି ହୋଇ ଥାଏ । ସେ ସମସ୍ତ ବିହିତ କର୍ମରେ ନିଜକୁ ନିୟୋଜିତ କରିଦଏ । ପରମାତ୍ମା ଈଶ୍ୱରଙ୍କୁ ଭକ୍ତି କରିବାର ମାର୍ଗ ମଧ୍ୟ ଏହି ଜ୍ଞାନରୁ ମିଳିଥାଏ । ମାର୍ଗଦର୍ଶନ ହେଲାପରେ ଈଶ୍ୱରଙ୍କ ସତ୍ତାକୁ ବୁଝିବାରେ ସାମର୍ଥ୍ୟ ଆସି ଯାଏ ନିଜ ଭିତରେ । ପ୍ରତ୍ୟେକ କ୍ଷୁଦ୍ରକଣିକା ମଧ୍ୟରେ ବୃହତ୍ତର ସନ୍ଧାନର ପ୍ରାପ୍ତି ହୁଏ । କର୍ମ, ଜ୍ଞାନ ଓ ଭକ୍ତିର ସମ୍ମିଶ୍ରଣରେ ଈଶ୍ୱରଙ୍କ ସତ୍ତାକୁ ଉପଲବ୍ଧି କରିବା ସହଜ ହୋଇଥାଏ । ପରମାତ୍ମା ଈଶ୍ୱରଙ୍କ ଅଦୃଶ୍ୟ ଶକ୍ତିରେ ପରିଚାଳିତ ବିଶ୍ୱବ୍ରହ୍ମାଣ୍ଡର ସତ୍ୟତାକୁ ଅନୁଭବ କରିହୁଏ ।

ଏହା ସତ୍ୟ ଯେ, ପ୍ରତ୍ୟେକ ଆତ୍ମା ଭିତରେ ପରମାତ୍ମାଙ୍କ ଅବସ୍ଥାନ । ମାତ୍ର ପରମାତ୍ମା ଈଶ୍ୱର ନିୟତିର ଅଧୀନ କରିଛନ୍ତି ସମସ୍ତ ପ୍ରବୃତ୍ତିକୁ । ମଣିଷ ଏକାକୀ ଜନ୍ମଲାଭ କରି ଏକାକୀ ମଧ୍ୟ ମୃତ୍ୟୁ ଲାଭ କରେ । ତେଣୁ ଏ ଅଳିକ ସଂସାରରେ କୌଣସିବସ୍ତୁ ନୁହେଁ, ଆତ୍ମା ହିଁ ଏକମାତ୍ର ସତ୍ୟ । ପରମାତ୍ମା ହେଉଛନ୍ତି ମହାସତ୍ୟ । ସବୁ ମାୟର ଅଧୀନ ହୋଇ ମାନବ ଏ ସଂସାରରେ ଘୂରିବୁଲେ । ହେଲେ କିଛି ବି ସାଙ୍ଗରେ ନେଇଯାଏ ନାହିଁ । କର୍ମ ହିଁ ଏଇ ସଂସାରରେ ତା'ର ପରିଚୟ ହୋଇଥାଏ । ଇନ୍ଦ୍ରିୟାସକ୍ତ ହୋଇ ସଂସାର କର୍ମରୁ ଉର୍ଦ୍ଧ୍ୱକୁ ନ ଯିବା ପାଇଁ ପରମାତ୍ମା ଈଶ୍ୱର ମାନବକୁ ଯେଉଁ ଆତ୍ମଜ୍ଞାନ ପ୍ରଦାନ କରିଛନ୍ତି ତାହାକୁ ନିଜ ଚେତନା ମଧ୍ୟରୁ ଅନୁଭବ କରିବାକୁ ହୁଏ । କାରଣ ମନୁଷ୍ୟ ଯାହା କର୍ମ କରେ ତାହା ତା'ର ଚେତନା ଦ୍ୱାରା ନିର୍ଦ୍ଦେଶିତ ହୋଇଥାଏ ।

ପୁଣ୍ୟକର୍ମ ପାଇଁ ପ୍ରଥମେ ଆତ୍ମଶୁଦ୍ଧି ଓ ଆତ୍ମଜ୍ଞାନର ଆବଶ୍ୟକ ହୋଇଥାଏ । ଆତ୍ମଶୁଦ୍ଧି ନ ହେଲେ କର୍ମଶୁଦ୍ଧି ମଧ୍ୟ ହୁଏ ନାହିଁ । କର୍ମଶୁଦ୍ଧି ନ ହେବା ଯାଏ ମାନବ ଜନ୍ମର ଯଥାର୍ଥତା ମିଳେ ନାହିଁ । ଈଶ୍ୱରପ୍ରାପ୍ତି ମଧ୍ୟ ସମ୍ଭବ ହୁଏ ନାହିଁ । ଏହି ହେତୁ ଚେତନାରେ ଶୁଦ୍ଧତା ଆସିବା ଦ୍ୱାରା ମାନବ ପୁଣ୍ୟକର୍ମ କରିବାକୁ ମାର୍ଗଦର୍ଶୀ ହୋଇଥାଏ । ପ୍ରକୃତ ବାସ୍ତବ ସତ୍ୟକୁ ଉପଲବ୍ଧି କରିପାରେ । ତେଣୁ ମନୁଷ୍ୟର ସମ୍ବଳ ହେଉଛି କେବଳ ତା'ର କର୍ମ । ଏହି କର୍ମବାଦ ସମ୍ପର୍କରେ ଭାଗବତରେ କୁହାଯାଇଅଛି-

ଏ ଜୀବ ନିଜ କର୍ମଫଳ । ଭୁଞ୍ଜଇ ରହି ଏ ଶୟଳ ।।
କର୍ମର ମତେ ସୁଖ ଦୁଃଖ । ଜନ୍ମ ମରଣ ହାୟେ ଦେଖ ।।
କର୍ମଟି ସୁଖ ଦୁଃଖ ଦାତା । ବିଶ୍ୱ ସଂସାରେ ବଳବନ୍ତା ।।

ଯେଉଁ କର୍ମ ବର୍ତ୍ତମାନ ହାତରେ ନିହିତ ଥାଏ ତାହା ସବୁଠାରୁ ମହତ୍ୱପୂର୍ଣ୍ଣ ହୋଇଥାଏ । ଯିଏ ସାଙ୍ଗରେ ରହି କର୍ମ କରେ ସେ ସବୁଠାରୁ ମହତ୍ୱପୂର୍ଣ୍ଣ ବ୍ୟକ୍ତି ହୋଇଥାଏ । ଉପସ୍ଥିତ ସମୟ ହିଁ ସବୁଠାରୁ ମହତ୍ୱପୂର୍ଣ୍ଣ ମୂହୂର୍ତ୍ତ ହୋଇଥାଏ । ତେଣୁ ଏ ସବୁ ବ୍ୟର୍ଥ କରିବା ସର୍ବଦା ଅନୁଚିତ । କର୍ମ ଅନୁଯାୟୀ କର୍ମଫଳ ପ୍ରାପ୍ତି ହୋଇଥାଏ । ଉଚିତ କର୍ମ ପାଇଁ ସୁଫଳ ଏବଂ ଅନୁଚିତ କର୍ମ ପାଇଁ କୁଫଳ ମିଳିବା ବିଧିର ବିଧାନ ଅଟେ । ଏହି ହେତୁ ଆତ୍ମଜ୍ଞାନ ଓ ଆତ୍ମଶୁଦ୍ଧି ହିଁ ଉଚିତ କର୍ମ କରିବାକୁ ଦିଗଦର୍ଶନ ଦେଇଥାଏ ।

ଆତ୍ମଶୁଦ୍ଧି ଅର୍ଥାତ୍ ଚେତନାରେ ଶୁଦ୍ଧତା ଆଣିବା ପାଇଁ ଆତ୍ମଜ୍ଞାନ ଜରୁରୀ ହୋଇଥାଏ । ଆତ୍ମାର ଅନୁଶୀଳନ କରିବା ଅର୍ଥ ଚେତନା ମଧ୍ୟରୁ ସମସ୍ତ ବଦ୍‌ଗୁଣକୁ ପରିହାର କରିବା । ଇନ୍ଦ୍ରିୟକୁ ଦମନ କରି ନିୟତ କର୍ମ କଲେ ବିବେକ ତଥା ସତ୍‌ଜ୍ଞାନର ଉଦ୍ରେକ ହୋଇଥାଏ । ଆତ୍ମା କୌଣସି ବସ୍ତୁ କି ପଦାର୍ଥ ନୁହେଁ ଯାହାକୁ ପରିଷ୍କୃତ ବା ଶୁଦ୍ଧ କରିବା ପାଇଁ କୌଣସି କୌଶଳ କିମ୍ବା ପଦ୍ଧତିର ଆବଶ୍ୟକତା ରହିଅଛି । ଆତ୍ମା ବା ବ୍ରହ୍ମ ହେଉଛି ଏକ ଚେତନା । ଏକ ସଜୀବ କ୍ରିୟା । ଯାହାର କ୍ଷୟ ନାହିଁ କି ଅନ୍ତ ମଧ ନାହିଁ । ଯାହାକୁ ଦେଖିହୁଏ ନାହିଁ, ମାତ୍ର ଅନୁଭବ କରିହୁଏ । ଶରୀର ଧାରଣ କରି କର୍ମ କରୁଥିବା ପ୍ରତ୍ୟେକ ଜୀବ ମଧ୍ୟରେ ଏହି ଆତ୍ମା ବିଦ୍ୟମାନ । କର୍ମ ଶେଷ ପରେ ଶରୀର ମୃତ୍ୟୁ ହୁଏ ହେଲେ ଆତ୍ମାର ମୃତ୍ୟୁ ଘଟେ ନାହିଁ । ଆତ୍ମା ସର୍ବଦା ଜୀବନ୍ତ । ପରମାତ୍ମା ଭଗବାନଙ୍କ ନିର୍ଦ୍ଦେଶରେ ମୃତ୍ୟୁପରେ ଶରୀରଠାରୁ ଆତ୍ମା ପୃଥକ ହୁଏ । ଭିନ୍ନ ଏକ ଜନ୍ମ ବୃତ୍ତାନ୍ତ ହୁଏ । ତେଣୁ ଆତ୍ମା ହେଉଛି ଅବିନାଶୀ, ଅମର ଓ ଅକ୍ଷୟ । ଆତ୍ମା ବିହୀନ ଶରୀର ମୃତ ଶରୀର ଅଟେ ।

ଆତ୍ମଶୁଦ୍ଧି ପାଇଁ ଚେତନାରୁ କୁଟୀଳତା ପରିତ୍ୟାଗ କରି ସରଳ ହେବା ଆବଶ୍ୟକ । ସରଳ ଓ ସମ୍ବେଦନଶୀଳ ହେବା ଦ୍ୱାରା ମନରେ ସହାନୁଭୂତି ଆସେ । ଦୟା, ପ୍ରେମ ଓ କ୍ଷମା ଭାବନା ଜାଗ୍ରତ ହୁଏ । ବ୍ୟକ୍ତିର ବାହ୍ୟ ଓ ଆଭ୍ୟନ୍ତରୀଣ ରୂପ, କର୍ମ ଓ ବଚନରେ ସମତା ଆସିଥାଏ । ସରଳତା ହିଁ ଜଗତକୁ ଯୋଡିଥାଏ । ସମ୍ପର୍କକୁ ଦୃଢ ସୂତ୍ରରେ ବାନ୍ଧିଥାଏ । ମାତ୍ର କୁଟୀଳତା ସବୁଥିରେ ବିଚ୍ଛିନ୍ନତା ଆନୟନ କରିଥାଏ । ବ୍ୟକ୍ତିତ୍ୱକୁ ନଷ୍ଟ କରିଥାଏ । ପ୍ରତ୍ୟେକ କର୍ମରେ ଅସ୍ୱଚ୍ଛତା ଭରିଥାଏ । କୁ-ମାର୍ଗରେ ଯାଇ ଅକର୍ମ କରିବାକୁ ପ୍ରବର୍ତ୍ତାଇ ଥାଏ ।

ସରଳତା ପରମାତ୍ମା ଈଶ୍ୱରଙ୍କ ପ୍ରିୟ ହୋଇଥାଏ । ଆଚରଣ ଓ ଉଚ୍ଚାରଣରେ ସରଳ ହେବା ହିଁ ପରମାତ୍ମାଙ୍କର ନିର୍ଦ୍ଦେଶ ଅଟେ । ଗୋସ୍ୱାମୀ ତୁଳସୀ ଦାସକୃତ, ଶ୍ରୀରାମଚରିତ ମାନସରେ ବର୍ଣ୍ଣିତ ହୋଇଛି – ନିର୍ମଳ ମନ ଜନ ସୋମୋହି ପାବା । ମୋହି କପଟ ଛଳଛିଦ୍ର ନ ଭାବା ।

ଭକ୍ତି ମଧ ଏକ ପ୍ରକାର କର୍ମ ଅଟେ । ଈଶ୍ୱରଙ୍କ ପ୍ରତି, ଗୁରୁଙ୍କ ପ୍ରତି, ଗୁରୁଜନଙ୍କ ପ୍ରତି ଭକ୍ତି କରିବା ମାନବ କର୍ମର ଅନ୍ତର୍ଭୁକ୍ତ । ସେବା, ତ୍ୟାଗ, ସମର୍ପଣ, ସଂପ୍ରୀତି ଏହିସବୁ କର୍ମ ଭକ୍ତି ଭାବରେ ହିଁ ଆସେ । ଭକ୍ତିଯୋଗ ସମ୍ପର୍କରେ ଭାଗବତରେ ଉପଯୁକ୍ତ ଜ୍ଞାନ ପ୍ରଦାନ କରାଯାଇ ଅଛି । ଭକ୍ତି ଭିନ୍ନ ଭଗବାନ ପ୍ରାପ୍ତି ନାହିଁ । ତେଣୁ କୁହାଯାଇଅଛି –

'କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେତୁ ପରରୁ' ।

କର୍ତ୍ତବ୍ୟ ପ୍ରତି ବିମୁଖ ହୋଇ ପଳାୟନ କରିବାରେ ଭକ୍ତି ନଥାଏ । ବରଂ କର୍ତ୍ତବ୍ୟ ପାଳନ ପୂର୍ବକ ଈଶ୍ୱରଙ୍କୁ ସ୍ମରଣ କରି ସତ୍ୟମାର୍ଗରେ ଚାଲିବା ହିଁ ବାସ୍ତବ ଭକ୍ତି ଅଟେ । ଏହିହେତୁ କର୍ତ୍ତବ୍ୟ ପ୍ରତି ବିମୁଖ ନ ହୋଇ ମନର ବିକାରଗୁଡିକୁ ତ୍ୟାଗ କରିବାର ପ୍ରୟୋଜନୀୟତା ବାଂଛନୀୟ ହୋଇଥାଏ । ଭକ୍ତି ମଧ ଉତ୍କଳୀୟ ସଂସ୍କୃତିର ମୁଖ୍ୟ ବିଶେଷତ୍ୱ । ଏହି ଭକ୍ତିକୁ ନେଇ ଭାଗବତରେ ବର୍ଣ୍ଣିତ ଅଛି–

"ନିରତେ ଥିବ ସାଧୁ ସଙ୍ଗେ,
ନିର୍ମଳ ଭକ୍ତିଯୋଗ ମାର୍ଗେ" ।

ଶ୍ରୀଜଗନ୍ନାଥ ହେଉଛନ୍ତି ମହାଶୂନ୍ୟ । ସେ ମଧ ହେଉଛନ୍ତି ପୂର୍ଣ୍ଣ । ସେ ସାକାର ପୁଣି ନିରାକାର । ସେ ନିତ୍ୟ ପୁଣି ଅନିତ୍ୟ । ସେହିଁ ଅସୀମ । ସେହି ସସୀମ । ସେ ଶିବ ପୁଣି ଶିବା । ସେ ରାମ ପୁଣି ରମା । ସେ ଲୀଳା ରୂପରେ ଅର୍ଦ୍ଧ ନାରୀଶ୍ୱର । ନର ଓ ନାରୀ ଉଭୟ ରୂପର ସମନ୍ୱୟ ତାଙ୍କ ଭିତରେ । ଶ୍ରୀକୃଷ୍ଣ ହେଉଛନ୍ତି ପୁରୁଷ । ରାଧା ହେଉଛନ୍ତି ନାରୀ ପ୍ରକୃତି । ପ୍ରକୃତି ଓ ପୁରୁଷଙ୍କ ମିଳନରେ ଏ ସୃଷ୍ଟି ସଚଳ । ପୁରୁଷ ଓ ପ୍ରକୃତି ପରସ୍ପର ପରିପୂରକ । ପୃଥିବୀର ସର୍ବ ସୁନ୍ଦର ତମ ରୂପ ମଧ୍ୟରେ ଶିବ ଓ ଶକ୍ତିଙ୍କ ସମ୍ମିଳିତ ରୂପ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଅର୍ଦ୍ଧାଙ୍ଗ ଶିବ ଓ

ଅର୍ଦ୍ଧାଙ୍ଗ ପାର୍ବତୀ ହେଉଛନ୍ତି ଶକ୍ତିମୟ ରୂପ । ପାର୍ବତୀ ଶ୍ରଦ୍ଧା ଓ ଶିବ ବିଶ୍ୱାସର ପ୍ରତୀକ । ବିଷ୍ଣୁ ପୁରାଣରେ ଉଲ୍ଲେଖ ଅଛି, ସୃଷ୍ଟିର ଆରମ୍ଭରେ ରୁଦ୍ର ଅଧା ଶରୀରକୁ ପୁରୁଷ ଓ ଅଧା ଶରୀରକୁ ନାରୀ ଭାବେ ପ୍ରକଟିତ କରି ଦର୍ଶନ ଦେଇଥିଲେ । ଏହା ଦେଖି ବ୍ରହ୍ମା ସନ୍ତୁଷ୍ଟ ହୋଇଥିଲେ । "ଅର୍ଦ୍ଧନାରୀ ନର ବପୁଃ ପ୍ରଚଣ୍ଡୋଽତିଶରୀରବାନ ।" ବୃହଦାରଣ୍ୟକ ଉପନିଷଦରେ ମଧ୍ୟ ଏହି ଭାବବ୍ୟକ୍ତ କରାଯାଇଛି ଯେ, ସର୍ବପ୍ରଥମେ ସବୁ କେବଳ ଆତ୍ମାହିଁ ଥିଲା । ତାହା ପୁରୁଷ ସଦୃଶ୍ୟ ଥିଲା । ଏହି ଏକା ଏକା ଭାବ ଭଲ ନ ଲାଗିବାରୁ ପୁରୁଷ ଓ ପ୍ରକୃତିର ମିଳନରୁ ଦୁଇଭାଗ ହେଲା ।

ଆତ୍ମା ହେଉଛି ସମସ୍ତ ଶକ୍ତିର ସର୍ବୋଚ୍ଚ, ସର୍ବ ମହାନ୍ ଓ ସ୍ୱୟଂସମ୍ପୂର୍ଣ୍ଣ ନିଦର୍ଶନ । ଶ୍ରୀଜଗନ୍ନାଥଙ୍କ ଶୂନ୍ୟ ଆକାରରେ ସବୁକିଛି ଲୀନ ହେଲା ଭଳି ଆତ୍ମା ବା ବ୍ରହ୍ମରେ ହିଁ ସବୁ ଲୀନ ହୋଇଥାଏ । ତେଣୁ ଯଥାର୍ଥରେ କୁହାଯାଇଛି–

"ଆତ୍ମା କୁଶଳେ ସର୍ବ ସିଦ୍ଧି, ତରଇ ସଂସାର ବାରିଧି" ।

ଭାରତୀୟ ସଂସ୍କୃତି ଆତ୍ମାକୁ ବ୍ୟାପକ ଅର୍ଥରେ ଗ୍ରହଣ କରେ । ପୁରୁଷ ଓ ପ୍ରକୃତି ସମନ୍ୱିତ ରୂପ ଭଳି ଆତ୍ମା ଓ ଶରୀରଏକତ୍ର ଜଡିତ । ଶରୀରଠାରୁ ଆତ୍ମା ପୃଥକ୍ ହେଲେ ତାହା ଜଡ଼ ପାଲଟି ଯାଏ ।

ଉପନିଷଦରେ ବର୍ଣ୍ଣିତ ହୋଇଅଛି ଯେ, ଆତ୍ମାରେ ସ୍ତ୍ରୀ ଓ ପୁରୁଷର ପ୍ରଭେଦ ନାହିଁ । ଏହା ବ୍ୟତୀତ ଭାରତୀୟ ସଂସ୍କୃତି ଅନୁଯାୟୀ କେବଳ ନରନାରୀ ନୁହେଁ, ପଶୁପକ୍ଷୀ, ବୃକ୍ଷଲତା ସମସ୍ତଙ୍କଠାରେ ଆତ୍ମା ବିଦ୍ୟମାନ । ଶ୍ରୀମଦ୍ ଭଗବତ୍ ଗୀତାରେ ମଧ୍ୟ ବର୍ଣ୍ଣିତ ଅଛି ଯେ, ଯେଉଁ ବ୍ୟକ୍ତି ଏହି ସମତାର ତତ୍ତ୍ୱଜ୍ଞାନ ଅନୁଭବ କରେ ସେହିଁ ପଣ୍ଡିତ । ଏହିହେତୁ ସମସ୍ତ କର୍ମ ଓ ବୈଭବରେ ଉଭୟଙ୍କର ସମ ଅଧିକାର ରହିଅଛି । ପରମାତ୍ମା ଭଗବାନ ଯେଉଁଠି ପ୍ରକୃତି ବିନା ଅସମ୍ପୂର୍ଣ୍ଣ, ତା'ସହିତ ଏ ସୃଷ୍ଟି ଅସମ୍ଭବ ତେବେ ଆତ୍ମା ଭିତରେ ପରମାତ୍ମାଙ୍କ ସଂଯୋଗ ରହିବା ମଧ୍ୟ ସତ୍ୟ ଅଟେ । ଏହି ସତ୍ୟକୁ ଉପଲବ୍ଧି କଲାପରେ ପରମାନନ୍ଦ ପ୍ରାପ୍ତି ହୋଇଥାଏ । ଜୀବନର ସାର୍ଥକତା ଆସି ଥାଏ ।

ପ୍ଲଟ ନଂ.୧୩୬/୮୫୦
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର – ୧୮
ଦୂରଭାଷ : ୯୦୭୮୨୧୬୫୮୦

ISSN -2583-147X (P), **Vol.- 9, Issue No.X, January 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ନାଟ୍ୟସ୍ରଷ୍ଟା ବିଜୟ କୁମାର ମିଶ୍ର ଓ ଶବବାହକମାନେ

**ଲିକୁ ବେହେରା**

ଉତ୍ତର ଷାଠିଏ କାଳରେ ଯେଉଁ କେତେଜଣ ନାଟ୍ୟସ୍ରଷ୍ଟା ନାଟକ ରଚନାରେ ହାତଦେଇ ଓଡିଆ ନାଟ୍ୟସାହିତ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଥିଲେ, ସେମାନଙ୍କ ମଧ୍ୟରେ ନାଟ୍ୟକାର ବିଜୟମିଶ୍ର (୧୯୩୬ ଜୁନ୍ ୧୭-୨୦୨୦ ଅପ୍ରେଲ ୨୬) ଥିଲେ ଅନ୍ୟତମ । ସ୍ୱାଧୀନତା ପରବର୍ତ୍ତୀକାଳରେ ଓଡ଼ିଶାରେ ପ୍ରଚଳିତ ନୂତନ ନାଟ୍ୟଧାରାର ସେ ଥିଲେ ଅନ୍ୟତମ ପୁରୋଧା । ଜୀବନର ବାଲ୍ୟକାଳରୁ ନାଟକ ପ୍ରତି ବିଜୟଙ୍କର ରହିଥିଲା ଅହେତୁକ ଦୁର୍ବଳତା । ପିତା ହରିହର ମିଶ୍ରଙ୍କ ପ୍ରେରଣା ଥିଲା ବିଜୟଙ୍କ ନାଟ୍ୟ ସମ୍ପୃକ୍ତି ଜୀବନର ପ୍ରଥମ ମୂଳଦୁଆ । ପିତା ହରିହର ବୃତ୍ତିରେ ଜଣେ ସରକାରୀ କର୍ମଚାରୀ (ଟ୍ରେଜେରୀ ଆକାଉଟାଣ୍ଟ) ଥିଲେ ମଧ୍ୟ ସେ ଥିଲେ କଳାନୁରାଗୀ । ଏକ ଯାତ୍ରା ଦଳର ପୃଷ୍ଠପୋଷକତା କରିବା ସହ ନିଜ ଘରକୁ ଏକ ଆଖଡ଼ାଶାଳରେ ପରିଣତ କରିଥିଲେ । ସେହି ଆଖଡ଼ା ଘରର ଦୈନନ୍ଦିନ ନାଟ୍ୟାଭ୍ୟାସର ପ୍ରଭାବ ଏବଂ ଭ୍ରାମ୍ୟମାଣ ଯାତ୍ରାଦଳର ନାଟ୍ୟ ଓସ୍ତାଦ ଶ୍ରୀ ଗୁଣନିଧି ଦାସଙ୍କ ସାହଚର୍ଯ୍ୟ ବିଜୟଙ୍କୁ ପିଲାଦିନୁ ନାଟ୍ୟକଳା ପ୍ରତି ଆକୃଷ୍ଟ କରି ରଖିଥିଲା ।

ସ୍କୁଲ ଛାତ୍ର ଜୀବନରୁ ବିଜୟ ମଞ୍ଚ ଅଭିନୟ ସହିତ ଯୋଡ଼ି ହୋଇଥିଲେ । ନୀଳଗିରି ହାଇସ୍କୁଲର ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷକଙ୍କ ରଚିତ ନାଟକ 'ସାକ୍ଷୀଗୋପାଳ'ରେ ପ୍ରଥମେ ଅଭିନୟ କରିଥିଲେ । ସ୍କୁଲ ପାଠ ଶେଷକରି ପରବର୍ତ୍ତୀ ସମୟରେ ଶ୍ରୀ ମିଶ୍ର ଇଞ୍ଜିନିୟରିଂ ସ୍କୁଲ, ଓଡ଼ିଶା (କଟକ)ରେ ତିନିବର୍ଷ ପଢିଥିଲେ ।" ସେହି ତିନିବର୍ଷରେ ଇଞ୍ଜିନିୟରିଂ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚସ୍ଥ କାଳୀଚରଣଙ୍କ 'ଚକ୍ରୀ', ଭଞ୍ଜକିଶୋରଙ୍କ 'ଜୟମାଲ୍ୟ'ପ୍ରଭୃତି ନାଟକରେ ଶ୍ରୀ ମିଶ୍ର ମୁଖ୍ୟ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜ ଅଭିନୟ ଦକ୍ଷତାକୁ ପ୍ରତିପାଦିତ କରିଅଛନ୍ତି ଏବଂ ପ୍ରତ୍ୟେକ ବର୍ଷର ଅଭିନୟରେ ପୁରସ୍କୃତ ମଧ୍ୟ ହୋଇଛନ୍ତି"।[୧] କଟକ ରହଣିକାଳରେ ବିଜୟ ସେ ସମୟର ସ୍ଥାୟୀ ବ୍ୟବସାୟିକ ରଙ୍ଗମଞ୍ଚ 'ଅନ୍ନପୂର୍ଣ୍ଣା-ବି' ସହ ଜଡ଼ିତ ହୋଇଥିଲେ । ଯାହାର ଫଳ ସ୍ୱରୂପ 'ଜନନୀ' ନାଟକ 'ଅନ୍ନପୂର୍ଣ୍ଣା-ବି' ମଞ୍ଚରେ ସଫଳତାର ସହ ମଞ୍ଚସ୍ଥ ହୋଇ ବିଜୟ ମିଶ୍ରଙ୍କୁ ଜଣେ ନାଟ୍ୟକାର ଆସନରେ ଆସୀନ କରାଇଥିଲା ।

ବିଜୟଏକାଧାରାରେ ଜଣେ ମଞ୍ଚ ଅଭିନେତା, ନାଟ୍ୟକାର ଏବଂ ନାଟ୍ୟ ନିର୍ଦ୍ଦେଶକ ରୂପେ ପରିଚିତ । ଶ୍ରୀ ମିଶ୍ର ମୌଳିକ ନାଟକ ରଚନା କରିବା ବ୍ୟତୀତ ଅନୁସରଣ ଓ ଅନୂଦିତ ନାଟକ ଲେଖିଛନ୍ତି, ଦୂରଦର୍ଶନ ଏବଂ ଚଳଚ୍ଚିତ୍ର ସହ ମଧ୍ୟ ତାଙ୍କ ସମ୍ପୃକ୍ତି ଥିଲା । 'ଜନନୀ' (୧୯୬୦) ଥିଲା ବିଜୟ ମିଶ୍ରଙ୍କ ପ୍ରଥମ ନାଟକ । ଏହାପରେ 'ଏକାକୀ' (୧୯୬୨), 'ଅଶାନ୍ତ ଗ୍ରହ' (୧୯୬୪), 'ତିମିର ତୀର୍ଥ'(୧୯୬୫), 'ପ୍ରତୀକ୍ଷା' (୧୯୬୬), 'ଆର୍ତ୍ତନାଦ' (୧୯୬୬), 'ସାଗର ତୀରେ' (୧୯୬୭), 'ହେ ସ୍ୱର୍ଗ ବିଦାୟ' (୧୯୬୭), 'ଶବବାହକମାନେ' (୧୯୬୮), 'ଅସତ୍ୟ ସହର' (୧୯୬୮), 'ଯାଯାବର' (୧୯୬୮), 'ଏଠି ସେଠି ସବୁଠି' (୧୯୭୧), 'ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ' (୧୯୭୨), 'ଯାଦୁକର' (୧୯୭୪), 'ନିଷିଦ୍ଧ ସ୍ୱପ୍ନ' (୧୯୭୬), 'ତଟ ନିରଞ୍ଜନା'(୧୯୭୮), 'ସାକ୍ଷୀ ଇତିହାସ' (୧୯୮୦), 'ଜଣେ ରାଜା ଥିଲେ' (୧୯୮୦), 'ବାଦଶାହା' (୧୯୮୧), 'ପର୍ଶୁରାମ' (୧୯୮୧), 'ବାନପ୍ରସ୍ଥ' (୨୦୧୧) ଇତ୍ୟାଦି ନାଟକ ରଚନା କରିଥିଲେ । ଏହା ସହିତ ଅନୂଦିତ ଓ ଅନୁସୃତ ଶୈଳୀରେ ରଚିତ ନାଟକ ମଧ୍ୟରେ ରହିଛି- 'ଜନନୀ' (ନିହାର ରଞ୍ଜନ ଗୁପ୍ତାଙ୍କ awkûMì cÛûcÆ), 'Zöè Zµò (HenerikIbsenu 'The Ghost'), 'ବନ୍ଦୀ'(Anthony Hopeu 'Prisoner Of

Zenda'), 'ପାଣ୍ଡୁ ନାୟକର ଜମାନ ବନ୍ଦୀ' (Victor Hugou 'Lesmiserble') ଇତ୍ୟାଦି ଉଲ୍ଲେଖନୀୟ ।

ନାଟକ ସହ ବିଜୟ ମିଶ୍ର କେତେକ ଏକାଙ୍କିକା ମଧ୍ୟ ରଚନା କରିଥିଲେ । 'ତା' ଆରି ଲାଗି' ଥିଲା ତାଙ୍କର ପ୍ରଥମ ରଚିତ ଏକାଙ୍କିକା । ଯାହାକି ୧୯୭୦ ମସିହାରେ ରଚିତ ହୋଇ ବେତାର ମାଧ୍ୟମରେ ପ୍ରଚାରିତ ହୋଇଥିଲା । ପରେ 'ଲେଭଲ୍ କ୍ରସିଙ୍ଗ', 'କୌଣସି ଏକ ନାଟକ ପାଇଁ', 'କୋଠରୀ', 'ଚତୁଷ୍କୋଣ', 'ଭାଲୁ ଉପଦ୍ରବ' ପ୍ରଭୃତି ଉଚ୍ଚକୋଟୀର ଏକାଙ୍କିକା ରଚନା କରିଥିଲେ । "ବିଜୟ ମିଶ୍ରଙ୍କ ସମଗ୍ର ଏକାଙ୍କିକା କୃତି ଓଡ଼ିଆ ଏକାଙ୍କିକାର ପରୀକ୍ଷା ନିରୀକ୍ଷା କ୍ଷେତ୍ରରେ ଏକ ଏକ ମୂଲ୍ୟବାନ ପଦକ୍ଷେପ । ଏକାଙ୍କିକାର ସ୍ୱଳ୍ପ ସୀମା ମଧ୍ୟରେ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ଅତି ନିଷ୍ପାର ସହ ରୂପ ଦେଇ ସଫଳ ଭାବେ ଉପସ୍ଥାପିତ କରିବାରେ ବିଜୟ ମିଶ୍ରଙ୍କ ଲେଖନୀ ଯେ ସିଦ୍ଧହସ୍ତ ଏଥିରେ କୌଣସି ସନ୍ଦେହ ନାହିଁ" ।[୨] ନାଟକ, ଏକାଙ୍କିକା ବ୍ୟତୀତ ଚଳଚ୍ଚିତ୍ର ସହ ଶ୍ରୀ ମିଶ୍ରଙ୍କ ସମ୍ପୃକ୍ତି ଥିଲା ନିବିଡ଼ । ବିଜୟ ମିଶ୍ର ନିଜ ରଚିତ ନାଟକ 'ଜନନୀ', 'ଯାଯାବର', 'ଅଶାନ୍ତ ଗ୍ରହ'କୁ ଚଳଚ୍ଚିତ୍ରରେ ରୂପାନ୍ତରିତ କରିଥିଲେ । ସଙ୍ଗୀତ ଶିଳ୍ପୀ ଅକ୍ଷୟ ମହାନ୍ତି, ଅଭିନେତା ହେମନ୍ତ ଦାସଙ୍କ ସହ ମିଶି 'ତ୍ରିମୂର୍ତ୍ତି' ନାମରେ 'ଯାଯାବର' ଚଳଚ୍ଚିତ୍ରରେ ନିର୍ଦ୍ଦେଶନା କାର୍ଯ୍ୟ ସମ୍ପାଦନ କରିଥିଲେ । ଚିତ୍ରନାଟ୍ୟର ଲେଖକ ଓ ସଂଳାପକାର ଭାବରେ ଶ୍ରୀ ମିଶ୍ର 'ଶ୍ରୀଜଗନ୍ନାଥ', 'ଝିଲିମିଲି', 'ମାନିନୀ', 'ସୁନା ଚଢେଇ', 'ଯାହାକୁ ରଖିବେ ଅନନ୍ତ', 'ଡୋରା', 'ଜଗାବଳିଆ', 'ପାଚେରୀ ଉଠିଲା ମଝି ଦୁଆରୁ', 'ସମୟ ଚକରେ ସଂସାର ରଥ', 'ରଜନୀଗନ୍ଧା' ଆଦି ଚଳଚ୍ଚିତ୍ର ସହ ଜଡ଼ିତ ଥିଲେ । ଦୂରଦର୍ଶନ ଓ ଅନ୍ୟାନ୍ୟ ଟେଲିଭିଜନରେ ଧାରାବାହିକ ଭାବେ ବିଜୟ ମିଶ୍ରଙ୍କ' ତା'ଆରି ଲାଗି 'ଜଣେ ରାଜା ଥିଲେ', 'କୋମଳ ଗାନ୍ଧାର', 'ଘର', 'ସାରା ଆକାଶ', 'ସକାଳର ଅପେକ୍ଷାରେ', 'ପଥର ପଡିଲେ ସହି', 'ଚୋରା ବାଲି', 'ଯେ ପକ୍ଷୀ ଉଡେ ଯେତେ ଦୂର', '୧୮୧୭' ନାଟକଗୁଡିକ ପ୍ରସାରିତ ହୋଇ ଜନପ୍ରିୟ ହୋଇପାରିଥିଲା ।

ବିଜୟ ମିଶ୍ର ନାଟ୍ୟକାର ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ପାରମ୍ପରିକ ଶୈଳୀରେ ନାଟକମାନ ରଚନା କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୬୮ ବେଳକୁ ତାଙ୍କ ଚେତନାରେ ଉତ୍ତରଣ ଘଟିବାରୁ ଶ୍ରୀ ମିଶ୍ର ପରୀକ୍ଷାଧର୍ମୀ ଶୈଳୀକୁ ଆପଣାଇ ନେଇଥିଲେ । ପରୀକ୍ଷାଧର୍ମୀ ନାଟକ ରଚନା କରିବାର କିଛିକାଳ ପରେ ବିଜୟ ମିଶ୍ର ନିଜ ନାଟକଗୁଡିକରେ କଳୁଷିତ ସମାଜ ପ୍ରତି ଅଙ୍ଗୀକାର ଦୃଷ୍ଟିଭଙ୍ଗୀ ପ୍ରଦର୍ଶନ କରିଥିଲେ । 'ଜନନୀ' ତାଙ୍କର ସର୍ବପ୍ରଥମ ରଚିତ ନାଟକ । ୧୯୬୦ ମସିହାମେ ୧୫ ତାରିଖରେ କଟକର ଅନ୍ନପୂର୍ଣ୍ଣା 'ବି' ନାଟ୍ୟସଂସ୍ଥା ଦ୍ୱାରା ସାମୁଏଲ (ବାବି)ଙ୍କ ନିର୍ଦ୍ଦେଶନାରେ ସଫଳତାର ସହ ଅଭିନୀତ ହୋଇଥିଲା । ଏହା ଥିଲା ପାରମ୍ପରିକ ଶୈଳୀରେ ରଚିତ ଏକ ନାଟକ । ଗୋଟିଏ ସନ୍ତାନ (କୁମାର)କୁ କେନ୍ଦ୍ରକରି ଦୁଇଟି ମାଆ (ଜନ୍ମଦାତ୍ରୀ-ଅନୀତା, ଧାତ୍ରୀ-ଅମୀତା) ପ୍ରାଣରେ ଯେଉଁ ଦ୍ୱନ୍ଦ୍ୱାତ୍ମକ ମାନସିକତା ସୃଷ୍ଟି ହୋଇଛି ତାହାକୁ ନାଟ୍ୟକାର ଏହି ନାଟକରେ ଉପସ୍ଥାପନ କରିଛନ୍ତି । ପରେ 'ଏକାକୀ' (୧୯୬୨) ମହାନଦୀ କ୍ଲବ, କଟକ ଦ୍ୱାରା ୧୯୬୨ ଜୁଲାଇ ୨୫ରେ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇ ଶ୍ରେଷ୍ଠ ନାଟକ ରୂପେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲା । ଏହା ଥିଲା ବିଜୟ ମିଶ୍ରଙ୍କ ପାଇଁ ଆଗାମୀ ନାଟ୍ୟ ରଚନା ନିମିତ୍ତ ଉତ୍ସାହ ଓ ପ୍ରେରଣା ।

ନାଟ୍ୟକାର ମିଶ୍ରଙ୍କ 'ଅଶାନ୍ତ ଗ୍ରହ', 'ତିମିରତୀର୍ଥ', 'ଆର୍ତ୍ତନାଦ', 'ହେ ସ୍ୱର୍ଗ ବିଦାୟ', 'ଅସତ୍ୟ ସହର' ଇତ୍ୟାଦି ନାଟକରେ ସାମାଜିକ ପ୍ରତିବଦ୍ଧତାର ସ୍ୱର ଦେଖିବାକୁ ମିଳେ । ଏଥିରେ ଥିବା କେତେକ ଚରିତ୍ର ସମାଜରେ ପ୍ରତିଷ୍ଠା ନିମିତ୍ତ ଅହରହ ସଂଘର୍ଷ କରି ଚାଲିଛନ୍ତି । 'ଅଶାନ୍ତ ଗ୍ରହ'ର ହେମନ୍ତ, 'ତିମିର ତୀର୍ଥ'ର ନନ୍ଦିନୀ (ରୂପାବାଈ), 'ହେ ସ୍ୱର୍ଗ ବିଦାୟ'ର ବିପ୍ଳବ, 'ଅସତ୍ୟ ସହର'ର ସୁଦାମ ଓ ରୂପା ଏ ସମସ୍ତେ ନାଟକରେ ଜଣେ ଜଣେ ସଂଘର୍ଷରତ ଚରିତ୍ର । ହେମନ୍ତ ସମାଜରେ ନିଜର ପରିଚୟ ଖୋଜି ବୁଲି ଶେଷରେ ରକ୍ଷଣଶୀଳ ଗୋଷ୍ଠୀର ବିଚାରଧାରା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ବେଳେ, ଏପଟେ 'ତିମିର ତୀର୍ଥ' ନାଟକରେ ରୂପାବାଈ ନନ୍ଦିନୀ ରୂପେ ପରିଣତ ହୋଇ ସମାଜରେ ଟୋପାଏ ସିନ୍ଦୁର, ଦି'ପଟ ଶଙ୍ଖା ପିନ୍ଧି ବଧୂ ସାଜିବାର ସ୍ୱପ୍ନ ଦେଖିଛି । ମାତ୍ର ତାହାର ସ୍ୱପ୍ନ ଚରିତାର୍ଥ ହୋଇପାରିନି । ତେଣୁ ସେ ସମାଜ ବିରୋଧରେ ବିପ୍ଳବ ଘୋଷଣା କରିଛି । ମାଲିକ ଓ ଶ୍ରମିକର ଚିରନ୍ତନ ତିକ୍ତ ସମ୍ପର୍କକୁ କେନ୍ଦ୍ରକରି 'ଆର୍ତ୍ତନାଦ'ର ବିଷୟ ଗତିଶୀଳ । ଚାଷୀମୂଲିଆର ରାଜୁତି ହେବ, ଶୋଷଣର ସିଂହାସନ ଟଳି ପଡିବ- ସାମ୍ୟବାଦର ଏହି ବାଣୀକୁ ନେଇ ନାଟକଟି ରଚିତ । ପ୍ରେମ, ପ୍ରତାରଣା, ହତ୍ୟାର କାହାଣୀ ଉପରେ 'ହେ ସ୍ୱର୍ଗ ବିଦାୟ' ନାଟକଟି ରଚିତ । ଏହି ନାଟକରେ ସାରା ଜୀବନ ବିପ୍ଳବ ମଧ୍ୟରେ ହାରିଯାଇଛି ନାୟକ ବିପ୍ଳବ । ପୁରୀ ସହରର ପଟ୍ଟଭୂମିରେ ମାନବ ଜୀବନର ବିଶ୍ଲେଷଣ, ସାମାଜିକ ସମସ୍ୟା ଓ ତା'ର ସମାଧାନ ଉପରେ ଗଢି ଉଠିଛି ନାଟକ 'ସାଗର

ତୀରେ' (୧୯୬୭) । ପିଢିଗତ ବ୍ୟବଧାନ ସମସ୍ୟାକୁ ନାଟକରେ ଦେଖାଇବା ସହ ସାମାଜିକ ନୀତିନିୟମ, ବ୍ୟବସ୍ଥା, ଚଳଣିକୁ ଉପହାସ କରାଯାଇଛି ।

ସାମାଜିକ ପ୍ରତିବଦ୍ଧତାର ଅନ୍ୟତମ ସଫଳ ସୃଷ୍ଟି ହେଉଛି 'ଅସତ୍ୟ ସହର' (୧୯୬୮) । କେଳା ଜାତୀୟ ଏକ ଯାଯାବର ସମ୍ପ୍ରଦାୟ ସହ ସଭ୍ୟମଣିଷର ସ୍ୱାର୍ଥଗତ ସଂଘର୍ଷକୁ କଳ୍ପିତ କରି ନାଟକ 'ଯାଯାବର' (୧୯୬୮) ଗଢି ଉଠିଛି । ଯାଯାବରୀ ଝିଲିର ରୂପ ଯୌବନ ଜମିଦାର ରାସବିହାରୀଙ୍କ ପରିବାରରେ ଝଡ ସୃଷ୍ଟି କରିଛି । ସେହି ଝଡର ସଂସ୍ପର୍ଶରେ ଆସି ଆଭିଜାତ ପରିବାରର ପ୍ରତିନିଧି ରାସବିହାରୀଙ୍କ ମିଥ୍ୟା ଅହମିକା, ଅଳିକ ଆଭିଜାତ୍ୟର ମୁଖା ଖୋଲି ଯାଇଛି । ଝିଲି ଏଥିରେ ପ୍ରଚଳିତ ସାମାଜିକ ବିଧିବଦ୍ଧ ବ୍ୟବସ୍ଥା ଉପରେ ସ୍ୱର ଉଠାଇଛି । ନାଟ୍ୟକାର ବିଜୟ ମିଶ୍ର ପ୍ରାରମ୍ଭିକ ପର୍ଯ୍ୟାୟରେ ରଚନା କରିଥିବା ପାରମ୍ପରିକ ନାଟକଗୁଡିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ସେଥିରେ ନାଟ୍ୟକାରଙ୍କ ଲୁଷିତ ସମାଜ ପ୍ରତି ଅଙ୍ଗୀକାର ସ୍ୱର, ସମାଜରେ ପ୍ରଚଳିତ ବର୍ଣ୍ଣ ବୈଷମ୍ୟର ବିରୋଧ, ସାଧାରଣ ମଣିଷକୁ ତା'ର ଅଧିକାର ପ୍ରଦାନ ଓ କେବେ କେବେ ସମସ୍ୟାର ସମାଧାନ ପାଇଁ ନାଟ୍ୟକାର ମିଶ୍ର ତାଙ୍କ ନାଟକ ମଧ୍ୟକୁ ଚରିତ୍ର ରୂପେ ପ୍ରବେଶ ମଧ୍ୟ କରନ୍ତି । ବାସ୍ତବିକ ଭାବେ ବିଜୟ ମିଶ୍ରଙ୍କ ପ୍ରାରମ୍ଭିକ ପର୍ଯ୍ୟାୟର ପାରମ୍ପରିକ ନାଟ୍ୟ ରଚନା ଥିଲା ବେଶ୍ ଉଚ୍ଚକୋଟୀର ।

୧୯୬୮ ବେଳକୁ ବିଜୟ ମିଶ୍ରଙ୍କ ନାଟ୍ୟଧାରାରେ ପରିବର୍ତ୍ତନ ପରିଲକ୍ଷିତ ହେଇଛି । ଯାହାର ସଫଳ ରୂପାୟନ 'ଶବବାହକମାନେ' (୧୯୬୮) ନାଟକରେ ଦେଖିବାକୁ ମିଳେ । ଏହା ଥିଲା ନାଟ୍ୟକାରଙ୍କ ପ୍ରଥମ ସଫଳ ପରୀକ୍ଷାଧର୍ମୀ ନାଟକ । ଷ୍ଟେଜ୍ ଫିଜ୍ ପରି ଏକ ନୂତନ ଶୈଳୀର ପ୍ରୟୋଗ କରି ଶ୍ରୀ ମିଶ୍ର ନାଟକକୁ ଅଭିନୀତ କରାଇ ବେଶ୍ ପ୍ରଶଂସା ସାଉଁଟି ଥିଲେ । 'ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ' (୧୯୭୨) ନାଟକଟି ସମାଜର ପ୍ରଚଣ୍ଡ ରୌଦ୍ରତାପରେ ଜଳୁଥିବା ଦୁଇଟି କଅଁଳ ଫୁଲ ସଦୃଶ ଚରିତ୍ର ରାଜା ଓ ରାଣୀକୁ ନେଇ ପରିକଳ୍ପିତ । ଏଥିରେ ରୂପାନ୍ତରିକରଣ ଶୈଳୀର ପ୍ରୟୋଗ କରି ନାଟ୍ୟକାର ସେ ଦୁଇଟି ଚରିତ୍ର ରାଜା ଓ ରାଣୀକୁ କେତେବେଳେ ଶୈଶବ, କୈଶୋର ତ କେତେବେଳେ ପୁଣି ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ କରାଇଛନ୍ତି । ସେମାନଙ୍କ ଜୀବନରେ ଶାନ୍ତି ନାହିଁ, ରହିଛି କେବଳ ଜୀବନର ହତାଶା । ପରେ ଶ୍ରୀ ମିଶ୍ର 'ଯାଦୁକର' (୧୯୭୪) ପରି ପରୀକ୍ଷାଧର୍ମୀ ନାଟକର ପରିକଳ୍ପନା କରିଛନ୍ତି । ଯାହା ତାଙ୍କୁ ବିଫଳତାର ସ୍ୱାଦ ଚଖାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ 'ତଟ ନିରଞ୍ଜନା' (୧୯୭୮) ରଚିତ ହୋଇ ନାଟ୍ୟକାରଙ୍କୁ ଅଜସ୍ର ଖ୍ୟାତି ଆଣି ଦେଇଥିଲା । ଆକାଶ ବାଣୀ ଜାତୀୟ କାର୍ଯ୍ୟକ୍ରମରେ ସର୍ବଶ୍ରେଷ୍ଠ ନାଟକ ରୂପେ ପୁରସ୍କୃତ ହୋଇଥିଲା । ଅଶୀଦଶକ ବେଳକୁ ନାଟ୍ୟକାର ନାଟକର ପରୀକ୍ଷା ନିରୀକ୍ଷାଠାରୁ ଦୂରେଇ ଯାଇ ସମାଜ ପ୍ରତି ଅଙ୍ଗୀକାରବଦ୍ଧ ହୋଇପଡିଥିଲେ । ତତ୍କାଳୀନ ସମାଜରେ ପରିଲକ୍ଷିତ ଅରାଜକତା ବିରୋଧରେ ନାଟକ ମାଧ୍ୟମରେ ସ୍ୱର ଉତ୍ତୋଳନ କରିଥିଲେ । ଯାହାର ଉଦାହରଣ 'ଜଣେ ରାଜା ଥିଲେ' (୧୯୮୦), 'ପର୍ଶୁରାମ' (୧୯୮୧), 'ବାଦଶା' (୧୯୮୩) ପ୍ରଭୃତି ନାଟକ । ସମାଜ ପ୍ରତି ଅଙ୍ଗୀକାରବଦ୍ଧ ଦୃଷ୍ଟିକୋଣ ପ୍ରତିପାଦନ କରିବାକୁ ଯାଇ ବିଜୟ ମିଶ୍ର 'ଜଣେ ରାଜା ଥିଲେ'ରେ ରୂପକ, ଅତି କଳ୍ପନାର ପ୍ରୟୋଗ କରିଥିବା ବେଳେ ପୁରାଣରୁ ପର୍ଶୁରାମ ମିଥ୍‌କୁ ଆଣି 'ପର୍ଶୁରାମ' ନାଟକ ରଚନା କରିଥିଲେ । ସମାଜର ଅଦରକାରୀ ବୟସ୍କ, ବୟସ୍କା ତଥା ସମୁଦାୟ ବାରଜଣ ପାତ୍ରପାତ୍ରୀଙ୍କୁ ନେଇ 'ବାନପ୍ରସ୍ଥ' (୨୦୧୧) ନାଟକ ରଚନା କରିଥିଲେ । ଏହାପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଥିଲେ । ନାଟ୍ୟକାର ବିଜୟ ମିଶ୍ରଙ୍କ ସମଗ୍ର ସୃଷ୍ଟିକୁ ଅନୁଶୀଳନ କଲେ, ସେଥିରୁ ତାଙ୍କ ପ୍ରତିଭାର ଯଥାର୍ଥ ନିଦର୍ଶନ ମିଳେ ।

ନୂତନ ନାଟ୍ୟ ଚେତନାର ଜଣେ ସମର୍ଥ ଶିଳ୍ପୀ ଭାବେ ବିଜୟ ମିଶ୍ର ରଚନା କରନ୍ତି ଏକ ଭିନ୍ନ ସ୍ୱାଦର ସଫଳ ନାଟକ 'ଶବବାହକମାନେ' (୧୯୬୮) । ଏହା ଥିଲା ନାଟ୍ୟକାରଙ୍କ ପ୍ରଥମ ପରୀକ୍ଷାଧର୍ମୀ ନାଟକ । ଗତାନୁଗତିକ ପାରମ୍ପରିକ ଶୈଳୀରେ ନାଟକ ଲେଖି ଲେଖି ଥକିପଡି ଶେଷରେ ଶ୍ରୀ ମିଶ୍ର ନାଟକରେ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲେ । ଏ ସମ୍ପର୍କରେ ନାଟ୍ୟକାର କହନ୍ତି– "ବହୁଦିନ ଧରି ଗୋଟିଏ ପ୍ରକାରର, ଗୋଟିଏ ଛନ୍ଦର ନାଟକ ଲେଖୁ ଲେଖୁ ମୁଁ କ୍ଳାନ୍ତ ହୋଇ ପଡିଥିଲି । ଟିକିଏ ଅନ୍ୟ ଧରଣର ଅନୁଭୂତି, ଟିକିଏ ଅନ୍ୟ ପ୍ରକାରର ଶୈଳୀରେ ପରୀକ୍ଷା ପାଇଁ ଏମିତି ଗୋଟିଏ ନାଟକ ଲେଖିଲି, ଯେମିତି ସବୁବେଳେ ଗୋଟିଏ ପ୍ରକାରର ଖାଦ୍ୟ ଖାଉଁ ଖାଉଁ କିଛି ଟିକିଏ ପରିବର୍ତ୍ତନ ମଣିଷ ଦରକାର କରେ ସେମିତି ଏକ ଅନୁଭୂତି ପାଇବା ପାଇଁ" ।[୩] ଅର୍ଥ ସର୍ବସ୍ୱ ଦୁନିଆରେ ମଣିଷର ଆନ୍ତରିକ ସମ୍ପର୍କ ଧନ ପାଇଁକି ପରିତୁଚ୍ଛ ହୋଇପାରେ ତାହା ଏହି ନାଟକରେ ପ୍ରତିଫଳିତ । ଆଲୋଚ୍ୟ ନାଟକରେ ଶବକୁ ନାଟକର କେନ୍ଦ୍ରବିନ୍ଦୁ ରୂପେ ଗ୍ରହଣ କରାଯାଇଛି । ଶବକୁ ନେଇ ନାଟ୍ୟରଚନା କୌଣସି ନୂଆ କଥା ନୁହେଁ । କାରଣ ଏହା ପୂର୍ବରୁ ଇଉଜେନ୍ ଆୟନେସ୍କୋଙ୍କ

‘Amedee’, ବାଦଲ ସରକାରଙ୍କ ‘ପାଗଲା ଘୋଡା’, ଦାଶରଥି ପ୍ରସାଦ ଦାସଙ୍କ ‘ନିଷିଦ୍ଧ ଅନ୍ଧକାର’ ଓ ପ୍ରଫୁଲ୍ଲ କୁମାର ରଥଙ୍କ ‘ଶବ ପଡିଛି’ ପ୍ରଭୃତି ନାଟକ ଶବକୁ ନେଇ ରଚିତ ହୋଇଥିଲେ ମଧ୍ୟ ଶବର ସଂଜ୍ଞା, ତା’ର ଛବି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୂପ ନେଇଛି ।

‘ଶବବାହକମାନେ’ ଓଡ଼ିଆ ନାଟ୍ୟ ସାହିତ୍ୟରେ ପ୍ରଥମ Stage freeze ଶୈଳୀରେ ରଚିତ ପ୍ରଥମ ନାଟକ ଅଟେ । ଆଲୋଚ୍ୟ ନାଟକର ଅନ୍ୟତମ ବିଶେଷତ୍ୱ ହେଉଛି ରଙ୍ଗମଞ୍ଚରେ ଅଭିନୀତ ହେବାବେଳେ ଚରିତ୍ରମାନଙ୍କ ସ୍ଥାଣୁତ୍ୱ କଳ୍ପନା । “ରଚନା ଶୈଳୀ ଓ ପରିବେଷଣ ପଦ୍ଧତି ଦୃଷ୍ଟିରୁ ‘ଶବବାହକମାନେ’ ଏକ ନୂତନ ପରୀକ୍ଷା । ନାଟକଟିର ଗଠନରୀତି ସରଳରୈଖିକ ନ ହୋଇ ବୃତ୍ତାକାର ହୋଇଛି, ଅର୍ଥାତ ଏହାର ଆରମ୍ଭ ଯେଉଁଠି ଶେଷ ମଧ୍ୟ ସେଇଠି । ଯାହାକିଛି ପରିବର୍ତ୍ତନ ସଂଘଟିତ ହୋଇଛି ତାହା କେବଳ ଚରିତ୍ରମାନଙ୍କର ମନୋରାଜ୍ୟରେ” ।[୪] ‘ଶବବାହକମାନେ’ ହେଉଛି ଏକ ପରୀକ୍ଷାଧର୍ମୀ ମନସ୍ତାତ୍ତ୍ୱିକ ନାଟକ । ଏହା ଏକ କାହାଣୀ ପ୍ରଧାନ ବା ଘଟଣା ପ୍ରଧାନ ନାଟକ ନୁହେଁ । ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସ୍ୱାର୍ଥସର୍ବସ୍ୱ ମଣିଷ ମନର ବିବିଧ କାର୍ଯ୍ୟକଳାପ ଏଥିରେ ପ୍ରତିଫଳିତ ହୋଇଛି । “ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଏକ ନିର୍ଦ୍ଦିଷ୍ଟ ବସ୍ତୁ (ଶବ)କୁ ଆଖି ଆଗରେ ରଖି ଚିରନ୍ତନ ମଣିଷର ରଙ୍ଗହୀନ ରୂପ ହେଉଛି ଏ ନାଟକ” ।[୫] ହଠାତ ଏକ ଝଡବର୍ଷା ସନ୍ଧ୍ୟାରେ ଜଙ୍ଗଲ ମଧ୍ୟରେ ଥିବା ତିନି କୋଠରୀ ବିଶିଷ୍ଟ ଡାକବଙ୍ଗଳାକୁ କିଛି ଚରିତ୍ର ପଶି ଆସିଛନ୍ତି ବର୍ଷା ଦାଉରୁ ମୁକ୍ତି ନିମନ୍ତେ । ପରସ୍ପର ମଧ୍ୟରେ ପରିଚୟ ପ୍ରଦାନ ପରେ, ସେମାନେ ଘରର ଅନ୍ଧକାରରୁ ମୁକ୍ତି ପାଇବା ପାଇଁ ଗୋଟିଏ ଦିଆସିଲି ସାହାଯ୍ୟରେ ଘରୁ ପାଇଥିବା ଦୁଇଟି ମହମବତୀ ଜଳାଇଛନ୍ତି । ପରେ ଦ୍ୱିତୀୟ କୋଠରୀରେ ଥିବା ଶବ ପାଖରୁ ସୁରେନ୍ଦ୍ର ଗୁପ୍ତଧନର ଏକ ନକ୍ସା ପାଇ ତୃତୀୟ କୋଠରୀରେ ଗଇଁତିରେ ମାଟି ଖୋଳିଛି । ଗୋଟିଏ ପଟେ ପେଟର କ୍ଷୁଧା ଅନ୍ୟ ପଟେ ଗୁପ୍ତଧନର ଲାଳସା ସେମାନଙ୍କୁ ପରସ୍ପରଠାରୁ ଅଲଗା କରି ସ୍ୱାର୍ଥବାଦୀ କରି ପକାଇଛି । ଗୁପ୍ତଧନକୁ କରାଗତ କରିବା ପାଇଁ ଚରିତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ଏହି ପ୍ରତିଯୋଗିତାରେ ନାୟିକା ଅଜନ୍ତା ପ୍ରେମିକ ନବେନ୍ଦୁର ପ୍ରେମକୁ ତୁଚ୍ଛ କରିଥିବା ବେଳେ ସୁରେନ୍ଦ୍ର, କରୁଣା ଓ ଚିତ୍ତ ପ୍ରିୟଙ୍କ ମଧ୍ୟରେ ଥିବା ନିବିଡ଼ ବନ୍ଧୁତ୍ୱରେ ଫାଟ ସୃଷ୍ଟି ହୋଇଛି । ନାଟକର ଶେଷ ପର୍ଯ୍ୟାୟରେ ଯେତେବେଳେ ତୃତୀୟ କୋଠରୀର ମାଟିତଳୁ ଗୁପ୍ତଧନ ବଦଳରେ ଖାଲି ପେଟିଟି ବାହାରିଛି, ସେତେବେଳେ ସମସ୍ତଙ୍କର ଆଶା, ଆକାଂକ୍ଷା ମାଟିରେ ମିଶିଯାଇଛି । ପେଟିଟିରୁ ମିଳିଛି ଏକ ଅନୁରୋଧ ପତ୍ର, ଯେଉଁଥିରେ ଲେଖାଅଛି- “ମୋତେ ଏଇଠି ପୋତିଦିଅ” । ଶେଷରେ ଶବରବାହକ ହୋଇ ଗୁପ୍ତଧନ ସନ୍ଧାନରେ ଚାଲିଥିବା ଚରିତ୍ରମାନଙ୍କର ପ୍ରତିଦ୍ୱନ୍ଦିତାର ଅନ୍ତ ଘଟିଛି ।

ଆଲୋଚ୍ୟ ନାଟକରେ ଥିବା ଚରିତ୍ରମାନଙ୍କୁ ଅନୁଶୀଳନ କଲେ ଜଣାଯାଏ ଯେ, ନାଟକରେ ଛଅଟି ପୁରୁଷ, ଗୋଟିଏ ନାରୀ ଚରିତ୍ର ସହ ଶବକୁ ଏକ ଚରିତ୍ର ଭାବେ ନିଆଯାଇଛି । ନାଟକରେ ବିରୂପାକ୍ଷ ଚରିତ୍ରଟି ବିବେକର ପ୍ରତୀକ । ସେ ସର୍ବଦା ଅନ୍ୟ ଚରିତ୍ରମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଚେତେଇ ଆସିଛି । ନବେନ୍ଦୁ ଓ ଅଜନ୍ତା ଏ ଦୁହେଁ ପ୍ରଣୟୀ । ଏମାନେ ଭବିଷ୍ୟତରେ ବିବାହ କରିବାକୁ ମନସ୍ଥ କରିଥିଲେ ମଧ୍ୟ, ଗୁପ୍ତଧନର ଲାଳସା ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିଛି । ଅଜନ୍ତା ନବେନ୍ଦୁକୁ ଛାଡି ଗୁପ୍ତଧନ ପଛରେ ଧାଇଁଛି । ଏହି ଧନକୁ କରାଗତ ପାଇଁ ସେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେବାକୁ ମଧ୍ୟ ପ୍ରସ୍ତୁତ । ନାଟକରେ ସୁରେନ୍ଦ୍ର, କରୁଣା ଓ ଚିତ୍ତପ୍ରିୟ ଏ ତିନି କଲେଜ ଛାତ୍ର ଏବଂ ପରମବନ୍ଧୁ । ଗୁପ୍ତଧନର ଲୋଭ ଏମାନଙ୍କ ବନ୍ଧୁତ୍ୱର ବନ୍ଧନକୁ ଛିନ୍ନ କରିଛି । ଗୁପ୍ତଧନର ସନ୍ଧାନ ପାଇ ସୁରେନ୍ଦ୍ର ମାଟି ଖୋଳୁଥିବା ବେଳେ ତା ଧନରେ ଭାଗ ବସାଇଛି ପ୍ରଥମେ ଅଜନ୍ତା । ଆଲୋଚ୍ୟ ନାଟକରେ ମିଚ୍ଛୁ ଚରିତ୍ରଟି ଏକ କାର୍ ଡ୍ରାଇଭର । ସେ ମଞ୍ଚକୁ ଆସିନି । ନାଟକର କେନ୍ଦ୍ରବିନ୍ଦୁ ରୂପେ ଶବକୁ ନିଆଯାଇଛି । ଆଲୋଚ୍ୟ ନାଟକର ଚରିତ୍ରମାନେ କୌଣସି ବାସ୍ତବ ଜଗତର ଚଲାବୁଲା କରୁଥିବା ଚରିତ୍ର ନୁହଁନ୍ତି । ଏମାନେ ମଣିଷ ମନର ବିବିଧ କ୍ରିୟା ପ୍ରତିକ୍ରିୟାର ସ୍ୱରୂପ ଅଟନ୍ତି । ଏମାନେ ଜଣେ ଜଣେ ପ୍ରତୀକାତ୍ମକ ଚରିତ୍ର ଅଟନ୍ତି ।

‘ଶବବାହକମାନେ’ ନାଟକର ସଂଳାପ ଗୁଡିକ ଅତି କ୍ଷୁଦ୍ର, ସଂକ୍ଷିପ୍ତ ଏବଂ ପ୍ରତୀକାତ୍ମକ ଅଟେ । ସଂଳାପରେ ଓଡ଼ିଆ ଭାଷା ସହ କିଛି କିଛି ଇଂରାଜୀ ଶବ୍ଦର ମଧ୍ୟ ପ୍ରୟୋଗ ହୋଇଛି । ଯାହା ସଂଳାପଗୁଡିକୁ ପାତ୍ରୋପଯୋଗୀ କରିପାରିଛି । ନାଟକର ଆଲୋକ ସମ୍ପାତକୁ ଲକ୍ଷ୍ୟ କଲେ, ଏଥିରେ ସାଧାରଣତଃ ଦୁଇଟି ମହମବତୀ ଆଲୁଅରେ ସମ୍ପୂର୍ଣ୍ଣ ନାଟକ ମଂଚରେ ଅଭିନୀତ ହେଉଛି । ଏହା ମଧ୍ୟ ପରୀକ୍ଷାଧର୍ମୀ ନାଟକ କ୍ଷେତ୍ରରେ ଏକ ନୂତନ ପ୍ରୟୋଗ । ନାଟକଟିକୁ ମଂଚସ୍ଥ କରାଇବା ପାଇଁ ମଂଚକୁ ତିନୋଟି ଜୋନରେ ବିଭକ୍ତ କରାଯାଇ ଏକ ନମ୍ବର ରୁମ୍, ଦୁଇ ନମ୍ବର ରୁମ୍, ତିନି ନମ୍ବର ରୁମ୍ ନାମରେ ନାମିତ କରାଯାଇଛି । ମଂଚରେ ଷ୍ଟେଜ

ଫିଜ୍‌ଶୈଳୀର ପ୍ରୟୋଗ ହୋଇଛି, ଯାହା ଫଳରେ ଗୋଟିଏ ରୁମରେ ଅଭିନୟ ସରିବା ପରେ ସେଠାରେ ଥିବା ଚରିତ୍ର ସ୍ଥାଣୁ ପାଲଟି ଯାଉଛନ୍ତି, ପରବର୍ତ୍ତୀ ସମୟରେ ପୁନର୍ବାର ଆଲୋକ ଆସିଲେ ସେମାନେ ଅଭିନୟ ଆରମ୍ଭ କରୁଛନ୍ତି । ଅତ୍ୟଧିକ ମଂଚ ସାଜସଜ୍ଜାକୁ ଏ ନାଟକରେ ଗୁରୁତ୍ୱ ଦିଆଯାଇ ନାହିଁ । ଏକ ନମ୍ବର ରୁମରେ ସମସ୍ତ ଚରିତ୍ରମାନଙ୍କର ପରିଚୟ ପର୍ବ ଅନୁଷ୍ଠିତ ହୋଇଥିବାବେଳେ, ଦୁଇ ନମ୍ବର ରୁମ୍ ହୋଇଛି ଶବ, ଗୁପ୍ତଧନ ନକ୍ସା ପ୍ରାପ୍ତିର ସ୍ଥାନ । ତିନି ନମ୍ବର ରୁମକୁ ଯାଇ ଗୁପ୍ତଧନର ପ୍ରାପ୍ତି ନିମନ୍ତେ ଗଇଁତି ସାହାର୍ଯ୍ୟରେ ମାଟି ଖୋଳିଛନ୍ତି । ମଂଚରେ ଗଇଁତିକୁ ସାମର୍ଥ୍ୟର ପ୍ରତୀକ ଭାବରେ ନିଆଯାଇଛି । ଗଇଁତି ଯାହା ହାତରେ ଗୁପ୍ତଧନ ଓ ଅଜନ୍ତା ତାହାର । ଆଲୋଚ୍ୟ ନାଟକରେ ପ୍ରଥମରେ ଅନ୍ଧାରି ମଂଚର ପ୍ରୟୋଗ ଥିଲା ନାଟ୍ୟକାରଙ୍କ ଏକ ପରୀକ୍ଷା । ଏ ସମ୍ପର୍କରେ ନାଟ୍ୟକାର ବିଜୟ ମିଶ୍ର 'ଶବବାହକମାନେ' ନାଟକ ବହିର ପୃଷ୍ଠଭାଗରେ ଆଲୋଚନା କରିଛନ୍ତି । ମଂଚ କୌଶଳ ଦୃଷ୍ଟିରୁ ଅନୁଧ୍ୟାନ କଲେ 'ଶବବାହକମାନେ' ଏକ ସଫଳ ମଂଚ ନାଟକ ରୂପେ ପରିଲକ୍ଷିତ ହୁଏ ।

ପରିଶେଷରେ ନାଟ୍ୟକାର ବିଜୟ ମିଶ୍ର 'ଶବବାହକମାନେ' ନାଟକର ବକ୍ତବ୍ୟରେ ଏହା ସୂଚାଇଛନ୍ତି ଯେ, ସମାଜରେ ବଂଚୁଥିବା ପ୍ରତ୍ୟେକ ମଣିଷ ଜଣେ ଜଣେ ଶବରବାହକ ଅଟନ୍ତି । ମଣିଷର ନିଜ ଅନ୍ତରରେ ଥିବା ଈର୍ଷା, ମୋହ, କାମନା, ଅହଂକାର ରୂପକ ପଚାଶବକୁ ସର୍ବଦା ବୋହିଚାଲିଛି । ଉକ୍ତ ଶବକୁ ମାଟିତଳେ କବର ନଦେଲେ ସମାଜରେ ମଣିଷ ଜୀବନ ଦୁର୍ବିସହ ହୋଇପଡ଼ିବ । ତେଣୁ ଆଲୋଚ୍ୟ ନାଟକରେ ନାଟ୍ୟକାର ଚରିତ୍ରମାନଙ୍କର ଅନ୍ତରରେ ଥିବା ଈର୍ଷା, ମୋହ, କାମନା ଇତ୍ୟାଦି ରୂପକ ଶବକୁ ପେଟି ଭିତରେ ଶୁଆଇ କବର ଦେଇ ରାମ ନାମ ସତ୍ୟ ହୈ' ଉଚ୍ଚାରଣ କରାଇଛନ୍ତି । ନାଟକଟି ଅନ୍ଧାରରୁ ଆରମ୍ଭ ହୋଇ ଅନ୍ଧାରରେ ଶେଷ ହୋଇଛି । ନାଟ୍ୟକାର ବିଜୟ ମିଶ୍ରଙ୍କ ନାଟ୍ୟ ସୃଷ୍ଟିକୁ ଅନୁଧ୍ୟାନ କଲେ, ସେଥିରୁ ତାଙ୍କ ନାଟ୍ୟ ପ୍ରତିଭାର ଯଥାର୍ଥ ନିଦର୍ଶନ ମିଳେ । ଯାହା ଆଜି ମଧ୍ୟ ଓଡ଼ିଆ ନାଟ୍ୟସାହିତ୍ୟରେ ଚିର ସ୍ମରଣୀୟ ହୋଇରହିଛି ।

**ପ୍ରାନ୍ତଟୀକା :**


୧. ଚୌଧୁରୀ, ବିଜୟ କୁମାର; ବିଜୟ ମିଶ୍ରଙ୍କ ନାଟକରେ ପରୀକ୍ଷା ଓ ପ୍ରୟୋଗ, କଟକ, ଆର୍ଯ୍ୟ ପ୍ରକାଶନ, ପ୍ରଥମ ସଂ, ୨୦୧୭, ପୃଷ୍ଠା-୪୯

୨. ମିଶ୍ର, ଗିରୀଶଚନ୍ଦ୍ର; ଏକାଙ୍କିକା : ଧରା ଓ ଧାରା, କଟକ, ଆର୍ଯ୍ୟ ପ୍ରକାଶନ, ପୃଷ୍ଠା-୧୨୯

୩. ମିଶ୍ର, ବିଜୟକୁମାର; ଶବବାହକମାନେ, କଟକ, ସାଥୀ ପ୍ରକାଶନ, ତୃତୀୟ ସଂ, ୧୯୮୦, ପୃଷ୍ଠା-୭୪

୪. ଦାଶ, ସର୍ବେଶ୍ୱର; ଓଡ଼ିଆ ନାଟ୍ୟସାହିତ୍ୟ, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୨୦୨୦, ପୃଷ୍ଠା-୩୪୦

୫. ତତ୍ରୈବ, ପୃଷ୍ଠା-୩୩୯



ଗବେଷକ, ଓଡ଼ିଆ ବିଭାଗ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X (P), Vol.- 9, Issue No.X, January 2024
Bastabatara Pariprakash Prachee
*Peer Reviewed and Referred Research Journal*

# ସାଂସ୍କୃତିକ ବିବର୍ତ୍ତନ ତତ୍ତ୍ୱ ଓ ଭୌଗୋଳିକ କାରକ ବନାମ ବିଷୁବ ସଂକ୍ରାନ୍ତି : ଏକ ସୈଦ୍ଧାନ୍ତିକ ବିଶ୍ଳେଷଣ

ଡ. ସନ୍ତୋଷ କୁମାର ନାୟକ, ଓ.ଶି.ସେ-୧

ପ୍ରାଗୈତିହାସିକ ଯୁଗରୁ ଉତ୍କଳ ସଂସ୍କୃତି ଓ ସଭ୍ୟତାର ଅୟମାରମ୍ଭ । ଶାବର (ଅଷ୍ଟ୍ରିକ୍), ଦ୍ରାବିଡ଼ ଓ ଆର୍ଯ୍ୟ ଦର୍ଶନ, ଆର୍ଥନୀତିକ, ସାମାଜିକ, ରାଜନୀତିକ, ଭାଷିକ, ମନସ୍ତାତ୍ତ୍ୱିକ ଓ ସାଂସ୍କୃତିକ ଜୀବନଧାରାର ପାରସ୍ପରିକ ଆନ୍ତଃକ୍ରିୟା ଓ ଅନ୍ତଃକରଣ ଦ୍ୱାରା ଉତ୍କଳ ସଂସ୍କୃତି କାଳକ୍ରମେ ବିବର୍ତ୍ତିତ ହେବାରେ ଲାଗିଲା । ଓଡ଼ିଆ ଭାଷାରେ ଆର୍ଯ୍ୟମାନଙ୍କ ଭାଷାର ପ୍ରଭାବ, ଭାଷାଗତ ଚିନ୍ତା ଚେତନାର ପ୍ରଭାବ ସର୍ବାଧିକ ଥିଲାବେଳେ ଚାଲିଚଳଣି, ଖାଦ୍ୟପେୟ, ସାଂସ୍କୃତିକ ଜୀବନଧାରା କ୍ଷେତ୍ରରେ ଶାବର ଓ ଦ୍ରାବିଡ଼ ଆଦର୍ଶକୁ ସର୍ବାଧିକ ଗୁରୁତ୍ୱ ଦିଆଗଲା । ଆଦିମ ସମାଜ ବା ଆରଣ୍ୟକ, ଆଟବୀକ ସମାଜ କ୍ରମେ ବିବର୍ତ୍ତନ, ସଙ୍କରୀକରଣ ଓ ମିଶ୍ରଣ ଫଳରେ (ଦ୍ରାବିଡ଼ ଜାତି ସହ) ସାମାନ୍ୟ ପରିବର୍ତ୍ତନକୁ ସ୍ୱୀକାର କଲା । ପୋଡ଼ଚାଷରୁ କର୍ଷଣ ଜନିତ ଚାଷ ଆଡ଼କୁ ମୁହାଁଇଲା । ଶିକାର ଓ ଏକତ୍ରୀକରଣରୁ ପଶୁପକ୍ଷୀ ପାଳନ ଆଡ଼କୁ ମୁହାଁଇଲା । ଏଣୁ ଆଦିମ ସମାଜ ହେଲା କୃଷି କେନ୍ଦ୍ରିକ ସମାଜ । ଏହାପରେ ଯାଯାବର ଆର୍ଯ୍ୟଜାତି ସହ ସଂଘର୍ଷ-ସଂଘାତ-ସଂସର୍ଗ ଉତ୍ତାରେ ସୃଷ୍ଟି ହେଲା ପୌରସମାଜ ବା ସଂଘୀୟ, ସାଂସ୍କୃତିକ, ସୁପରକଳ୍ପିତ ସମାଜ ବ୍ୟବସ୍ଥା । ଏଠାରେ ଜାଣି ରଖିବା କଥା ଯେ, ମଣିଷ ଯେବେଠାରୁ କୃଷିକୁ ତା' ଜୀବନର କେନ୍ଦ୍ର କଲାଣି, ସେବେଠାରୁ ଏକ ସାନ୍ଦ୍ର ସଂସ୍କୃତିର ରେଖାପାତ ହେଲାଣି ତା' ମନରେ, ମସ୍ତିଷ୍କରେ ଓ ସାମୂହିକ ବିଚାର ବ୍ୟବସ୍ଥାରେ । କହିବା ବାହୁଲ୍ୟ ଯେ, ଓଡ଼ିଆ ସଂସ୍କୃତି ଉଭୟ ଆର୍ଯ୍ୟ ଓ ଅଣ-ଆର୍ଯ୍ୟ ଜାତିର ଏକ ସୁଚିନ୍ତିତ ସମନ୍ୱୟ ମାତ୍ର । ପୁନଶ୍ଚ ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିରୁ ଦେଖିଲେ ଦୁଇଟି ଭିନ୍ନ ଭିନ୍ନ ଜାତିର ବା ମାନସିକତା ସମ୍ପନ୍ନ ଐତିହ୍ୟ ଓ ପରମ୍ପରାର ସମ୍ମିଶ୍ରଣ ଫଳରେ ଓଡ଼ିଆ ସଂସ୍କୃତିର ସୃଷ୍ଟି ହୋଇଛି । ସେହି ଦୁଇଟି ହେଉଛି ଔଡ୍ର ଓ କାଳିଙ୍ଗ୍ୟ ସଂସ୍କୃତି ଓ ମାନସିକତା । ମହାଭାରତରେ ଏ ଉଭୟ ଜାତିର ବର୍ଣ୍ଣନା ରହିଛି । ଉଡ୍ର ଜାତିର ବୀରଗଣ ପାଣ୍ଡବମାନଙ୍କ ପକ୍ଷରେ ଯୁଦ୍ଧ କରିଥିଲା ବେଳେ କଳିଙ୍ଗ ବୀରଗଣ କୌରବ ସେନା ପକ୍ଷରୁ ଲଢ଼େଇ କରୁଥିଲେ । ଏ ଉଭୟ ଜାତି ଥିଲେ ବୀର ପ୍ରବୃତ୍ତିର । ଏହି ଉଭୟ ଭୂମିରେ ଜୈନ ଓ ବୌଦ୍ଧ ସଂସ୍କୃତିର ପ୍ରବାହ ଦେଖିବାକୁ ମିଳିଥାଏ । ବୌଦ୍ଧଧର୍ମର ସୁଦୀର୍ଘ ପ୍ରଭାବ ଓ ପ୍ରବାହ ଫଳରେ ଏହାର ଦର୍ଶନ ମଧ୍ୟ ଏଠାକାର ଲୋକମାନସକୁ ସେହିପରି ତଲ୍ଲୀନ ବା ପ୍ରଭାବିତ କରିଥିବା କଥା ସ୍ୱାଭାବିକ ମନେହୁଏ ।

ସୁତରାଂ ଓଡ଼ିଶାର ସାଂସ୍କୃତିକ ପୃଷ୍ଠଭୂମି ଆଲୋଚନା କଲା ସମୟରେ ଆର୍ଯ୍ୟ-ଦ୍ରାବିଡ଼ ଓ ଅଷ୍ଟ୍ରିକ୍ ଜାତିର ସଂସ୍କୃତି କଥାକୁ କେବଳ ବିଚାରଭୁକ୍ତ କଲେ ହେବ ନାହିଁ, ଅଧିକନ୍ତୁ ଏହି ଭୂମିରେ ଏହି ତ୍ରିବିଧ ଜାତି (Race) ଗତ ଦର୍ଶନ ସଙ୍ଗେ ସଙ୍ଗେ ବୌଦ୍ଧ ଦର୍ଶନ ଓ ଜୈନ ଦର୍ଶନାଦିକୁ, ଯାହା ଏ ମାଟି ଓ ଜାତି ସହ ଜଡ଼ିତ, ଆଲୋଚନା ଭୁକ୍ତ କରିବା ବିଧେୟ ବୋଲି ମନେହୁଏ । ସମଗ୍ର ଉତ୍ତର ଭାରତରେ ଆର୍ଯ୍ୟ ସଂସ୍କୃତି ବା ବୈଦିକ ସଂସ୍କୃତି ତଥା ଚାତୁର୍ବର୍ଣ୍ଣ୍ୟ ବିଧି ବ୍ୟବସ୍ଥା ପ୍ରଚଳିତ ଥିଲାବେଳେ କଳିଙ୍ଗ ଏବଂ ଉଡ୍ର ଦେଶରେ ଏହି ବ୍ୟବସ୍ଥା ପ୍ରଚଳିତ ନଥିଲା । ଏହାର କାରଣ ଏଠାରେ ମୂଳତଃ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ଜାତିର ବସତି ଥିଲା । ଏମାନେ ଖୁବ୍ ସାହସୀ ଓ ପରାକ୍ରମୀ ଥିଲେ । ଯୁଦ୍ଧଖୋର ମନୋବୃତ୍ତି ହେତୁ ଏହି ପ୍ରଦେଶର ଜନସାଧାରଣଙ୍କୁ 'ଦୁର୍ଦ୍ଦମନ' ବୋଲି କୁହାଯାଉଥିଲା । ରକ୍ଷଣଶୀଳ ବୈଦିକ ସଂସ୍କୃତିରେ ସେଥିପାଇଁ ଏମାନଙ୍କ ପ୍ରତି ଏକ ପ୍ରକାର ନାସାକୁଂଚନ ଦେଖା ଯାଇଥିଲା । 'ଶତପଥ ବ୍ରାହ୍ମଣ', 'ବୌଦ୍ଧାୟନ ଧର୍ମସୂତ୍ର'ର ବର୍ଣ୍ଣନାରୁ ଏହି ଅଞ୍ଚଳର ଅଧିବାସୀଙ୍କ ସମ୍ପର୍କରେ ପରୋକ୍ଷ ମତ

ମିଳିଥାଏ । ସେହିପରି ଗ୍ରୀକ୍ ଐତିହାସିକ ପ୍ଲିନୀ ଓ ରୋମାନ୍ ଭୌଗୋଳିକ ଟଲେମୀଙ୍କ ବିବରଣୀରୁ ମଧ୍ୟ ଏମାନଙ୍କର ଆର୍ଯ୍ୟ ବିରୋଧୀ ମନୋବୃତ୍ତି ସ୍ପଷ୍ଟ ହୁଏ । "ତେଣୁ କଳିଙ୍ଗବାସୀ ପ୍ରଥମେ ଜନଜାତି ଭାବରେ ଆର୍ଯ୍ୟ ଧର୍ମ ଗ୍ରହଣ କରି ନଥିଲେ । ସେମାନଙ୍କର ଧର୍ମବିଶ୍ୱାସ 'ପ୍ରକୃତି' ଉପରେ ଆଧାରିତ ଥିଲା ।" (ମିଶ୍ର, ୨୦୧୨:୩୮) ଏହି ପ୍ରକୃତିପ୍ରାଣତା ଓ ପ୍ରକୃତି କୈନ୍ଦ୍ରିକତା ଓଡ଼ିଆ ଜାତିର ବିଶେଷତ୍ୱ ଓ ତା'ର ଅସ୍ମିତାର ପରିଚୟ । ଅର୍ଥାତ୍ ଏହି ଜାତିର ସଂସ୍କୃତି ଓ ପରମ୍ପରା ସର୍ବଦା ପ୍ରକୃତି ଆଶ୍ରୟୀ, ଏଣୁ ବୈଜ୍ଞାନିକ । ଓଡ଼ିଶାର ଭୂଗୋଳ, ଭୌଗୋଳିକ ଅବସ୍ଥିତି, ସୂର୍ଯ୍ୟ-ଚନ୍ଦ୍ରର ପ୍ରଭାବ ପ୍ରଭୃତିକୁ ଲକ୍ଷ୍ୟ କରି ଏହାର ଅଧିବାସୀ ସ୍ୱତନ୍ତ୍ର ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଛନ୍ତି ।

ମଣିଷର ଜୀବନ ପ୍ରଥମ, ତା'ପରେ ଆସେ ଜୀବିକା । ଜୀବିକା ପରେ ଆସେ ସମାଜ ଓ ସମାଜ ପରେ ସେ ତା'ର ପ୍ରାଚୀନ ଓ ପାରମ୍ପରିକ, କାଳାନୁକ୍ରମିକ ଅନୁଭୂତିରୁ ଚଳାଏ ଏକ ଧାରାବାହିକ ପରମ୍ପରା । ଏହାରି ଭିତରେ ଅନ୍ତଃସଲିଳା ଫଲଗୁ ପରି ରହିଥାଏ ସଂସ୍କୃତି । ଏହି ସଂସ୍କୃତି ଏକ ବିଶ୍ୱାସ କୈନ୍ଦ୍ରିକ ଅଭ୍ୟାସ ମାତ୍ର । ଏହା ଏକ ସାମୂହିକ ବିଶ୍ୱାସ କୈନ୍ଦ୍ରିକ ସାମୂହିକ ଅଭ୍ୟାସ ମାତ୍ର । ଡାରଓ୍ୱିନ୍‌ଙ୍କ ବିବର୍ତ୍ତନବାଦୀ ସିଦ୍ଧାନ୍ତ ଓ ନିର୍ଣ୍ଣିତ ବଂଶାନୁକ୍ରମିକତା ମଧ୍ୟ 'ସଂସ୍କୃତି' ପ୍ରତି ସମଧିକ ପ୍ରଯୁଜ୍ୟ । ଅର୍ଥାତ୍ ସଂସ୍କୃତିର ମଧ୍ୟ ଉନ୍ମେଷ, ବିକାଶ ଓ ଉତ୍ତରଣ ରହିଛି ।

ଆରିଷ୍ଟଟଲ୍‌ଙ୍କ ଠାରୁ ଡାରଓ୍ୱିନ୍‌ଙ୍କ ପର୍ଯ୍ୟନ୍ତ ସବୁଠାରେ ଏହି ସାଂସ୍କୃତିକ ବିବର୍ତ୍ତନବାଦୀ ଅବଧାରଣା କଥା କୁହାଯାଇଛି । ୧୯୬୫ରେ ପୂର୍ଣ୍ଣାଙ୍ଗ 'ସମାଜ-ସାଂସ୍କୃତିକ ବିବର୍ତ୍ତନ' ତତ୍ତ୍ୱ ପ୍ରକାଶ ଲାଭ କଲା । ଏଫ୍.ଟି. କ୍ଲୋକ୍ ୧୯୭୫ ମସିହାରେ Cultural Corpuscles ବା ବୈଚାରିକ / ଭାବନାତ୍ମକ ତଥା ପ୍ରତ୍ୟୟଗତ ସଂସ୍କୃତି ଭୌତିକ ସଂସ୍କୃତିରେ ବା material artefact ରେ ପରିଣତ ହୋଇଥାଏ ବୋଲି କହିଥିଲେ । ଅବଶ୍ୟ ଏହିଠାରେ ଯୁକ୍ତି ଉଠେ ଯେ, ସାଂସ୍କୃତିକ ବିବର୍ତ୍ତନ ପାଇଁ ସ୍ନାୟବିକ ଆଦେଶ ବା ଅନୁଜ୍ଞାର ଆବଶ୍ୟକତା ରହିଛି ବା ରହିନାହିଁ । ସଂସ୍କୃତି ବିବର୍ତ୍ତନର ଅନ୍ୟ କେତେକ ତତ୍ତ୍ୱ ହେଉଛି ଏକରୈଖୀୟ ତତ୍ତ୍ୱ (ହର୍ବଟ୍ ସ୍ପେନସର), ସାଂସ୍କୃତିକ ସ୍ୱତନ୍ତ୍ରତାବାଦ ତତ୍ତ୍ୱ (ଫ୍ରାନ୍‌ଜ ବୋଆସ୍), ବହୁରୈଖୀୟ ତତ୍ତ୍ୱ (ଲେସ୍‌ଲି ଏ ହ୍ୱାଇଟ୍, ଜୁଲିଆନ୍ ଷ୍ଟିଓ୍ୱାର୍ଡ, ମାର୍ଶଲ ଶାହଲିନ୍‌ସ ଓ ଏଲ୍‌ମନ୍ ସର୍ଭିସ୍), ମିମେଟିକ୍ସ ବା ଅନୁକରଣ ତତ୍ତ୍ୱ (ରିଚାର୍ଡ ଡାଓକିନ୍‌ସ), ବୈବର୍ତ୍ତନିକ ମୀମାଂସାବାଦ (କାର୍ଲ ପ୍ରପର) ଓ ଦ୍ୱୈତ ବଂଶାନୁକ୍ରମ ତତ୍ତ୍ୱ ବା ଗୁଣସୂତ୍ର ସଂସ୍କୃତି ସହ ବିବର୍ତ୍ତନ ତତ୍ତ୍ୱ ବା ଜୈବ ସାଂସ୍କୃତିକ ବିବର୍ତ୍ତନ ତତ୍ତ୍ୱ (୧୯୬୦-୧୯୮୦) । ଏସବୁର ଅନୁଶୀଳନ ଉତ୍ତାରେ ସଂସ୍କୃତିର ବିକାଶ ଓ ବିବର୍ତ୍ତନ କଥା ସହ ମଣିଷର ଜାତି, ଗୁଣାବଳୀ, ପରିବେଶ, ପରିସର, ପ୍ରକାର୍ଯ୍ୟ, ପରିଚୟ, ପ୍ରକୃତି ପ୍ରଭୃତି କିପରି ବିଜଡ଼ିତ ସେ ସମ୍ପର୍କରେ ସୂଚନା ମିଳେ । ସେ ସୂତ୍ରରେ ଓଡ଼ିଶାର ସଂସ୍କୃତିଗୁଡ଼ିକର ଉନ୍ମେଷ ଓ ବିକାଶ ମଧ୍ୟ ଗ୍ରହଣୀୟ ।

ବର୍ତ୍ତମାନ ଆମେ ଚିନ୍ତା କରିବା ଓଡ଼ିଶାରେ ଉପର ଆଲୋଚିତ ବିବିଧ ତତ୍ତ୍ୱ ଓ ତଥ୍ୟ କୈନ୍ଦ୍ରିକ ସଂସ୍କୃତିର ରୂପରେଖ ଓ କ୍ରମ ବିବର୍ତ୍ତିତ ସ୍ୱରୂପ ସମ୍ପର୍କରେ । "ସମାଜ ହେଉଛି ମାନବ ଗୋଷ୍ଠୀର ବାହ୍ୟରୂପ । ସଂସ୍କୃତି ହେଉଛି ସମାଜର ଅନ୍ତଃରୂପ । ତେଣୁ ସମାଜ ଓ ସଂସ୍କୃତି ମଧ୍ୟରେ ନିହିତ ବିଭେଦ ବିଶେଷ ପରିମାଣରେ ସଂଘଟିତ ହୋଇନଥାଏ ।" (ଷଡ଼ଙ୍ଗୀ, ୧୯୯୩:୧୭) ସଂସ୍କୃତି ପରିବର୍ତ୍ତନଶୀଳ ହେଲେ ହେଁ ଏକାବେଳେ ସ୍ଥିତି ରହିତ ହୋଇ ନଥାଏ । ସମାଜର ସଂସ୍କାର ଆସିଲେ ତାହା ସଂସ୍କୃତି ମାଧ୍ୟମରେ ପ୍ରତିଫଳିତ ହୁଏ । ଡକ୍ଟର ଷଡ଼ଙ୍ଗୀଙ୍କ ବକ୍ତବ୍ୟ ଏ ମର୍ମରେ ଏଠାରେ ପ୍ରଣିଧାନଯୋଗ୍ୟ । ସଂସ୍କୃତି ଯଦି ସାମୂହିକ ବିଚାର ବା ଧାରଣା ହୁଏ ସଭ୍ୟତା ହେବ ତା'ର ଆଚାର ଓ କ୍ରିୟା ବିଶେଷ । "ସଂସ୍କୃତି ହେଉଛି ମାନବ ପ୍ରକୃତିର ଏକ ପରିଚ୍ଛନ୍ନ ଅଭିବ୍ୟକ୍ତି । ମାନବର ଚିନ୍ତା, ଚେତନା, ଦୃଷ୍ଟି, ଦର୍ଶନ, ଚାହାଣୀ, ଚଳଣି, ଧର୍ମ, ସାହିତ୍ୟ, ବିଜ୍ଞାନ ସବୁ କିଛି ତା'ର ସଂସ୍କୃତିରେ ହିଁ ପ୍ରତିଫଳିତ ହୋଇଥାଏ । ଏପରିକି ମଣିଷର ସୁଖଦୁଃଖ ଆନନ୍ଦ ବିଷାଦ ମଧ୍ୟ ସଂସ୍କୃତି ଭିତରେ ରୂପାୟିତ ହୋଇଥାଏ ।"(୧୮) ଜ୍ଞାନ ବିଜ୍ଞାନ ଠାରୁ ଆରମ୍ଭ କରି ସାମୂହିକ ବିଶ୍ୱାସ ବୋଧ, ଅନୁଭବ ଓ ଅଭିଜ୍ଞତା ପ୍ରସୂତ ନୈତିକତା, ଧାରଣା ପ୍ରଭୃତି ଯେଉଁ ମୂଲ୍ୟବୋଧ କୈନ୍ଦ୍ରିକ ଆଚରଣ ସୃଷ୍ଟି କରିଥାଏ, ସେହି ଆଚରଣର ପ୍ରେରଣା ହିଁ ସଂସ୍କୃତି ଓ ସାଂସ୍କୃତିକ ମୂଲ୍ୟବୋଧ ।

ଆଧୁନିକ ଓଡ଼ିଶାର ଆତ୍ମା ଓ ତା'ର ଆତ୍ମିକ ଆବେଦନକୁ ବୁଝିବାକୁ ହେଲେ ଆମକୁ ସର୍ବପ୍ରଥମେ ବୁଝିବାକୁ ପଡ଼ିବ ଏହାର ଐତିହାସିକ ସ୍ଥିତିକୁ । ଅତୀତର ଉତ୍କଳ, କଳିଙ୍ଗ, କୋଶଳ, ଉଡ୍ର ଆଦି ଅଞ୍ଚଳର ମିଳନରେ ଆଜିର ଓଡ଼ିଶା ଗଠିତ । ପ୍ରାଚୀନ କାଳରେ ଉଡ୍ର, ଉତ୍କଳ, କଳିଙ୍ଗ ଓ କୋଶଳ ରାଜ୍ୟମାନଙ୍କର ଭୌଗୋଳିକ ଅବସ୍ଥିତି ଥିଲା ସଂପୂର୍ଣ୍ଣ ସ୍ୱତନ୍ତ୍ର । "ଗଙ୍ଗା ଠାରୁ ଗୋଦାବରୀ ବ୍ୟାପି ଭୂଖଣ୍ଡ କଳିଙ୍ଗ ନାମରେ ପରିଚିତ ଥିଲା । ପରେ ପରେ ଏହାର ନାମ ହୋଇଛି ଉତ୍କଳ ଏବଂ ଏହାର ଅନେକ ଅଂଶ ଆଧୁନିକ ଓଡ଼ିଶାର ଭୌଗୋଳିକ ସୀମା ମଣ୍ଡନ କରିଛି ।" (ଷଡ଼ଙ୍ଗୀ, ୩୩) ସେହିପରି କୋଶଳ ରାଜ୍ୟର ସୀମା ମଧ୍ୟପ୍ରଦେଶ,

ରାୟପୁର, ଜବଲପୁର ଦେଇ ଓଡ଼ିଶାର ଯାଜପୁର ବା ଯାଜନଗ୍ର ଯାଏ ବିସ୍ତୃତ ଥିଲା । ସୁତରାଂ ଆଜିର ଓଡ଼ିଶା କହିଲେ ଆମେ ଯାହା ବୁଝୁ ବା ଓଡ଼ିଶାର ଅଧିବାସୀ କହିଲେ ଯାହା ବୁଝୁ ତାହା ହେଉଛି ତିନୋଟି ସଂସ୍କୃତିର ସମନ୍ୱୟ ମାତ୍ର । ସେହି ସଂସ୍କୃତିଗୁଡ଼ିକ ହେଲେ ଉତ୍କଳର ସଂସ୍କୃତି, କଳିଙ୍ଗର ସଂସ୍କୃତି ଓ କୋଶଳର ସଂସ୍କୃତି । ଓଡ଼ିଶାର ଆଦିମ ଅଧିବାସୀ ଭାବରେ ଆମେ ଉଡ୍ରମାନଙ୍କୁ ଗ୍ରହଣ କରିଥାଉ । ସୁତରାଂ ସେମାନଙ୍କ ସଂସ୍କୃତିକୁ ପରିହାର କରିବା ସମ୍ଭବପର ନୁହେଁ । ସେମାନେ ସାଧାରଣତଃ କୃଷି ସଂପ୍ରଦାୟର ଓ ରଢ଼ିବାଦୀ ମନୋବୃତ୍ତିର । କାଳକ୍ରମେ ଆର୍ଯ୍ୟ, ଦ୍ରାବିଡ଼ ଜାତି ତଥା ଅନ୍ୟାନ୍ୟ ସାଂସ୍କୃତିକ ଗୋଷ୍ଠୀର ସଂସ୍ପର୍ଶରେ ଆସି ଏମାନେ ପରିବର୍ତ୍ତିତ ହେଲେ । ସୂଚନାଥାଉ କି ଭୌଗୋଳିକ ଅବସ୍ଥିତି ଓ ପରିସ୍ଥିତି ବ୍ୟକ୍ତି, ଗୋଷ୍ଠୀ ବା ଗୋଟିଏ ଜାତିର ସଂସ୍କୃତିକୁ ସିଧାସଳଖ ପ୍ରଭାବିତ କରିଥାଏ । ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଏ ଦିଗରେ ନିଶ୍ଚିତ ଭାବରେ ଗ୍ରହଣୀୟ ଓ ବିଚାରଯୋଗ୍ୟ ।

ପୃଥିବୀର ଆକୃତି ଓ ପ୍ରକୃତି ଅନୁସାରେ ବିବିଧ ଅଞ୍ଚଳର ପରିବେଶ ଓ ପରିସ୍ଥିତି ନିରୂପିତ ହୋଇଥାଏ । ସେହି ପରିବେଶ ଓ ପରିସ୍ଥିତି ଅନୁସାରେ ଖାପଖୁଆଇ ଚଳିବାକୁ ସେ କିଛି କିଛି ଗୋଷ୍ଠୀଗତ, କାଳାନୁକ୍ରମିକ ଅଭ୍ୟାସ ତିଆରି କରିଥାଏ । ସୁତରାଂ ସଂସ୍କୃତି ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ହେବା ନିମିତ୍ତ ଏକ କାରକ ହେଉଛି ଭୂଗୋଳ ବା ଭୌଗୋଳିକ ପରିସ୍ଥିତି । ଭୌଗୋଳିକ ସ୍ଥିତି ହିଁ ସଂସ୍କୃତିକୁ ମୁଖ୍ୟତଃ ରୂପ ଦେଇଥାଏ । ଜଳବାୟୁ, ପ୍ରାକୃତିକ ସଂପଦ ଓ ତାପମାତ୍ରା ସହ ଭୂମିର ଆକାର ପ୍ରକାର ସଂପୃକ୍ତ ସ୍ଥାନର ସଂସ୍କୃତିକୁ ନିରୂପଣ କରିଥାଏ । ଦୃଷ୍ଟାନ୍ତ ସ୍ୱରୂପ କେଉଁ ଫୁଲ, କେଉଁ ଫଳ ବର୍ଷର କେଉଁ ସମୟରେ ବ୍ୟବହାର ଯୋଗ୍ୟ ବା ଆହାର ଯୋଗ୍ୟ ହେବ ତାହା ସଂପୃକ୍ତ ଅଞ୍ଚଳର ଅଧିବାସୀ ଏକ ପରମ୍ପରା କ୍ରମିକ ଅଭ୍ୟାସ ଦ୍ୱାରା ନିରୂପିତ କରିଥାନ୍ତି । ଏହାକୁ ସଂସ୍କୃତି ବୋଲି ମାନି ନେଇ ସେମାନେ ଜୀବନଯାପନ କରନ୍ତି । ଏହିପରି ଏକ ସଂସ୍କୃତିର ଅୟମାରମ୍ଭ ହୋଇଥାଏ । ଅବସ୍ଥିତି ଅନୁସାରେ ଆଞ୍ଚଳିକ ଅଧିବାସୀଙ୍କ ବ୍ୟବହାର, ଖାଦ୍ୟପେୟ ଓ ପୋଷାକ ପରିଚ୍ଛଦ ମଧ୍ୟ ନିରୂପିତ ହୋଇଥାଏ । ସେଥିପାଇଁ ଚୀନବାସୀଙ୍କ ଠାରୁ ଜାପାନୀମାନେ ଅଧିକ ପରିଚ୍ଛନ୍ନ ଓ ସ୍ୱଚ୍ଛ । ଭୌଗୋଳିକ ବିବିଧତା ଓ ବିନ୍ୟାସ ହିଁ ଜୀବନଧାରାର ନିୟନ୍ତକ । ତେଣୁ ବିବିଧ ଧାରଣା-ଅବଧାରଣା ଓ ପରମ୍ପରା ପ୍ରଭୃତିକୁ ବିସ୍ତୃତ କରିବା ପାଇଁ ବିବିଧତା, ବିଶେଷ କରି ଭୌଗୋଳିକ ବିବିଧତା ବିଶେଷ ଭୂମିକା ଗ୍ରହଣ କରିଥାଏ । ସୂକ୍ଷ୍ମତଃ ବିଚାର କଲେ ଆମେରିକା ଓ ଆଫ୍ରିକାର ଅଧିବାସୀମାନଙ୍କ ଠାରୁ ୟୁରୋପର ଅଧିବାସୀମାନଙ୍କ ସମୟ ଜ୍ଞାନ, ସମୟ ସଚେତନତା ପୃଥକ୍ । ବିଜ୍ଞାନୀମାନେ ଏଥିପାଇଁ ବିବିଧ ଭୌଗୋଳିକ ଅବସ୍ଥିତି ଓ ପରିସ୍ଥିତିକୁ ଦାୟୀ କରନ୍ତି । ପକ୍ୱ ଆମ୍ବ ବା ପଣସ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ତାପମାତ୍ରା ସମ୍ପନ୍ନ ପରିବେଶରେ ସମ୍ଭବ ହୋଇଥାଏ । ସୁତରାଂ ଏହା ପ୍ରକୃତିର ସେହି ଅଞ୍ଚଳକୁ ସେହି ସମୟର ଦାନ ବୋଲି କୁହାଯାଇପାରେ । ସୁତରାଂ ସେହି ସମୟରେ ଏକ ପର୍ବ ବା ତିଥି ଅନୁସାରେ ଏକ ରିଚୁଆଲ୍ ଦ୍ୱାରା ତା'ର ବ୍ୟବହାର କରାଯାଏ । ବେଲପଣା ପାନ କରିବା ଏହାର ଅନ୍ୟ ଏକ ଦୃଷ୍ଟାନ୍ତ ହୋଇପାରେ । ଏହା ପ୍ରକୃତିକୁ ସମ୍ମାନ ଦେବା ସହ ଏକ ପ୍ରକୃତି କୈନ୍ଦ୍ରିକ ସଭ୍ୟତାରୁ ଏହାର ଉତ୍ସ ବୋଲି ପ୍ରମାଣ କରିଥାଏ । ଖାଦ୍ୟ-ବସ୍ତ୍ର-ବାସଗୃହ-ଆଚାର-ବିଚାର-ବ୍ୟବହାର-ପ୍ରକୃତି-ପ୍ରବୃତ୍ତି ପ୍ରଭୃତି ସବୁ କିଛି ସଂସ୍କୃତିର ଏକ ଏକ ଚିନ୍ମୟ ପରିପ୍ରକାଶ ମାତ୍ର । ପୁଣି ଏସବୁ କିଛି ପ୍ରକୃତି ଅନୁସାରୀ । ଦେଖିବାକୁ ଗଲେ ପରିବେଶ କୈନ୍ଦ୍ରିକ, ଆର୍ଥନୀତିକ, ଜାତିଭିତ୍ତିକ ଓ ଧର୍ମଭିତ୍ତିକ ସାଂସ୍କୃତିକ ବିଭେଦନ ମଧ୍ୟ ଏହି ଭୂଗୋଳ ଓ ଭୌଗୋଳିକ ସ୍ଥିତି ଆଧାରରେ ହୋଇଥାଏ ।

ବର୍ତ୍ତମାନ ଆମେ ଓଡ଼ିଶାର ଅନନ୍ୟ ସଂସ୍କୃତି ବିଷୁବ ସଂକ୍ରାନ୍ତି ସମ୍ପର୍କରେ ବିଚାର କରିବା । ଓଡ଼ିଶାର ଇତିହାସ ଓ ପରମ୍ପରାକୁ ଅନୁଧ୍ୟାନ କଲେ ତା'ର ସାଂସ୍କୃତିକ ସ୍ୱରୂପ ଓ ଉତ୍ସାବଳୀକୁ ଅନୁଶୀଳନ କଲେ ଏହା ସ୍ପଷ୍ଟ ହେବ ଯେ, ଅନେକ ଜାତି (Race) ସଂସ୍ପର୍ଶରେ ଆସି ଏହା ନିଜେ ସ୍ୱତନ୍ତ୍ର ହେବା ସହ ପରିପୁଷ୍ଟ ମଧ୍ୟ ହୋଇଛି । ଓଡ଼ିଶାର ଏହି ବୈଚିତ୍ର୍ୟ ଓ ବୈପୁଲ୍ୟଯୁକ୍ତ ସଂସ୍କୃତିର ଭୂମିରେ ଯେଉଁ ଏକାଧିକ ସଂସ୍କୃତିର ସମନ୍ୱୟ ଘଟିଛି ସେଗୁଡ଼ିକ ହେଲା– ଅରଣ୍ୟ ସଂସ୍କୃତି, ଆଦିବାସୀ ସଂସ୍କୃତି (ଅଷ୍ଟ୍ରିକ୍ ସଂସ୍କୃତି), ଗ୍ରାମଦେବୀ ସଂସ୍କୃତି, ପୁରାଣ ସଂସ୍କୃତି, ବେଳାଭୂମି ସଂସ୍କୃତି (ଆଗନ୍ତୁକ ଆର୍ଯ୍ୟଜାତିର ସଂସ୍କୃତି), ନଦୀ ଉପତ୍ୟକା ସଂସ୍କୃତି, ବୈଦିକ ସଂସ୍କୃତି, ବ୍ରାତ୍ୟ ସଂସ୍କୃତି, କୃଷିଭିତ୍ତିକ ସଂସ୍କୃତି (ଉଡ୍ର/ଅଷ୍ଟ୍ରିକ୍ ସଂସ୍କୃତି), ଜୀବଜନ୍ତୁ ସଂସ୍କୃତି (ଅଷ୍ଟ୍ରିକ୍ ସଂସ୍କୃତି), ବସ୍ତି ସଂସ୍କୃତି (ଆର୍ଯ୍ୟ), ଉତ୍କଳୀୟ ସଂସ୍କୃତି, କାଳିଙ୍ଗ୍ୟ ସଂସ୍କୃତି, କୋଶଳ ସଂସ୍କୃତି, ଦ୍ରାବିଡ଼ ସଂସ୍କୃତି, ଅଷ୍ଟ୍ରିକ୍ ସଂସ୍କୃତି, ଆର୍ଯ୍ୟ ସଂସ୍କୃତି (ଆଗନ୍ତୁକ ବହିରଂଗ), ଶୈବ ସଂସ୍କୃତି, ଜୈନ ସଂସ୍କୃତି, ବୌଦ୍ଧ ସଂସ୍କୃତି, ଲୋକ ସଂସ୍କୃତି, ଦାରୁ ଉପାସନା ସଂସ୍କୃତି ବା ଶାବର ସଂସ୍କୃତି, ଶ୍ରୀଜଗନ୍ନାଥ ସଂସ୍କୃତି, ସୌର-ଶାକ୍ତ-ଗାଣପତ୍ୟ-ପଞ୍ଚ ଦେବତା ଉପାସନାଗତ ସଂସ୍କୃତି ଇତ୍ୟାଦି ଅନେକ । ମୋଗଲ, ପାର୍ସି, ଆରବୀ, ତୁର୍କୀ ପ୍ରଭୃତିଙ୍କ ଆଗମନ, ଶାସନ ଓ ରହଣି ଫଳରେ କିଛି ସାଂସ୍କୃତିକ ପରିବର୍ତ୍ତନ ସଂଘଠିତ ହେଲା । ସେହିପରି ଅନୁରୂପ ପରିବର୍ତ୍ତନ ଦେଖାଗଲା ବ୍ରିଟିଶ୍, ପର୍ତ୍ତୁଗୀଜ, ଓଲନ୍ଦାଜ, ଫରାସୀ ପ୍ରଭୃତି ବିଦେଶୀ ୟୁରୋପୀୟ ଜାତିଙ୍କ ଆଗମ,

ବାଣିଜ୍ୟ ଓ ଶାସନ ତଥା କମ୍ପାନୀ ସ୍ଥାପନ ଓ ରହଣି ଦ୍ୱାରା । ବର୍ତ୍ତମାନ ବିଦେଶକୁ ଯିବାଆସିବା ଓ ରାଜନୀତିକ-ଆର୍ଥନୀତିକ-ସାମରିକ-ସାମାଜିକ-ବାଣିଜ୍ୟିକ ଓ ଦାର୍ଶନିକ ଆଦାନ ପ୍ରଦାନ ମାଧ୍ୟମରେ ବିବିଧ ପରିବର୍ତ୍ତନ ଦେଖା ଦେଉଛି । ବିଶେଷ କରି ନବେ ଦଶକରେ ଯେଉଁ ଏଲ୍.ପି.ଜି. ବା ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ମାଧ୍ୟମରେ ଦେଶ-ଦେଶ, ଜାତି-ଜାତି, ରାଷ୍ଟ୍ର-ରାଷ୍ଟ୍ର, ସଂସ୍କୃତି-ସଂସ୍କୃତି, ସଭ୍ୟତା-ସଭ୍ୟତା, ଆଚାର-ଆଚାର, ବିଚାର-ବିଚାର, ବିଶ୍ୱାସ-ବିଶ୍ୱାସ, ଧର୍ମ-ଧର୍ମ, ପରମ୍ପରା-ପରମ୍ପରା ମଧ୍ୟରେ ସଂଘାତ, ସଂଘର୍ଷ ଓ ସଂସର୍ଗ ଦେଖାଗଲା, ତଦ୍ଦ୍ୱାରା ସଂସ୍କୃତି କ୍ଷେତ୍ରରେ ଅପୂର୍ବ ପରିବର୍ତ୍ତନ ଆସିଲା । ଅବଶ୍ୟ ଓଡ଼ିଶା ଝାଡ଼ଖଣ୍ଡ ପ୍ରଭୃତି ସେ ଦୃଷ୍ଟିରୁ ସାମାନ୍ୟ ରକ୍ଷଣଶୀଳ ଥିଲା ପରି ମନେହୁଏ ତଥାପି କୌଣସି ଭାରତୀୟ ରାଜ୍ୟ ଅପ୍ରଭାବିତ ହେଲାପରି ମନେ ହୁଏ ନାହିଁ ।

ଓଡ଼ିଶାରେ ପାଳିତ ପର୍ବପର୍ବାଣି ଓ ବିଧି ବ୍ୟବସ୍ଥା ଅତୀବ ବୈଜ୍ଞାନିକ । ଓଡ଼ିଶାର ଅକ୍ଷାଂଶ ଓ ଦ୍ରାଘିମାଗତ ଅବସ୍ଥିତି ହେଉଛି ଯଥାକ୍ରମେ ୨୦.୯୪୦୯୨୦ ଓ ୮୪.୮୦୩୪୬୭ । ଏହାର ଭୌଗୋଳିକ ଅବସ୍ଥିତି ବ୍ୟବସ୍ଥାଗତ ସଂଯୋଜିକା ହେଲା ୨୦ ଡିଗ୍ରୀ ୫୬ ମିନିଟ୍ ୨୭.୩୧୨୦ ସେକେଣ୍ଡ ଉତ୍ତର ଓ ୮୪ ଡିଗ୍ରୀ ୪୮ ମିନିଟ୍ ୧୨.୪୮୧୨ ସେକେଣ୍ଡ ପୂର୍ବ । ଏହାର ୟୁ.ଟି.ଏମ୍. ପୂର୍ବାୟନ ୨୭୧,୫୮୫.୨୮ ହୋଇଥିଲା ବେଳେ ୟୁ.ଟି.ଏମ୍. ଉତ୍ତରାୟଣ ହେଉଛି ୨,୩୧୭, ୧୭୪.୪୯ । ଓଡ଼ିଆମାନେ ବର୍ଷକ ବାରମାସ ବୋଲି ଗ୍ରହଣ କରିଛନ୍ତି । ପ୍ରତ୍ୟେକ ମାସର ଗଣନା ବା ବିଭାଜନ ସ୍ୱତନ୍ତ୍ର । ସେହି ବାରମାସର ନାମଗୁଡ଼ିକ ହେଲା- ୧) ବୈଶାଖ, ୨) ଜ୍ୟେଷ୍ଠ, ୩) ଆଷାଢ଼, ୪) ଶ୍ରାବଣ, ୫) ଭାଦ୍ରବ, ୬) ଆଶ୍ୱିନ, ୭) କାର୍ତ୍ତିକ, ୮) ମାର୍ଗଶିର, ୯) ପୌଷ, ୧୦) ମାଘ, ୧୧) ଫାଲ୍‌ଗୁନ ଓ ୧୨) ଚୈତ୍ର । ଏହି ୧୨ ଗୋଟି ମାସ ଅନୁସାରେ ଲୋକେ ୧୨ ଗୋଟି ରାଶିର ପରିକଳ୍ପନା କରିଥାଆନ୍ତି । ଜ୍ୟୋତିର୍ବିଜ୍ଞାନୀମାନଙ୍କ ବିଚାର କ୍ରମେ ଏହି ମାସଗୁଡ଼ିକୁ ନକ୍ଷତ୍ରମାନଙ୍କୁ କେନ୍ଦ୍ରକରି ଯଥାକ୍ରମେ ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ ନାମରେ ନାମିତ କରିଛନ୍ତି ।

ପ୍ରକାଶ ଥାଉ କି ଭାରତରେ ମୁଖ୍ୟତଃ ସୂର୍ଯ୍ୟଙ୍କୁ ବା ଚନ୍ଦ୍ରଙ୍କୁ କେନ୍ଦ୍ର କରି ଦ୍ୱିବିଧ ମାସ ଗଣନା କରାଯାଇଥାଏ । ଯଦି ସୂର୍ଯ୍ୟଙ୍କୁ ଆଧାର କରି ମାସ ଗଣନା ହୁଏ, ତେବେ ସଂକ୍ରାନ୍ତି ଆରମ୍ଭ ଠାରୁ ମାସନ୍ତ ପର୍ଯ୍ୟନ୍ତ ସମୟର ଅବଧିକୁ ଏକମାସ ବୋଲି ଧରାଯାଇଥାଏ । ସେହିପରି ପ୍ରତିପଦ ତିଥି ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟାବଧିକୁ 'ଚନ୍ଦ୍ରମାସ' କୁହାଯାଏ । ତେଣୁ ସଂକ୍ରାନ୍ତି ଅନୁସାରେ ଗଣାଯାଉଥିବା ବର୍ଷକୁ ସୌର ବର୍ଷ ଓ ପୂର୍ଣ୍ଣିମା ଅନୁଯାୟୀ ଗଣାଯାଉଥିବା ବର୍ଷକୁ 'ଚନ୍ଦ୍ରବର୍ଷ' କୁହାଯାଏ । ପ୍ରକାଶ ଥାଉ କି ମହାଭାରତ ଯୁଦ୍ଧରେ କଳିଙ୍ଗର ଯୋଦ୍ଧା କୌରବ ପକ୍ଷରେ ଥାଇ ଯୁଦ୍ଧ କରିଥିଲେ । ସେମାନେ ଯୋଦ୍ଧା, ଦୁର୍ଦ୍ଦାନ୍ତ, ବୀର ଓ ସୂର୍ଯ୍ୟବଂଶୀ ଥିଲେ ବା ସୂର୍ଯ୍ୟାନୁଗାମୀ ଥିଲେ । ମାତ୍ର ଓଡ୍ରବାସୀ ପାଣ୍ଡବଙ୍କ ପକ୍ଷରୁ ଯୁଦ୍ଧ କରିଥିଲେ ଓ ସେମାନେ ମଧ୍ୟ ଦୁର୍ଦ୍ଦାନ୍ତ ଓ ଯୁଦ୍ଧଖୋର୍ ଥିଲେ ଏବଂ ସର୍ବୋପରି ଚନ୍ଦ୍ରବଂଶୀ ଥିଲେ । ଏହିପରି 'ସୂର୍ଯ୍ୟମାସ' ଓ 'ସୌରବର୍ଷ'ର ପରିକଳ୍ପନା କରାହୋଇଛି । ଓଡ଼ିଶାରେ ସୂର୍ଯ୍ୟ କୈନ୍ଦ୍ରିକ ଗଣନା ଚାଲେ, ସୁତରାଂ ବୈଶାଖ ମାସ ଆମ ପାଇଁ ମଧୁର ମାସ, ବର୍ଷାରମ୍ଭ ଓ ଯଥାର୍ଥରେ ଏହାକୁ ମେଷ ମାସ କୁହାଯାଏ ।

ବୈଶାଖ ମାସର ପ୍ରଥମ ଦିନକୁ ସଂକ୍ରାନ୍ତି କୁହାଯିବା ସହିତ ସୂର୍ଯ୍ୟ ବିଷୁବରେଖା ସାମ୍ନା ସାମ୍ନି ରହିବା ଦ୍ୱାରା ଯେଉଁ ଭୌଗୋଳିକ ଓ ତାପମାତ୍ରା ଗତ ତଥା ପାରିବେଶିକ ଓ ପାରିପାର୍ଶ୍ୱିକ ପରିବର୍ତ୍ତନ ଆସିଥାଏ, ତଦ୍ଦ୍ୱାରା ଜୀବଜଗତରେ ତଦନୁସାରୀ ପରିବର୍ତ୍ତନ ଦେଖାଯିବା ସ୍ୱାଭାବିକ । ପୃଥିବୀର ଅକ୍ଷାଂଶ ଓ ଦ୍ରାଘିମାଗତ ସ୍ଥିତି ଓ ତହିଁରେ ଓଡ଼ିଶାର ଅବସ୍ଥିତି ଅନୁସାରେ ସୂର୍ଯ୍ୟର ନିକଟତା, ଦୂରତା ତଥା ଆପେକ୍ଷିକ ଅବସ୍ଥିତି ଯଥେଷ୍ଟ ପ୍ରଭାବ ପକାଏ । କାଳ୍ପନିକ ବିଷୁବ ବୃତ୍ତର ସ୍ଥିତି ହେତୁକ ଏହି ପରିବର୍ତ୍ତନକୁ ଯଥାର୍ଥରେ ବିଷୁବ ସଂକ୍ରାନ୍ତି (ବୈଶାଖ ମାସର ପ୍ରଥମ ଦିନ) ବୋଲି କହନ୍ତି । ଏହାକୁ ଯଥାର୍ଥରେ 'ବୈଶାଖ ସଂକ୍ରାନ୍ତି', 'ସୌର ବର୍ଷର ଆଦ୍ୟ ସଂକ୍ରାନ୍ତି', 'ବିଷୁବ ସଂକ୍ରାନ୍ତି', ମହାବିଷୁବ ସଂକ୍ରାନ୍ତି', 'ପଣାଖିଆ ସଂସ୍କୃତି' ଓ ପରମ୍ପରା ଆଧାରରେ ଏହାକୁ 'ପଣା ସଂକ୍ରାନ୍ତି', 'ପଣାଖିଆ ସଂକ୍ରାନ୍ତି', ମେଷ ମାସ କ୍ରମେ 'ମେଷ ସଂକ୍ରାନ୍ତି', 'ଆଦ୍ୟ ସୌର ସଂକ୍ରାନ୍ତି', 'ସୌର ବାର୍ଷିକ ଓ ସୂର୍ଯ୍ୟ ବର୍ଷ ସଂକ୍ରାନ୍ତି' ବା 'ଆଦ୍ୟ ସୂର୍ଯ(ୟ) ସଂକ୍ରାନ୍ତି' ବୋଲାଯାଏ ବା ବୋଲା ଯାଇପାରେ । ଉତ୍ତର ଭାରତରେ ଏହାକୁ କେବଳ 'ବିଷୁବ' ମଧ୍ୟ କହିଥାନ୍ତି ଓ ତତ୍‌ସହ ସ୍ୱତନ୍ତ୍ର ସଂସ୍କୃତି, ବିଶ୍ୱାସ, ପରମ୍ପରା ଓ ଅଭ୍ୟାସ ଚାଲି ଆସିଥାଏ । ସେହିପରି ଦକ୍ଷିଣ ଭାରତରେ ଏହାକୁ ଶକ୍‌କର ପୋଙ୍ଗଲ୍ କହିଥାଆନ୍ତି । ମୋଟାମୋଟି ଭାବରେ ଭାରତର ଭୌଗୋଳିକ ଅବସ୍ଥିତି (୨୧.୭୬୭୯ ଡିଗ୍ରୀ ଉତ୍ତର ଅକ୍ଷାଂଶ ଓ ୭୮.୮୭୧୮ ଡିଗ୍ରୀ ପୂର୍ବ ଦ୍ରାଘିମା) ହେତୁ ଏପରି ସାଂସ୍କୃତିକ ସାଦୃଶ୍ୟ (Analogy) ରହିଛି । ଭାରତର ବିଭିନ୍ନ ଅଞ୍ଚଳରେ ଭୌଗୋଳିକ ପରିସ୍ଥିତି ଭିନ୍ନ ଭିନ୍ନ ଥିଲେ ହେଁ, ବିଷୁବ ବୃତ୍ତର ସ୍ଥିତି ହେତୁ ତତ୍‌ସଂଲଗ୍ନ ବିବିଧ ରାଜ୍ୟରେ ଅନୁରୂପ ସଂସ୍କୃତି ଦେଖାଯିବା ସ୍ୱାଭାବିକ ।

ସୂର୍ଯ୍ୟଙ୍କୁ ନେଇ ଓଡ଼ିଶାରେ ଏହି ଗଣନା ଚଳି ଆସିଛି । "ସୂର୍ଯ୍ୟ ବର୍ଷକ ମଧ୍ୟରେ ମେଷ ସଂକ୍ରାନ୍ତି ଓ ତୁଳା ସଂକ୍ରାନ୍ତି ଦିନ ଦୁଇଥର ବିଷୁବ ରେଖା ଉପରେ ରହନ୍ତି । ସେ ଦୁଇଦିନ ଦିବା ଓ ରାତ୍ରି ସମାନ ହୁଏ । ମେଷ ସଂକ୍ରାନ୍ତିକୁ ମହାବିଷୁବ ଓ ତୁଳା ସଂକ୍ରାନ୍ତିକୁ ଜଳ ବିଷୁବ କହନ୍ତି ।" (ପଣ୍ଡା, ୧୯୯୨:୦୧) ଓଡ଼ିଆମାନେ ଏହି ବିଷୁବ ସଂକ୍ରାନ୍ତିକୁ ନୂଆ ବର୍ଷ ବା ବର୍ଷାରମ୍ଭ ଭାବେ ବିବେଚନା କରନ୍ତି । ଏହି ବିବେଚନା ଅନ୍ତରାଳରେ ଓଡ଼ିଆ ଜାତିର ଅସ୍ମିତା ବୋଧ, ଉନ୍ମେଷ ଓ ଏକ ନିର୍ଦ୍ଦିଷ୍ଟ ଉତ୍ସ ବିଶେଷର ସୂଚନା ମିଳେ । "ହିନ୍ଦୁମାନେ ଏହାକୁ ପବିତ୍ର ତିଥି ଭାବରେ ପାଳନ କରିଥାନ୍ତି ।" (ସାହୁ, ୧୯୯୧:୦୧) କିନ୍ତୁ ଏଠାରେ 'ହିନ୍ଦୁ' ଶବ୍ଦର ଗୁରୁତ୍ୱ ଓ ପ୍ରାସଂଗିକତା ଅବବୋଧ ଅତ୍ୟନ୍ତ ଜରୁରୀ ।

ଏହି ମେଷ ସଂକ୍ରାନ୍ତିରେ ଓଡ଼ିଆ ଘରେ ଛତୁଆ ହୁଏ ଓ ପଣା ହୁଏ । ସୁତରାଂ କେହି କେହି ଏହାକୁ 'ପଣା ସଂକ୍ରାନ୍ତି' କହିଲା ବେଳେ ଅନ୍ୟେ ଏହାକୁ 'ଛତୁଆ ସଂକ୍ରାନ୍ତି' ବୋଲି କହିଥାଆନ୍ତି । ବିଶୁଦ୍ଧ ପଣା କହିଲେ ଶୀତଳ ଜଳ (ମାଟି ନିର୍ମିତ ମାଠିଆ ବା କଳସୀ ବା ସୁରେଇରେ ସଂରକ୍ଷିତ ଜଳ)ରେ ପକ୍ୱ ବେଲ (Indian Bel/Bael) ର ଭିତର ଅଂଶ (Pulp) ମିଶାଇ ଖରାରେ ପିଆଯାଏ । ବେଲର ବୈଜ୍ଞାନିକ ନାମ ହେଉଛି Aegle marmelos ଓ ଏହା ଏକ ଔଷଧୀୟ ବୃକ୍ଷର ଔଷଧୀୟ ଗୁଣବତ୍ତା ସମ୍ପନ୍ନ ଫଳ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ଏ, ଥାୟାମାଇନ୍, ରାଇବୋଫ୍ଲାଭିନ୍, ନିଆସିନ୍ ଓ କ୍ୟାଲସିୟମ୍, ଫସ୍‌ଫରସ୍ ପରି ଖଣିଜ ତତ୍ତ୍ୱ ରହିଥାଏ । ଏସବୁର ଆବଶ୍ୟକତା ମଣିଷ ପାଇଁ ଖୁବ୍ ଅଧିକ ଯାହା ତାକୁ ସୁସ୍ଥ ଓ ନୀରୋଗ ରଖିବାରେ ସହାୟକ ହେବ । ପ୍ରାଚୀନ କାଳରେ ନାଳଝାଡ଼ା, ପତଳା ଝାଡ଼ା, ଫୁଲାଫୁଲି, ବଥା (inflamation) ପାଇଁ ଏହାକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା । କାରଣ ଏହା ଫ୍ଲାଭୋନୋଏଡ୍, ଟର୍ପେନୋଏଡ୍, କାରୋଟିନୋଏଡ୍ ଏବଂ କୌମାରିନ୍‌ସ ପରି ଅନେକ ତତ୍ତ୍ୱରେ ଭରପୁର । ଖାଲି ସେତିକି ନୁହେଁ, ଏହାକୁ ମଧୁମେହ ଓ ଶ୍ୱାସ ରୋଗରୁ ଉପଶମ ପାଇଁ ମଧ୍ୟ ବ୍ୟବହାର କରାଯାଉଥିଲା । କାରଣ ଏଥିରେ ଇମ୍ପେରାଟୋରିନ୍, ଏଗେଲିନ୍, ଲ୍ୟୁପିଓଲ୍, ୟୁଜିନୋଲ୍, ସିନିଓଲ୍ ଓ ସାଇଟ୍ରୋନେଲାଲ୍ ପରି ପ୍ରମୁଖ ଜୈବ ସକ୍ରିୟ ତତ୍ତ୍ୱାବଳୀ ରହିଥାଏ । ଏପରି ଏକ ଫଳକୁ ସାଂସ୍କୃତିକ ଚୟନ (Cultural Selection) ଓ ପାରମ୍ପରିକ ବ୍ୟବହାର (Traditional uses) ଓ ଗୁରୁତ୍ୱ ମାଧ୍ୟମରେ ଓଡ଼ିଆ ଜାତି ପକ୍ଷାନ୍ତରରେ ଏକ ବୈଜ୍ଞାନିକ ସ୍ୱାସ୍ଥ୍ୟକାର ପ୍ରବୃତ୍ତି ଓ ଅଭ୍ୟାସକୁ ସଂସ୍କୃତି ନାଁରେ ହଜାର ହଜାର ବର୍ଷ ଧରି ବାହି ନେଇ ଆସିଛି । ଏହା ହିଁ ଏ ସଂସ୍କୃତିର ମହାନତା, ବିଷୁବ ସଂକ୍ରାନ୍ତିର ଖାଦ୍ୟ ସଂସ୍କୃତିଗତ ସ୍ୱାତନ୍ତ୍ର୍ୟ ଓ ସୌନ୍ଦର୍ଯ୍ୟ । ପ୍ରକୃତିର ନିର୍ଦ୍ଦିଷ୍ଟ ପାଣିପାଗ ଓ ଜଳବାୟୁରେ ଯେଉଁ ବିବିଧ ପ୍ରାଚୁର୍ଯ୍ୟ ରହିଛି, ସେ ସବୁରେ ଯେଉଁ ଔଷଧୀୟ ଗୁଣାବଳୀ ରହିଛି ସେଗୁଡ଼ିକ ଆବଶ୍ୟକତା ମୁତାବକ ବ୍ୟବହାର କରିବା ଏବଂ ସଂପୂର୍ଣ୍ଣ ଜାତିକୁ ସକ୍ରିୟ କରିବା ପାଇଁ ଓ ସୁସ୍ଥ ରଖିବା ପାଇଁ ଏହି ସଦଭ୍ୟାସକୁ ସଂସ୍କୃତିରେ ପରିଣତ କରାଯାଏ । ସେହିପରି ଏକ ସତ୍ ସଂସ୍କୃତିର ନାମାନ୍ତର ହେଉଛି ବିଷୁବ ସଂକ୍ରାନ୍ତି । ଅନ୍ୟ କୌଣସି ଜିନିଷକୁ ନ ବାଛି 'ବେଲ'କୁ ଏ ସମୟରେ ବାଛିବା ଏକ Proper and Perfect Cultural Selection ବୋଲି ନିର୍ଦ୍ୱନ୍ଦରେ କୁହାଯାଇପାରେ । ବେଲ ପଣା ବା ସରବତ ପେଟ ଥଣ୍ଡା ରଖିଥାଏ ।

ବେଲରେ ଲାଇମୋନିନ୍, ବିଟା ଫିଲାନ୍ଡ୍ରିନ୍, ପି-ସାଇମିନ୍, ଲିନାଲୁଲ୍, ଆଲ୍‌ଫା କ୍ୟୁବେବିନ୍, ସିନିଓଲ୍, ସିଟ୍ରୋନେଲା, ସାଇଟ୍ରାଲ୍, ବିଟା କ୍ୟୁବେବିନ୍, ବିଟା କାରିଓଫାଇଲିନ୍, ଆଲ୍‌ଫା-ହ୍ୟୁମୁଲିନ୍, କ୍ୟାରିଓ ଫାଇଲିନ୍, ଅକ୍‌ସାଇଡ୍, ହେକ୍ସା ଡେକାନୋଇକ୍ ଏସିଡ୍, ଏଜିଲିନ୍, ଲଜିଲେନାଇନ୍, ମାର୍ମେଲିନ୍, ଫ୍ୟୁରୋକୁମାରିନ୍‌ସ, ସୋରାଲିନ୍ ଓ-ଆଇସୋପେଣ୍ଟାଇଲ୍, ହାଫ୍ ଅଡିନୋଲ୍ ଓ ମାର୍ମେଲୋସିନ୍ ପ୍ରଭୃତି ତତ୍ତ୍ୱ ସୂକ୍ଷ୍ମ ଭାବରେ ସୁରକ୍ଷିତ । ସେଥିରେ ଟାର୍‌ଟାରିକ୍ ଅମ୍ଳ, ଲିନୋଲିକ୍ ଅମ୍ଳ, ଟାନିସ୍, ଫୋଲ୍‌ବାଟାନିସ୍, ଫ୍ଲାବୋନ୍-୩-ଓଲସ୍, ଲ୍ୟୁକୋ-ଆନ୍ଥୋସିଆନିନ୍‌ସ, ଆନ୍ଥୋସିଆନିନ୍ ଓ ଫ୍ଲାବୋନୋଏଡ୍ ଗ୍ଲାଇକୋସାଇଡସ୍ ଆଦି ମଧ୍ୟ ରହିଛି । ଏହାକୁ ଏକ ଅତ୍ୟନ୍ତ ପବିତ୍ର ବୃକ୍ଷ ହିସାବରେ ସମଗ୍ର ଜାତି ବିଶ୍ୱାସ କରେ । ଏହାର ମୂଳ-ଚୂଳ, ଚେର, ପତ୍ର, ଡାଳ, ଛାଲି, କାଣ୍ଡ, ପତ୍ର ପ୍ରଭୃତି ସବୁ ଅତ୍ୟନ୍ତ ଔଷଧୀୟ ଓ ନିତ୍ୟ ନୈମିତ୍ତିକ ଜୀବନରେ ବ୍ୟବହାର୍ଯ୍ୟ । ଋତୁର ଆଗମନରେ ବିକଶିତ ଫଳକୁ ସଂସ୍କୃତି ମାଧ୍ୟମରେ ସର୍ବସାଧାରଣ ଖାଦ୍ୟରେ ପରିଣତ କରିବା କିଛି କମ୍ ଗୌରବର କଥା ଆଦୌ ନୁହେଁ । ବାସିଲିଆରି ଡିସେଣ୍ଟ୍ରି ବା ଆନ୍ତ୍ରିକ ବୀଜାଣୁଗତ ନାଳଝାଡ଼ା ନିମିତ୍ତ ଏହି ବେଲପଣା ଖୁବ୍ ଉପଯୋଗୀ ଓ ଉପଶମକାରୀ । ଅର୍ଦ୍ଧ ପକ୍ୱ ବେଲ ମଧ୍ୟ ହଜମ ଶକ୍ତି ବଢ଼ାଇବା ସହ ଭୋକ ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହି ପଣାରେ ଜଳ ସହ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର, କେରୋଟିନ୍, ଥିଆମାଇନ୍, ରାଇବୋଫ୍ଲୋବିନ୍, ନିଆସିନ୍, ଆସ୍କର୍ବିକ୍ ଏସିଡ୍ ଓ ଟାର୍‌ଟାରିକ୍ ଏସିଡ୍ ରହିଥାଏ । ଏହାଛଡ଼ା ଏଥିରେ ସୋରାଲିନ୍, ମାର୍ମେଲୋସିନ୍, ଲୌହ, ମାଗ୍ନେସିୟମ୍, କାଲ୍‌ସିୟମ୍, ପଟାସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି ।

ଏହି ବେଲପଣା ସହିତ ଉତ୍କଳୀୟ ଓ ଉଡ୍ର ପରମ୍ପରା କ୍ରମେ ସେଥିରେ ମୁଢ଼ି (ଚାଉଳର ଭଜାରୁ ପ୍ରସ୍ତୁତ ଏକ ଲଘୁପାକ ଖାଦ୍ୟଦ୍ରବ୍ୟ) ଛତୁଆ ମିଶାଇ ପାନୀୟ ପ୍ରସ୍ତୁତ କରାଯାଏ । ସେଥିରେ

ଗୁଡ଼ ବ୍ୟବହାର କରାଯାଏ । ଏହା ଚିନି ଅପେକ୍ଷା ଅଧିକ ସ୍ୱାସ୍ଥ୍ୟକର । କୃଷି ପ୍ରଧାନ ରାଜ୍ୟ ଭାବରେ ଧାନ ଏଠାକାର ମୂଳ ଖାଦ୍ୟଶସ୍ୟ । ଧାନ (Oryza Sativa) ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ସ୍ମୃତି ବିଶେଷ । ଏଣୁ ମୂଳତଃ ଖାଦ୍ୟ ଭାବରେ ମୁଢ଼ି ଛତୁଆକୁ ଲୋକେ ବ୍ୟବହାର କରୁଥିଲେ । ଆଜିକାଲି ସେଥିରେ ବୁଟ, ଗହମ ଆଦିର ଛତୁଆ ବ୍ୟବହାର କରାଯାଉଛି । ତେବେ ବୁଟରେ ପ୍ରୋଟିନ୍ (ପୁଷ୍ଟିସାର) ରହିବା ସ୍ୱାଭାବିକ । ମାତ୍ର ମୁଢ଼ି ଛତୁଆରେ ଭିଟାମିନ୍ ବି-୧ (ଥାୟାମାଇନ୍), ଭିଟାମିନ୍ ବି-୬ (ପାଇରିଡୋକ୍ସିନ୍), ମାଗ୍ନେସିୟମ୍, ସେଲେନିୟମ ଓ ମାଙ୍ଗାନିଜ୍ ପରି ଖଣିଜ ଲବଣ ରହିଛି । ଏହା ମଧୁମେହ ନିୟନ୍ତ୍ରଣ ଠାରୁ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ସହ କର୍କଟ ରୋଗର ସମ୍ଭାବନା କ୍ଷୀଣ କରିବା ନିମନ୍ତେ ଖୁବ୍ କାର୍ଯ୍ୟକ୍ଷମ । ଏହି ଦେଶୀ ଛତୁଆରେ ତିନି ପ୍ରକାରର ଫେନୋଲିକ୍ସ ରହିଥାଏ, ଯାହା ଧାନଗଛ ପ୍ରାକୃତିକ ଭାବରେ ନିଜେ ନିଜେ ଏକ ଆଣ୍ଟି ଅକ୍‌ସିଡାଣ୍ଟ ଭାବରେ ତିଆରି କରିଥାଏ । ଏହି ଆଣ୍ଟି-ଅକ୍‌ସିଡାଣ୍ଟ୍ କର୍କଟ ରୋଗ ବିରୋଧରେ ମୁକ୍ତ ରେଡିକାଲ୍‌ଗୁଡ଼ିକୁ ନଷ୍ଟ କୋଷ ଠାରୁ ଅଲଗା ରଖି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସେହିପରି ବୁଟ ଛତୁ, ଗହମ ଛତୁ, ବାଦାମ ଛତୁ ଆଦି ମିଶିଲେ ଏହାର ପୌଷ୍ଟିକ ଗୁଣବତ୍ତା ଢେର୍ ଅଧିକ ବଢ଼ିଯାଇଥାଏ । ତେଣୁ ଏହି ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତିରେ ପାନ କରାଯାଉଥିବା 'ପଣା'ର ସାଂସ୍କୃତିକ ଓ ବୈଜ୍ଞାନିକ ଗୁରୁତ୍ୱ ଯଥେଷ୍ଟ ରହିଛି ।

"ଓଡ଼ିଶାରେ ବିଷୁବ ସଂକ୍ରାନ୍ତି ଦିନ ନାନା ପ୍ରକାରର ଯାଗ-ଯଜ୍ଞ, ପୂଜା, ହୋମ ଅନୁଷ୍ଠିତ ହୁଏ । ଚୈତ୍ର ମାସରେ ଆରମ୍ଭ ହୋଇଥିବା ଝାମୁଯାତ୍ରା, ପାଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡ଼ାଯାତ୍ରା ପ୍ରଭୃତି ବିଷୁବ ସଂକ୍ରାନ୍ତି ଦିନ ଉଦ୍‌ଯାପନ କରାଯାଏ । ଓଡ଼ିଶାର ବିଭିନ୍ନ ଦେବଦେବୀ ପୀଠ, ତୀର୍ଥ କ୍ଷେତ୍ର ବ୍ୟତୀତ ପ୍ରତ୍ୟେକ ଗ୍ରାମରେ ବିଷୁବ ସଂକ୍ରାନ୍ତି ଦିନଟି ଆନନ୍ଦ କୋଳାହଳରେ ପୂରିଯାଏ ।" (ପଣ୍ଡା, ୦୨-୦୩) ଗ୍ରାମ୍ୟ ସଂସ୍କୃତିର ପ୍ରଭାବରେ ଏହି ଦିନଟି ମହୀୟାନ୍ ହୋଇ ଉଠେ । ଏହାକୁ ଅତୀବ ପୁଣ୍ୟ ଦିବସ ବୋଲି ସର୍ବସାଧାରଣରେ ଏକ ମାନ୍ୟତା ରହିଛି । ସେଦିନ ଛତୁଆ, ପଣା, କଠଉ, ତାଳପତ୍ର ବିଞ୍ଚଣା ଓ ଛତା, ଜଳ ଇତ୍ୟାଦି ବ୍ରାହ୍ମଣ ତଥା ଗରିବମାନଙ୍କୁ ଦାନ କରାଯାଇଥାଏ । ଏହି ବିଶ୍ୱାସ ପଶ୍ଚାତ୍‌ରେ ଆର୍ଥନୀତିକ ସାମ୍ୟ, ସାମାଜିକ ସାମ୍ୟ ଓ ସ୍ୱଚ୍ଛତା ରକ୍ଷା ହୋଇଥାଏ । ଏହା ହେଉଛି ସାମାଜିକ ସଂହତି ଓ ସମନ୍ୱିତି ରକ୍ଷା କରିବାର ଏକ ବଳିଷ୍ଠ ମାଧ୍ୟମ । ଯଥାର୍ଥରେ ଏହା ହିଁ ଅସଲ ସଂସ୍କୃତିର ଉଦ୍ଦେଶ୍ୟ ଓ ସ୍ୱରୂପ । ଏହି ଜଳଦାନ, ଖାଦ୍ୟଦାନ ଓ ବସ୍ତ୍ର (ଛତା) ପ୍ରଭୃତି ଦାନ ଏକ ମହାନ୍ ଓ ପରିପୁଷ୍ଟ ପୁରାଣ ସଂସ୍କୃତିରୁ ଉଦ୍ଧୃତ ହୋଇ ଆସିଛି । କାରଣ ଏହାଦ୍ୱାରା ପୁଣ୍ୟ ମିଳିଥାଏ ବୋଲି ଲୋକଙ୍କର ଜ୍ଞାନ ରହିଛି । ପିତାମହ ଭୀଷ୍ମ ଶରଶଯ୍ୟାରେ ପାଣି ମାଗି ଦେହତ୍ୟାଗ କରିଥିବାରୁ ସେ ଏହି ଦିନକୁ ଓ ତିଥିକୁ ପବିତ୍ର ଓ ସ୍ୱତନ୍ତ୍ର ବୋଲି ଘୋଷଣା କରିଥିଲେ ।

ବିଷୁବ ସଂକ୍ରାନ୍ତିର ଅନ୍ୟାନ୍ୟ ସାଂସ୍କୃତିକ ବିଭବ ଓ ବିଭାବ ମଧ୍ୟରେ ଯଥେଷ୍ଟ ସଂପର୍କ ରହିଛି ଓ ସେଗୁଡ଼ିକର ଗୁରୁତ୍ୱ ମଧ୍ୟ ଯଥେଷ୍ଟ । ଜଳଛତ୍ର କରିବା ଅଥବା ଜଳସେଚନ କରିବା ବା ଜଳ ପିଆଇବା ଏକ ପ୍ରକାରର ସଂସ୍କୃତି । ମହାଭାରତରେ ପିତାମହ ଶରଶଯ୍ୟାରେ ପାଣି ମାଗି ପିଇ ଇହଧାମ ତ୍ୟାଗ କରିଥିଲେ । ତେବେ ଏଥିର ଜଳଦାନକୁ 'ବସୁନ୍ଧରା' ବା 'ବସୁଧାରା' ମଧ୍ୟ କୁହାଯାଇଥାଏ । ଅନ୍ୟ ଏକ ସଂସ୍କୃତି ହେଉଛି, ସଂକ୍ରାନ୍ତି ଦିନ ଠାରୁ ବୈଶାଖ ମାସ ସାରା 'ତୁଳସୀ ଧାତ୍ରୀ', 'ଅଶ୍ୱତ୍ଥ' ଓ 'ବରଗଛ' ମୂଳରେ ଏବଂ 'ଠାକୁର ଠାକୁରାଣୀ'ଙ୍କ ଉପରେ ଜଳଧାରା ଦିଆଯାଏ ।

ଏହି ଜଳଧାରା ପାଇଁ ଗୋଟିଏ ଛୋଟ ଠେକିକୁ ଚିତ୍ରରେ ସଜାଇ ଦିଆଯାଇଥାଏ । ତହିଁରେ ତଳ ଭାଗରେ ଏକ ଛୋଟ କଣା କରାଯାଇଥାଏ । ଠେକିକୁ ଦଉଡ଼ିରେ ବାନ୍ଧି ଝୁଲା ଯାଇଥାଏ, ଯେଉଁଥିରେ ଜଳ ପୂର୍ଣ୍ଣ କରି ରଖାଯାଇଥାଏ । ସେହି କଣାରେ ଦୂବ, କୁଶ ବା ତୃଣ ଦେଇଥାଆନ୍ତି ଓ ସେହି ତୃଣ ମାଧ୍ୟମରେ ଠୋପା ଠୋପା ହୋଇ ଜଳ ଝରେ ଓ ତୁଳସୀ ଚଉରାର ତୁଳସୀ ଗଛ ଜଳ ପାଏ । ଏହିପରି ଅନ୍ୟାନ୍ୟ ଉପରଲିଖିତ ଗଛଗୁଡ଼ିକ ମଧ୍ୟ ଜଳ ଲାଭ କରି ବୈଶାଖ ମାସର ଖରାରୁ ତ୍ରାହି ପାଇବା ସହିତ ଜ୍ୟେଷ୍ଠ ମାସର ଖରା ପାଇଁ ସୁସ୍ଥ ସବଳ ହୋଇ ଯାଆନ୍ତି । ଆୟୁର୍ବେଦ ଓ ଭେଷଜ ବିଜ୍ଞାନ ଆଧାରରେ ତୁଳସୀ, ବର ଓ ଅଶ୍ୱତ୍ଥ ବୃକ୍ଷର ମହତ୍ତ୍ୱକୁ ଆମେ ଜାଣୁ । ଏମାନେ ଔଷଧୀୟ ଓ ଶୁଦ୍ଧିକାରକ ବୃକ୍ଷ । ତୁଳସୀ (Ocimum sanctum) ଶାରୀରିକ, ରାସାୟନିକ, ମାନସିକ ଓ ଉପାପଚୟୀ (Metabolism) ଚାପ ନିୟନ୍ତ୍ରଣରେ ସର୍ବାଧିକ କାର୍ଯ୍ୟକାରୀ । ଶିଳ୍ପଗତ ପ୍ରଦୂଷକ, ଭାରି ପଦାର୍ଥ, ଶାରୀରିକ, ମାନସିକ ଚାପ ନିମିତ୍ତ ଏହା ଖୁବ୍ ଆବଶ୍ୟକ । ଏହା ରକ୍ତର ଗ୍ଲୁକୋଜ୍, ସ୍ନେହସାର ଆଦିକୁ ମଧ୍ୟ ନିୟନ୍ତ୍ରଣ କରିଥାଏ । ଏହାର ବାୟୁ ସହ ସଂସର୍ଗରେ ଅନେକ କ୍ଷତିକାରକ ଅଣୁଜୀବ ନଷ୍ଟ ହୁଅନ୍ତି । ଆୟୁର୍ବେଦରେ ଏହାକୁ 'ଅତୁଳନୀୟ', "ପ୍ରକୃତିର ଜନନୀ ଔଷଧ", "ବୃକ୍ଷରାଣୀ" ପ୍ରଭୃତି ନାମରେ ସମ୍ବୋଧିତ କରାଯାଏ । ଏହା ଉତ୍ତେଜନା (Anxiety), କଫ, ଆସ୍ଥମା, ଡାଇରିଆ, ଜ୍ୱର, ନାଳଝାଡ଼ା, ଆଣ୍ଠୁଗଣ୍ଠି ବଥା, ଆଖିରୋଗ, ଅମ୍ଳଦୋଷ, ପେଟରୋଗ, ହୃଦ୍‌ରୋଗ, ପରିସ୍ରା ବ୍ୟତିକ୍ରମ, ପିଠିବଥା, ଚମଡ଼ାରୋଗ, କାଛୁକୁଣ୍ଡିଆ, କୃମି, ପୋକ-ସାପ-

ବିଛା କାମୁଡ଼ା ଓ ମାଲେରିଆ ରୋଗର ନିଦାନ ନିମନ୍ତେ ବ୍ୟବହାର କରାଯାଇଥାଏ । ଏକ "Potent adaptogen" ଭାବରେ ଅନେକ "Pharmacological action" ଯୁକ୍ତ ବୃକ୍ଷ ହେଉଛି ତୁଳସୀ । ଏହା ଏକାଧାରରେ Anti-mircrobial (including antibacterial, antiviral, antifungal, antiprotozoal, antimalarial, antihelmintic), mosquito repellant, anti inflammatory, chemopreventive, radio protective, hepato-protective, neuro-protective, cardio protective, anti-diabetic, anti-hypercholesterolemia, anti-hypertensive, anti-carcinogenic, analgesic, anti-pyretic, anti-allergic, immunomodulatory, central nervous system (CNS) depressant, memory enhancement, anti-asthmatic, anti-tussive, diaphoretic, anti-thyroid, anti-fertility, anti-ulcer, anti-emetic, anti-spasmodic, anti-arthritic, adaptogenic, anti-stress, anti-cataract, anti-leukodermal, anti-coagulant ଭାବରେ କାର୍ଯ୍ୟ କିରବା ସହିତ ଏକ ବିଶାଳ ସ୍ତରରେ ଶାରୀରିକ-ମାନସିକ-ରାସାୟନିକ କ୍ରିୟା ପ୍ରକ୍ରିୟାରେ ସାହାଯ୍ୟ କରି ବ୍ୟକ୍ତିକୁ ମନସ୍ତାତ୍ତ୍ୱିକ ଓ କାର୍ଯ୍ୟକାରୀ ସ୍ଫୂର୍ତ୍ତି ଆଣି ଦେଇଥାଏ । ଏଥିରେ ଅଧିକ ପରିମାଣରେ ଥିବା ଫିନୋଲିକ୍ ଯୌଗିକ ଓ ଆଣ୍ଟିଅକ୍ସିଡାଣ୍ଟ୍ ତତ୍ତ୍ୱ ଶରୀରରୁ ବିଷାକ୍ତ ପଦାର୍ଥ ହେତୁକ କ୍ଷତିକୁ ଶୀଘ୍ର ପୂରଣ କରି ସୁସ୍ଥ କରିବାରେ ସାହାଯ୍ୟ କରିଥାଏ । କର୍କଟ ପରି ଦୁଃସାଧ୍ୟ ରୋଗର ସମ୍ଭାବନା କମାଇବାରେ ସାହାଯ୍ୟ କରେ । କାରଣ ବିଷାକ୍ତ ପଦାର୍ଥ ଦ୍ୱାରା ହେଉଥିବା DNA (ଡି.ଏନ୍.ଏ)ର କ୍ଷୟକ୍ଷତିକୁ ଏହା କମାଇଦିଏ । ଟ୍ୟୁମର୍ କୋଷକୁ ଏହା ସଂପୂର୍ଣ୍ଣ ସୁସ୍ଥ କରିବାର କ୍ଷମତା ମଧ୍ୟ ରଖିଥାଏ ।

ବର୍ତ୍ତମାନ ଆମେ ଏକ ଶିଳ୍ପମୟ ବିଷାକ୍ତ ପରିବେଶରେ ଜୀବନଯାପନ କରୁଛେ । ସୁତରାଂ ଅନେକ ଭାରି ପଦାର୍ଥ ଓ ଆଣବିକ କଣିକା ସଂସ୍ପର୍ଶରେ ଆସି ବିବିଧ ରୋଗ ବ୍ୟାଧିର ଶିକାର ହେଉଛେ । ଏହି ପରିପ୍ରେକ୍ଷୀରେ ତୁଳସୀର ଗୁରୁତ୍ୱ ବିଚାର କରିଲେ ଓଡ଼ିଆ ସଂସ୍କୃତି ଓ ବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ଜାଣିହେବ । ବ୍ୟୁଟାଇଲପାରାବେନ୍, କାର୍ବନ୍ ଟେଟ୍ରାକ୍ଲୋରାଇଡ୍, କପର ସଲ୍ଫେଟ୍, ଇଥାନଲ୍ ଓ ରୋଜୋର୍, କ୍ଲୋରୋପାଇରିଫସ୍, ଏଣ୍ଡୋସଲ୍ଫନ୍ ଓ ଲିନ୍ଡେନ୍ ପରି ସାଧାରଣ କୀଟନାଶକ ଏବଂ ଏପରିକି ଏଟାମିନୋଫେନ୍, ମେଲୋକ୍ସିକାମ୍, ପାରାସିଟାମୋଲ୍, ହାଲୋପେରିଡୋଲ୍ ଓ ଯକ୍ଷ୍ମା ଔଷଧର କୁପ୍ରଭାବରୁ ମଧ୍ୟ ରକ୍ଷା କରିବାର ପ୍ରଚଣ୍ଡ କ୍ଷମତା ତୁଳସୀ ପାଖରେ ରହିଛି । ମାନସିକ ଚାପ, ରକ୍ତଚାପ ନିୟନ୍ତ୍ରଣ, ବୃକ୍କରେ ପଥର ନିପାତନ, ମୌଖିକ ଓ ଦନ୍ତଗତ ସ୍ୱାସ୍ଥ୍ୟ, ଏକ୍‌ଜିମା, ପୋକ ଦୂରୀକରଣ, ଆଣ୍ଠୁଗଣ୍ଠିଗତ ସମସ୍ୟା ନିବାରଣ, କର୍କଟ ରୋଧନ, ଥଣ୍ଡା-ଜ୍ୱର-କଫ ନିୟନ୍ତ୍ରଣ, ହୃଦୟର ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଉପାଦେୟ । ଏଭଳି ଏକ ଚମତ୍କାର ବୃକ୍ଷର ସ୍ୱାସ୍ଥ୍ୟକଥା ଯେଉଁ ସଂସ୍କୃତି ନିଜ ଆଚାର-ବିଚାରରେ ରଖିଥାଏ, ତା'ର କି ତୁଳନା ଥାଇପାରେ ? ଅତ୍ୟଧିକ ଖରାରେ ତୁଳସୀଗଛ ନମରି ବଞ୍ଚିରହି ପଲ୍ଲବିତ ହେବା ସକାଶେ ଏହି ସଂସ୍କୃତି ବିଧିବଦ୍ଧ ଭାବେ ବୁନ୍ଦା ଜଳସେଚନ (Drip Irrigation) ବ୍ୟବସ୍ଥା କରିଛି । ସେହିପରି ଜଳାଭାବ ଓ ଗ୍ରୀଷ୍ମଋତୁ ସମୟରେ ବୁନ୍ଦା ଜଳସେଚନ ଏକ ସର୍ବୋତ୍କୃଷ୍ଟ ଉପାୟ । ଗଛ ପାଇଁ ବୁନ୍ଦା ଜଳସେଚନ ଅତ୍ୟନ୍ତ ଲାଭ ଦାୟକ । ଏ ସୂତ୍ରରେ ବୁନ୍ଦା ଜଳସେଚନ (Drip Irrigation) ର ପ୍ରଥମ ଆବିଷ୍କର୍ତ୍ତା ଏହି ଜାତି ବୋଲି କୁହାଯାଇପାରେ । ଯେଉଁ ଉନ୍ନତ ଜଳସେଚନ ପ୍ରକ୍ରିୟା (ଯେଉଁଥିରେ ଜଳନଷ୍ଟ ହେବାର ସମ୍ଭାବନା ସର୍ବ ନ୍ୟୂନ) ମଣିଷ ସଭ୍ୟତା ଅର୍ବାଚୀନ କାଳରେ ଶିଖିଲା, ତାହାକୁ କେଉଁ ଆବାହମାନ କାଳରୁ ଏହି ଜାତି କରି ଆସୁଛି । ଏହାହିଁ ଉତ୍କଳୀୟ ସଂସ୍କୃତିର ମହାନତା । ସେହିପରି ବରଗଛ (Ficus-benghalensis) ଉପକାରିତା କହିଲେ ନସରେ । ଡାଇରିଆ, ଡିସେଣ୍ଟ୍ରି, ମଧୁମେହ, ପୋଡ଼ାଜଳା ଫୁଲା ପ୍ରଭୃତିରୁ ଉପଶମ ନିମନ୍ତେ ତଥା ରୋଗ ପ୍ରତିରୋଧକ ଶକ୍ତି ସଂସ୍ଥାନ, ରକ୍ତ ନିର୍ମଳକାରୀକାରକ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ । ଅଲ୍‌ସର୍, ଆଣ୍ଠୁଗଣ୍ଠି ବଥା, କ୍ୟାନ୍‌ସର୍; ଯକୃତର ସ୍ୱାସ୍ଥ୍ୟ, ମସ୍ତିଷ୍କର ସ୍ୱାସ୍ଥ୍ୟ, ଅଣୁଜୀବ ବିରୋଧୀ କ୍ରିୟା ସକାଶେ ଏହା ଖୁବ୍ ଜରୁରୀ । ସେହିପରି ଅଶ୍ୱତ୍ଥ ବୃକ୍ଷ (Ficus religiosa)ର ଔଷଧୀୟ ଗୁଣ ଅସରନ୍ତି । ଅମ୍ଳଜାନ ଦେବାରେ ଏହି ତିନିଗୋଟି ବୃକ୍ଷର କ୍ଷମତା ଅନନ୍ୟ । ଶ୍ୱାସକ୍ରିୟା, ହଜମକ୍ରିୟା କାନ ଜନିତ ସମସ୍ୟା, ଆଣ୍ଠୁ-ଗଣ୍ଠି ବଥା, ହୃଦ୍‌ରୋଗ ସଂପର୍କରେ ଏହାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ବାଟୋଇମାନଙ୍କ ପାଇଁ ଜୀବଜନ୍ତୁଙ୍କ ପାଇଁ ଏ ବୃକ୍ଷ ତିନୋଟି ପ୍ରକୃତିର ଅମୋଘ ବରଦାନ । ଓଡ଼ିଆ ସଂସ୍କୃତି ବର୍ଷ ଆରମ୍ଭରୁ ଏହି ରିଚୁଆଲ୍ ମାଧ୍ୟମରେ ଏହି ଗଛଗୁଡ଼ିକର ସ୍ୱାସ୍ଥ୍ୟ କାମନା କରିବା ଓ ଏକ ପରଂପରା କ୍ରମେ ସମାଜାକୁ ପରିବେଶ କୈନ୍ଦ୍ରିକ ବାର୍ତ୍ତା ପ୍ରେରଣ କରିବା ଏକ ମହାନ୍ ସଂସ୍କୃତିର ପରିଚାୟକ ମାତ୍ର ।

ଓଡ଼ିଆର ଆର୍ଥନୀତିକ ଓ ସ୍ୱାସ୍ଥ୍ୟଗତ ଅବସ୍ଥାକୁ ଆଖି ଆଗରେ ରଖି ଏହି ଦିନମାନଙ୍କରେ ଛତୁଆ ଖାଇବା ଆୟୁର୍ବେଦ ସମ୍ମତ । ବର୍ଷାଦିନେ ଛତୁଆ ଖାଇବା ନିମନ୍ତେ ଆୟୁର୍ବେଦ ବାରଣ କରିଥିଲା ବେଳେ ଏହି ମାସରେ ଛତୁଆ ଦେହ ପାଇଁ ସ୍ୱାସ୍ଥ୍ୟକର ବୋଲି କହିଥାଏ । ବାତ-ପିତ୍ତ-କଫ ଉପରେ ଆଧାରିତ ଆମ ଶରୀରକୁ

ଆଖି ଆଗରେ ରଖି ଆୟୁର୍ବେଦ ଶାସ୍ତ୍ର ଯେଉଁ ଯେଉଁ ଖାଦ୍ୟପଦାର୍ଥ, ଯେପରି ଯେତେବେଳେ ଖାଇବାର ନିର୍ଦ୍ଧାରଣ କରିଥାଏ, ଓଡ଼ିଆ ସଂସ୍କୃତିରେ ଅନୁରୂପ ବ୍ୟବସ୍ଥା ରହିଥିବାର ଲକ୍ଷ୍ୟ କରିହେବ । ଅତଏବ ଭୂଗୋଳ-ପ୍ରକୃତି ଓ ପରିବେଶକୁ ଲକ୍ଷ୍ୟ କରି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଯେଉଁ ପରଂପରା ବା ସଂସ୍କୃତି ରହିଛି ତାହା କେତେ ମାତ୍ରାରେ ବୈଜ୍ଞାନିକ ଓ ତର୍କ ସଂଗତ-ଏଇ ଗୋଟିଏ ସଂସ୍କୃତିରୁ ଜାଣିହେବ । ଏଣୁ ଯଥାର୍ଥରେ ଓଡ଼ିଆ ସଂସ୍କୃତିର ଏହାହିଁ ମହାନତା ଓ ଏହା ହିଁ ତା'ର ଅସଲ ମୂଳଦୁଆ ବୋଲି କହି ପାରିବା ।

ଆମର ପଣା ସଂକ୍ରାନ୍ତି ସହ ଶିଖ୍ ମାନଙ୍କର 'ବୈଶାଖ ପର୍ବ'କୁ ତୁଳନା କରାଯାଇପାରେ । ଏହି ବୈଶାଖ ପର୍ବ ମଧ୍ୟ ବୈଶାଖ ମାସର ପ୍ରଥମ ଦିନରେ ପଡ଼ିଥାଏ । ଜୁଆଂଗ ଜନଜାତି ପାଳନ କରୁଥିବା 'ଆମ୍ବ ନୂଆ' ପର୍ବ ସହ ଏହାର ତୁଳନା ମଧ୍ୟ କିଛି ଦୂର କରାଯାଇପାରେ । ଉତ୍ତର ଭାରତର ଚୈତ୍ର ପ୍ରତିପଦ ଦିନକୁ, ଏହା ସହ ତୁଳନା କରାଯାଇପାରେ ।

ସର୍ବୋପରି ଓଡ଼ିଶା ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ ଥିବାରୁ ଏଠାରେ ସୂର୍ଯ୍ୟକିରଣ ପ୍ରଖର ହୁଏ । ମକର ସଂକ୍ରାନ୍ତି ବା ମକର ସଂକ୍ରମଣ ଦିନଠାରୁ ସୂର୍ଯ୍ୟ ମକରକ୍ରାନ୍ତି ରେଖାରୁ ବିଷୁବ ରେଖା ଆଡ଼କୁ ଗତି କରୁଥିବାରୁ ଏହିଠାରୁ ଦିନ କ୍ରମଶଃ ବଡ଼ ହୋଇଚାଲେ ଓ ରାତି କ୍ରମଶଃ ଛୋଟ ହୋଇଚାଲେ । ପଣାସଂକ୍ରାନ୍ତି ବେଳକୁ ସୂର୍ଯ୍ୟକିରଣ ଓଡ଼ିଶାରେ ପଡ଼ିବା ଖୁବ୍ ବଢ଼ିଯାଏ । ପ୍ରଖର ସୂର୍ଯ୍ୟକିରଣ ହେତୁ ହଜମ ଶକ୍ତି ବଢ଼ିଯାଏ । ଏଣୁ ଛତୁପରି ଗୁରୁପାକ ଦ୍ରବ୍ୟକୁ ଏ କାଳରେ ଖାଇବାର ନିର୍ଦ୍ଦେଶ ରହିଛି । ଶରୀର ବିଜ୍ଞାନ ଅନୁସାରେ ପଶୁ ପକ୍ଷୀ, ଜୀବଜନ୍ତୁ ସମସ୍ତଙ୍କ ମଧ୍ୟରେ ଜୀବନଶକ୍ତି ଏ ସମୟରେ ଖୁବ୍ ଅଧିକ ଥାଏ । ଦେହର ଅଧିକରୁ ଅଧିକ ତାପଶକ୍ତିକୁ ସମ ଅବସ୍ଥାକୁ ଆଣିବା ପାଇଁ ବା ଶମନ ପାଇଁ ପଣା ବ୍ୟବସ୍ଥା ରହିଛି । ଦେବଦେବୀ ମନ୍ଦିରରେ ଛତୁ ଓ ପଣା ବ୍ୟବସ୍ଥା ରହିଛି । ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହାକୁ 'ଜଳ ସଂକ୍ରାନ୍ତି' ମଧ୍ୟ କୁହାଯାଏ । ଏହି ସଂକ୍ରାନ୍ତିରେ ହନୁମାନ ଜୟନ୍ତୀ ପାଳନ ମଧ୍ୟ କରାଯାଏ । ମହାବିଷୁବ ସଂକ୍ରାନ୍ତିରେ ପବିତ୍ର ଝାମୁବ୍ରତର ଉଦ୍‌ଯାପନ ହୋଇଥାଏ । ଏହାକୁ ଝାମୁଯାତ୍ରା ବା ପାଟୁଆ ଯାତ୍ରା ମଧ୍ୟ କୁହାଯାଏ । ପଣା ସଂକ୍ରାନ୍ତିରେ ଏହି ଝାମୁଯାତ୍ରା ବା ପାଟୁଆ ଯାତ୍ରା ବା ବ୍ରତର ଉଦ୍‌ଯାପନୀ ଦେବୀଙ୍କ ନିକଟକୁ ଫେରିଆସି ହୋଇଥାଏ । ଦଣ୍ଡ ପାଟୁଆମାନେ ମଧ୍ୟ ଏହି ବ୍ରତ ପାଳନ କରି ଏହି ପଣାସଂକ୍ରାନ୍ତି ଦିନ ଉଦ୍‌ଯାପନ କରନ୍ତି । ସର୍ବୋପରି ମହାବିଷୁବ ସଂକ୍ରାନ୍ତି ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ଭିତ୍ତିଭୂମିକୁ ସୁଦୃଢ଼ ଓ ପୁଷ୍କଳ କରିଛି । ଏହା ଅତୀବ ସୁଚିନ୍ତିତ, ବୈଜ୍ଞାନିକ ଓ ଦାର୍ଶନିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଏକ ବିଶ୍ୱକଲ୍ୟାଣ ଦୃଷ୍ଟି ସଂପନ୍ନ ମହନୀୟ ସଂସ୍କୃତିର ନିଦର୍ଶନ ମାତ୍ର ।

**ଅନୁସୃତ ଗ୍ରନ୍ଥସୂଚୀ :**


୧. ପଣ୍ଡା, ଭଗବାନ, ଓଡ଼ିଶାର ପର୍ବପର୍ବାଣି (୧ମ ଭାଗ), କଟକ :ଦିବ୍ୟଦୂତ ପ୍ରକାଶନୀ, ୧୯୯୨ ।

୨. ମିଶ୍ର, ପ୍ରବୋଧ କୁମାର, ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି (୨ୟ ଭାଗ), କଟକ: ବିଦ୍ୟାପୁରୀ, ୨୦୧୨ ।

୩. ଷଡ଼ଙ୍ଗୀ, ନୃସିଂହ, ଓଡ଼ିଆ ସାହିତ୍ୟର ସାମାଜିକ, ସାଂସ୍କୃତିକ ଇତିହାସ, କଟକ: ଇଣ୍ଡିଆନ୍ ବୁକ୍ ଡିଷ୍ଟ୍ରିବ୍ୟୁଟରସ୍, ୧୯୯୩ ।

୪. ସାହୁ, ନାରାୟଣ, ଓଡ଼ିଶାର ପର୍ବପର୍ବାଣି, କଟକ : ମିତା ପ୍ରକାଶନୀ, ୧୯୯୧ ।



ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ,
ବାଲେଶ୍ୱର, ଓଡ଼ିଶା -୭୫୬୦୦୧
ଦୂରଭାଷ : ୮୩୨୮୯୦୯୧୫୭

ISSN -2583-147X (P), **Vol.- 9, Issue No.X, January 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଭାରତୀୟ ଭାଷା ପରିପ୍ରେକ୍ଷୀରେ ଓଡ଼ିଆ ଧ୍ୱନ୍ୟାତ୍ମକ ଶବ୍ଦ ଓ କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ'

**ଅଧ୍ୟାପକ ବିଶ୍ୱନାଥ ସାହୁ**

**ସାର ସଂକ୍ଷେପ (Abstract) :** ଧ୍ୱନ୍ୟାତ୍ମକ ଶବ୍ଦ କୌଣସି ଏକ ଭାଷାର ଗୋଟିଏ ମୂଲ୍ୟବାନ ସଂପଦ । ଏଥିରେ ଶବ୍ଦ ସ୍ରଷ୍ଟାର ସର୍ଜନଶୀଳତା ଲୁଚି ରହିଥିବାରୁ ଏହାର ସଂରକ୍ଷଣ ଓ ବ୍ୟାଖ୍ୟା-ବିଶ୍ଲେଷଣ ନିହାତି ଆବଶ୍ୟକ । ଏହା ଉକ୍ତ ଭାଷାର ଅଭିଧାନକୁ କେବଳ ସମୃଦ୍ଧ କରେନାହିଁ; ବରଂ ଗୋଟିଏ ଜାତିର ଚିନ୍ତାଧାରାକୁ ମଧ୍ୟ ସୂଚୀତ କରେ । ଉକ୍ତ ପ୍ରବନ୍ଧର ପ୍ରଥମ ଭାଗରେ ଧ୍ୱନ୍ୟାତ୍ମକ ଶବ୍ଦର ସ୍ୱରୂପ ନିର୍ଦ୍ଧାରଣପୂର୍ବକ ତା'ର ବୈଶିଷ୍ଟ୍ୟ ଓ ପରିସର ଉପରେ ଆଲୋକପାତ କରାଯାଇଅଛି । ଦ୍ୱିତୀୟ ପର୍ଯ୍ୟାୟରେ ଭାରତୀୟ ଭାଷା ପରିପ୍ରେକ୍ଷୀରେ ବିଭିନ୍ନ ଭାଷାରେ ପ୍ରଚଳିତ ଧ୍ୱନ୍ୟାତ୍ମକ ଶବ୍ଦ ସହ ଓଡ଼ିଆ ଧ୍ୱନ୍ୟାତ୍ମକ ଶବ୍ଦର ଏକ ତୁଳନାତ୍ମକ ସୂଚନା ତିନୋଟି ସାରଣୀ (Table) ମାଧ୍ୟମରେ ଦିଆଯାଇଅଛି । ଏହାପରେ ଧ୍ୱନ୍ୟାତ୍ମକ ଶବ୍ଦର ବିଭାଗୀକରଣ ଦର୍ଶାଇ ଔପନ୍ୟାସିକ କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ'ରେ ଏ ଶବ୍ଦମାନଙ୍କର ପ୍ରୟୋଗ କିପରି ହୋଇଛି ତାହା ଦୃଷ୍ଟାନ୍ତ ସ୍ୱରୂପ ଦର୍ଶାଯାଇଅଛି ।

## (୧)

'ଧ୍ୱନି' ଭାଷାର ସର୍ବନିମ୍ନ ସୋପାନ, ଅର୍ଥାତ୍ ଭାଷା ସୃଷ୍ଟିର ମୂଳ ବା ପ୍ରାକ୍ ଅବସ୍ଥା । ଭାଷାର ଉତ୍ପତ୍ତି ସିଦ୍ଧାନ୍ତମାନ ବିଚାର କଲାବେଳେ ଭାଷାତତ୍ତ୍ୱବିଦ୍‌ଗଣ ଧ୍ୱନିକୁ ଆଧାର କରି ହିଁ 'ଧାତୁ ବା ଅନୁରଣନ ସିଦ୍ଧାନ୍ତ' (Root/ dingdong theory), 'ଧ୍ୱନ୍ୟନୁକରଣ ସିଦ୍ଧାନ୍ତ' (Onomatopoic theory), 'ଅନୁରଣନ- ଅନୁକରଣ ସିଦ୍ଧାନ୍ତ' (Imitative theory), 'ଭାବାବେଗ ସିଦ୍ଧାନ୍ତ' (Interjectional/ Poohpooh theory), 'ଅପନୋଦନଧ୍ୱନି ସିଦ୍ଧାନ୍ତ' (Yo-he-ho theory) ଆଦିର କଳ୍ପନା କରିଛନ୍ତି ।[୧] ଇଙ୍ଗିତ ଓ ଧ୍ୱନି ତେଣୁ ଭାବବ୍ୟଂଜନାର ଦୁଇଟି ମୁଖ୍ୟ ଓ ମୂଳ ଆୟୁଧ; କିନ୍ତୁ ଇଙ୍ଗିତ ବା ସଂକେତ ମଣିଷର ସକଳ ଭାବକୁ ପ୍ରକାଶ କରିବାରେ ବେଳେ ବେଳେ ଅକ୍ଷମ ହୁଅନ୍ତି । ସେତେବେଳେ ଧ୍ୱନିର ସାହାଯ୍ୟ ନିଆଯାଏ । "ବସ୍ତୁର ଯେପରି ଭାବ ପ୍ରତ୍ୟକ୍ଷ ହୋଇଥାଏ, ତାହାର ଗୋଟିଏ ସ୍ଥୁଳ ଆଦର୍ଶ ଅନୁରୂପ ଧ୍ୱନିଦ୍ୱାରା ପ୍ରସ୍ତୁତ କରିନିଆଯାଏ । ଏହି ଭାଷା ଅବ୍ୟକ୍ତ । ଏହାର କୌଣସି ମୌଳିକ ଅର୍ଥ ନାହିଁ କେବଳ ଅନୁକରଣ । ଏହା ଅତି ସହଜ । ଅତ୍ୟଳ୍ପ କାଳରେ ଅନାୟାସରେ ଏତତ୍ ଦ୍ୱାରା ଭାବ ବ୍ୟକ୍ତ କରାଯାଏ । ଏହାର ନାମ ଧ୍ୱନ୍ୟାତ୍ମକ ଭାଷା ଅର୍ଥାତ୍ ବସ୍ତୁର ଧ୍ୱନ୍ୟନୁକାରୀ ଶବ୍ଦ ଦ୍ୱାରା ଭାବ ପ୍ରକାଶ । ଭାବ ବ୍ୟଞ୍ଜନ ପକ୍ଷରେ ଏହା ସହଜ ଓ ସୁବିଧା ଜନକ ।"[୨] ଭାବଦ୍ୟୋତନକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ବସ୍ତୁ ନିର୍ଗତ ଧ୍ୱନିକୁ ଅନୁକରଣ କରି ବକ୍ତା ଯାଦୃଚ୍ଛିକ ଭାବରେ ଏଭଳି ଧ୍ୱନ୍ୟାତ୍ମକ ଶବ୍ଦ ନିର୍ମାଣ କରେ । ଏହାକୁ ଇଂରାଜୀରେ କୁହାଯାଏ, 'Onomatopoetic Word' । ଏହି 'Onomatopoeia' ଦୁଇଟି ଗ୍ରୀକ୍ ଶବ୍ଦର ସମ୍ମିଶ୍ରଣରୁ ସୃଷ୍ଟି ହୋଇଛି । ପ୍ରଥମ ଶବ୍ଦ 'Onoma' ର ଅର୍ଥ 'ନାମ' (Name) ଏବଂ ଦ୍ୱିତୀୟ ଶବ୍ଦ 'Poiein' ର ଅର୍ଥ ତିଆରି କରିବା (To make) । ଏଣୁ ଏହାର ଶାବ୍ଦିକ ଅର୍ଥ ହେଲା ନାମ (ବା ଧ୍ୱନି) ଟିଏ ତିଆରି କରିବା । ଅର୍ଥାତ୍ ଧ୍ୱନ୍ୟାତ୍ମକ ଶବ୍ଦର ଅର୍ଥ ଏହା ତିଆରି କରୁଥିବା ଶବ୍ଦ ବ୍ୟତୀତ ଅନ୍ୟ କିଛି ନୁହେଁ । ଯଥା- ଆ.... ଆ.... ଆ କିମ୍ବା ଉଫ୍....ଫ୍....

ଆଦି କେବଳ ଏକ ଚିତ୍କାର ଅଟେ । ଏହାର ଅନ୍ୟାର୍ଥ କିଛି ନାହିଁ । କିନ୍ତୁ ବାକ୍ୟରେ କେବଳ 'ଚିତ୍କାର କଲା' ନ ଲେଖି ଏଭଳି ଧ୍ୱନ୍ୟାତ୍ମକ ଶବ୍ଦ ବ୍ୟବହାର କଲେ ବାକ୍ୟଟି ଅଧିକ ଆକର୍ଷଣୀୟ, ପ୍ରଭାବୀ ଓ ସହଜବୋଧ ହୁଏ ।

ପୃଥିବୀରେ ଧ୍ୱନିଟିଏ ଅଛି ମାନେ ଉକ୍ତ ଧ୍ୱନିକୁ ଧରି ରଖି ପାରୁଥିବା ଧ୍ୱନ୍ୟାତ୍ମକ ଶବ୍ଦଟିଏ ମଧ୍ୟ ରହିଛି ନିଶ୍ଚୟ । ତେଣୁ ସେ ଧ୍ୱନିର ସହଜ ବର୍ଣ୍ଣନା ପାଇଁ ଧ୍ୱନ୍ୟାତ୍ମକ ଶବ୍ଦ ଏକ ପ୍ରଭାବୀ ମାଧ୍ୟମ । 'ପବନ ବୋହିଲା' କହିବା ଅପେକ୍ଷା ପବନ ଗର୍ଜୁଛି, ସିର୍ ସିର୍ ବୋହୁଛି ବା ପବନ ଫୁସ୍‌ଫୁସେଇ ଚାଲିଗଲା କହିବା ଅଧିକ ଶ୍ରୁତିମଧୁର ଓ ଭାବ ବ୍ୟଞ୍ଜକ । "ସୂକ୍ଷ୍ମ ଅର୍ଥ ବ୍ୟଞ୍ଜନାରେ ଧ୍ୱନ୍ୟାତ୍ମକ ଶବ୍ଦ ସାଧାରଣ ଶବ୍ଦଠାରୁ ଅଧିକ ଶକ୍ତିଶାଳୀ । ଏ ଶବ୍ଦ ସାହାଯ୍ୟରେ ଯେଉଁ ଅର୍ଥଦ୍ୟୋତିତ ହୁଏ ତାହା ଅଧିକ ଚାତୁର୍ଯ୍ୟପୂର୍ଣ୍ଣ, ଯଥାର୍ଥ ଓ ମନୋଭାବର ନିକଟବର୍ତ୍ତୀ । ଯେପରି ଅଭିବ୍ୟଞ୍ଜନାତ୍ମକ ଯୌଗିକ କ୍ରିୟାପଦ ସାଧାରଣ କ୍ରିୟାପଦ ଠାରୁ ଅଧିକ ସୂକ୍ଷ୍ମଭାବ ପ୍ରକାଶରେ ସକ୍ଷମ ଠିକ୍ ସେହିପରି ଧ୍ୱନ୍ୟାତ୍ମକ ଶବ୍ଦ । ଏ ଶବ୍ଦରେ ଅଛି ଅଧିକ ସଂପ୍ରସାରଣଶୀଳତା, ତାରଲ୍ୟ, ଚାତୁର୍ଯ୍ୟ ଓ ହୃଦୟସ୍ପର୍ଶୀ ଭାବ । ଭାବ ଓ ଅନୁଭୂତିର ତୀକ୍ଷଣ ଏବଂ ସଠିକ୍ ପରିପ୍ରକାଶ । ଏହି ଜାତୀୟ ଶବ୍ଦ ସାହାଯ୍ୟରେ ଯେପରି ସମ୍ଭବ ତାହା କେତେକ କ୍ଷେତ୍ରରେ ଗୋଟିଏ ମୌଳିକ ଶବ୍ଦ ବା ଦୁଇ ଚାରୋଟି ବାକ୍ୟଦ୍ୱାରା ସମ୍ଭବ ନୁହେଁ ।" [୩]

ଧ୍ୱନ୍ୟାତ୍ମକ ଶବ୍ଦ ପାଠକ ମନରେ ଧ୍ୱନିର ରୂପକଳ୍ପଟିଏ ସୃଷ୍ଟି କରି ପଦ୍ୟ ବା ଗଦ୍ୟ ଭାଷାକୁ ଲୟାତ୍ମକ କରେ । ଏଥିରୁ ଲେଖକର ଖିଆଲି (Playfull) ମନୋଭାବର ପରିଚୟ ପାଏ ପାଠକ । ପାଠକ ଏହାକୁ ପଢୁଥିବା ସମୟରେ ବ୍ୟଞ୍ଜିତ ଧ୍ୱନିକୁ ଶୁଣିପାରେ ଅର୍ଥାତ୍ ବାସ୍ତବତାକୁ ଅନୁଭବ କରିପାରେ । ତେଣୁ ଏହା ପାଠକକୁ ପଠନ ଜନିତ ଅଭିଜ୍ଞତା ପ୍ରଦାନ କରେ । ସୂଚନା ଯୋଗ୍ୟ ଯେ ସବୁ ଧ୍ୱନ୍ୟାତ୍ମକ ଶବ୍ଦ ଅଭିଧାନାନ୍ତର୍ଗତ ନୁହନ୍ତି । ବେଳେବେଳେ ଲେଖକ ନିଜ ଲେଖାକୁ ପୂର୍ଣ୍ଣ କରିବା ପାଇଁ ନିଜେ ଏକ ଧ୍ୱନ୍ୟନୁକାରୀ ଶବ୍ଦ ସୃଷ୍ଟି କରେ ।

**ଧ୍ୱନ୍ୟାତ୍ମକ ଶବ୍ଦର ବୈଶିଷ୍ଟ୍ୟ :**

ପ୍ରଥମତଃ ଧ୍ୱନ୍ୟାତ୍ମକ ଶବ୍ଦ ପାଠକର ଧ୍ୟାନ ଆକର୍ଷଣ କରେ । ପାଠକ ଏଭଳି ଶବ୍ଦକୁ ପସନ୍ଦ କରୁଥିବାରୁ ପରୋକ୍ଷରେ ସେ ଭାଷାକୁ ବି ଭଲ ପାଇବସେ । ଏ ଶବ୍ଦ ଖିଆଲି ମନୋଭାବ ପ୍ରସୂତ ଅର୍ଥାତ୍ ମଜାଳିଆ ହୋଇଥିବାରୁ ପାଠକ ସେଇଠି ଘଡ଼ିଏ ଅଟକେ । ପ୍ରୟୋଗଜନିତ ସୌନ୍ଦର୍ଯ୍ୟକୁ ଉପଭୋଗ କରେ ।

ଦ୍ୱିତୀୟତଃ ଏହା ଭାଷା ସହ ଖେଳକୁଦ କରିବା ପାଇଁ ଲେଖକକୁ ଗୋଟିଏ ଅବସର ଯୋଗାଇ ଦିଏ । ଲେଖକ ଭାବେ ତା ହାତ ପାହାନ୍ତାରେ ଥିବା ସୁଲଭ ଶବ୍ଦମାନଙ୍କର ପ୍ରୟୋଗ କରିବ ନା ସର୍ଜନଶୀଳତାର ପ୍ରଦର୍ଶନପୂର୍ବକ ନୂଆ ଏକ ଧ୍ୱନ୍ୟନୁକାରୀ ଶବ୍ଦ ସୃଷ୍ଟି କରିବ । ତେଣୁ ଧ୍ୱନ୍ୟାତ୍ମକ ଶବ୍ଦ ଭାଷାକୁ ପ୍ରୟୋଗଧର୍ମୀ କରେ ।

ତୃତୀୟତଃ ଏହା ଶୈଳୀ ସଂରଚନାର ଏକ ଉପାଦାନ । ଲେଖକର ଉଦ୍ଦେଶ୍ୟକୁ ଶୀଘ୍ର ଓ ସହଜ ଭାବରେ ବୋଧଗମ୍ୟ କରାଏ ଧ୍ୱନ୍ୟାତ୍ମକ ଶବ୍ଦ । ତେଣୁ ଏପରି ଶବ୍ଦ ପ୍ରୟୋଗ ଶୈଳୀ ବିଷୟକ ଅର୍ଥାତ୍ ଚାତୁର୍ଯ୍ୟ ପ୍ରଦର୍ଶନର ଏକ ମାଧ୍ୟମ ହୋଇଯାଏ । ସାଧାରଣ ଶବ୍ଦ ବା ବାକ୍ୟଟିଏ ପୂର୍ଣ୍ଣ ଭାବ ପ୍ରକାଶ ପାଇଁ ଯେଉଁଠି ଅକ୍ଷମ, ସେଠି ଧ୍ୱନ୍ୟାତ୍ମକ ଶବ୍ଦ ଭାବଦ୍ୟୋତନାକୁ କରିଦିଏ ସହଜ ।

ଚତୁର୍ଥତଃ ଧ୍ୱନ୍ୟାତ୍ମକ ଶବ୍ଦ ବାସ୍ତବ ଜୀବନକୁ ଦେଖାଏ । ଦୈନନ୍ଦିନ ବାସ୍ତବ ଜୀବନରୁ ଧ୍ୱନ୍ୟାତ୍ମକ ଭାଷା ବା ଶବ୍ଦ ସଂଗ୍ରହ କରି ଲେଖକ ନିଜ ରଚନାକୁ ବୋଧଗମ୍ୟ କରେ ।

ସୁତରାଂ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକରୁ ଜଣକର ସର୍ଜନଶୀଳତା ମଧ୍ୟ ଜାଣିହୁଏ । ଅର୍ଥାତ୍ ଧ୍ୱନି ତା'ର ଏକ ନିର୍ଦ୍ଦିଷ୍ଟ ସ୍ୱର ଲହରି ଛାଡ଼େ; କିନ୍ତୁ ଶ୍ରୋତା ନିଜ ବାଗରେ ସେହି ଧ୍ୱନିର ବାହକ ଏକ ଶବ୍ଦ ତିଆରି କରେ । ଏହି ସର୍ଜନା ସଂପୂର୍ଣ୍ଣ ବ୍ୟକ୍ତିଗତ ବା ଯାଦୃଚ୍ଛିକ । ତେଣୁ କୁକୁର ପାଟିରୁ ନିର୍ଗତ ଧ୍ୱନି ସବୁଠି ସମାନ ହେଲେ ହେଁ ସ୍ଥାନ ଭେଦରେ ଏହା ଭିନ୍ନ ଭିନ୍ନ ହୋଇଥାଏ । କେଉଁଠି 'ଭୋଭୋ', କେଉଁଠି 'ଓ୍ୱୋ ଓ୍ୱୋ' ତ ଆଉ କେଉଁଠି 'ହ୍ୱାଓ ହ୍ୱାଓ' । ନିମ୍ନରେ ଭାରତୀୟ ଭାଷା ପରିପ୍ରେକ୍ଷୀରେ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକର ବ୍ୟବହାର ତଥା ଉଚ୍ଚାରଣର ଏକ ନମୁନା ତାଲିକା ଦିଆଗଲା । ଏଥିରେ ତିନିଗୋଟି ସାରଣୀ[୪] ମାଧ୍ୟମରେ ମାନବେତର ପ୍ରାଣୀ, ଯନ୍ତ୍ରପାତି ଓ ମାନବ ଶରୀରରୁ ନିର୍ଗତ ଧ୍ୱନିଗୁଡ଼ିକୁ ଭାରତୀୟ ଭାଷାମାନଙ୍କରେ କିପରି ଧ୍ୱନ୍ୟାତ୍ମକ ଶବ୍ଦରୂପ ଦିଆଯାଇଛି, ତାହା ସୂଚୀତ ।

### ପ୍ରଥମ ସାରଣୀ: ମାନବେତର ପ୍ରାଣୀଠାରୁ ନିର୍ଗତ ଧ୍ୱନିରୁ ସୃଷ୍ଟ ଧ୍ୱନ୍ୟାତ୍ମକ ଶବ୍ଦ

| | ବଙ୍ଗଳା | ଇଂରାଜୀ | ହିନ୍ଦୀ | କନ୍ନଡ଼ | ମାଲାୟାଲମ୍ | ମରାଠୀ | ତାମିଲ | ତେଲଗୁ | ଓଡ଼ିଆ | ଉର୍ଦ୍ଦୁ |
|---|---|---|---|---|---|---|---|---|---|---|
| କୁକୁର | Gheu Gheu, bheu, bhew, bhou bhou | woof, art, bow, wow, ruff | Bho bho | bow bow | bou bou | bho bho | loll-loll vovw-vovw-vazh vazh | bou bou | bho bho | |
| ବିରାଡ଼ି | miu miu | miaow meow | myaou myaaoo | | myaoo myaoo | | miaow (m) | miao(m) | miaun-mioun | meow |
| ଘୋଡ଼ା | tag, hag iiiii, Chi hni | Oneigh, clip clop | hin-hina | | | tagdak-tagdak | | | | |
| ବତକ | pnak pnak | quack | | | | pak pak | kua kua | | | |
| କୁକୁଡ଼ା | kak-ku kuk-kooo | cock odood.. cock-a-doodle-doo | ku-kudu-koo | | kokura kkoo | kukooch-ko | kokkara-ko | kokkaro-ko | kukuduku kan-kanre-kan | |
| ପେଚା | huup huup | Ohoo hoo twit twoo toowit toowoo | | | | | | | | |
| ଗାଈ | hamba | moo | moo | | | hamma | | amba | hamba | |

### ଦ୍ୱିତୀୟ ସାରଣୀ- ମାନବ ଧ୍ୱନିରୁ ସୃଷ୍ଟ ଧ୍ୱନ୍ୟାତ୍ମକ ଶବ୍ଦ

| | ବଙ୍ଗଳା | ଇଂରାଜୀ | ହିନ୍ଦୀ | କନ୍ନଡ଼ | ମାଲାୟାଲମ୍ | ମରାଠୀ | ତାମିଲ | ତେଲଗୁ | ଉର୍ଦ୍ଦୁ | ଓଡ଼ିଆ |
|---|---|---|---|---|---|---|---|---|---|---|
| ହୃଦ ସ୍ପନ୍ଦନ | dur dur duru duru dhuk-puk lab dub | Thump thump lub lub | darak | dub bad dava dava | | dhad dhad dhak dhak | lappu-tappu | lab-dab dhak | dhak dhak, | dhak dhak, dhud, dhud |
| ଘୁଙ୍ଗୁଡ଼ି | bhnosh bhnosh | zzzz | | | | ghor, ghurr | | | | Ghun ghun ghudur ghudur |
| ଛିଙ୍କ | haaci | achoo | ache | | | achin, | a-choo | Haatch | | Haachhi |

| | | | | | | | | | | |
|---|---|---|---|---|---|---|---|---|---|---|
| | jaacchho | | | | | acchoo | | | | |
| ଚିତ୍କାର | | ah, arghhow, ouch yeow | ahha, hhauh-hhauh | | | auaa, aaee | | | | uuff, aahh |
| ଶିଶୁ କ୍ରନ୍ଦନ | oaa oass | wah wah | | | | waan waan | | | | kwan kwaan |

## ତୃତୀୟ ସାରଣୀ - ଯନ୍ତ୍ରପାତିରୁ ନିର୍ଗତ ଧ୍ୱନିରୁ ସୃଷ୍ଟ ଧ୍ୱନ୍ୟାତ୍ମକ ଶବ୍ଦ

| ଯନ୍ତ୍ର/ ଭାଷା | ବଙ୍ଗଳା | ଇଂରାଜୀ | ହିନ୍ଦୀ | କନ୍ନଡ଼ | ମାଲାୟାଲମ୍ | ମରାଠୀ | ତାମିଲ | ତେଲଗୁ | ଉର୍ଦ୍ଦୁ | ଓଡ଼ିଆ |
|---|---|---|---|---|---|---|---|---|---|---|
| କାନ୍ଥଘଣ୍ଟା | tik tik | tick toch | tie tie | | | tik tik | tik tik | | | tik tik |
| ଟେଲିଫୋନ | kring kring | ring ring ringaling, brring driring | | | | | | | | tring tring |
| ରେଳଗାଡ଼ି | | choo choo woo woo | tree paa tee | | | choo choo | | koo chuk chuk | | ghun ghun |
| କବାଟ ବେଲ୍ | | Ding dong | | | | ting tong | | | | ting tong, ding dong |
| କାରଇଞ୍ଜିନ | | vroom broom broom broom | | | | | | raeyyyy | | ghur ghur |

ତେବେ ଓଡ଼ିଆ ଭାଷାରେ ହଜାର ହଜାର ଧ୍ୱନ୍ୟାତ୍ମକ ଶବ୍ଦ ବର୍ତ୍ତମାନ ପ୍ରଚଳିତ । ସେ ସବୁର ସଂଗ୍ରହ ହେବା ନିହାତି ଆବଶ୍ୟକ । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଦ୍ୱାରା ସଂଗୃହିତ ଓଡ଼ିଆ ଭାଷାରେ ବ୍ୟବହୃତ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକର ଏକ ତାଲିକା ନିମ୍ନରେ ଦିଆଗଲା – "ଡଗଡଗ, ପିଚ୍‌ପିଚ୍, ଲହଲହ, ଫଟଫଟ, ଢାଉଁଢାଉଁ, ଜଳଜଳ, ଚରଚର, ଉଡ଼ଉଡ଼, ଫକରଫକର, ଚୁଁଚୁଁ, ଟକ୍‌ଟକ୍, ଟଙ୍ଗଟଙ୍ଗ୍, ଚୁପ୍‌ଚୁପ୍, ଲଡ଼ଲଡ଼, ଶକ୍‌ଶକ୍, ଥପଥପ୍, ଖଡ଼୍‌ଖଡ଼୍, ଝମ୍‌ଝମ୍, ରଣରଣ, ଟହଟହ, କନକନ, ତମତମ, ଫରଫର, ଖଟଖଟ୍, ଢଉଢଉ, ଘଡ଼ଘଡ଼, କେଁକେଁ, ଟପ୍‌ଟପ୍, ଶଲ୍‌ଶଲ୍, ସୁ'ସୁ', ଫଁଫଁ, ଚଙ୍ଗ୍‌ଚଙ୍ଗ୍, ଫଡ଼ଫଡ଼, ପଚ୍‌ପଚ୍, ଝଣଝଣ, ସଣସଣ, ହଲହଲ, ରାଇରାଇ, ଦପଦପ, ପ'ରପ'ର, ଉଡ୍‌ଉଡ୍, ଗଣଗଣ, ଚେଁଚେଁ, ଠକଠକ, ଭସ୍‌ଭସ୍, ଟୁପ୍‌ଟୁପ୍, ସର୍‌ସର୍, ହମ୍‌ହମ୍, ମସ୍‌ମସ୍, ଧଡ଼୍‌ଧଡ଼୍, ଖେଁ ଖେଁ, ରସ୍‌ରସ୍, ମଡ୍‌ମଡ୍, ଝାଇଁ ଝାଇଁ, ବଜ୍‌ବଜ୍, ଧ୍ୱନ୍‌ଧ୍ୱନ୍, ଟାପ୍‌ଟାପ୍, ରପ୍‌ରପ୍, କପକପ, ଚୁଡ଼୍‌ଚୁଡ଼୍, ଥରଥର୍, ଚହଚହ, ଦୂର୍‌ଦୂର୍, ଟୁକ୍‌ଟୁକ୍, ହୁକ୍‌ହୁକ୍, ଝଇଁଝଇଁ, ଚବ୍‌ଚବ୍, କଳକଳ, ଟଳଟଳ, ଘୁ'ଘୁ', ରଟ୍‌ରଟ୍, ଭକ୍‌ଭକ୍, ଖିଲ୍‌ଖିଲ୍, ଛଟ୍‌ଛଟ୍, ହାଁ ହାଁ, ଟଳମଳ, ଲସପସ, ଲଟପଟ, କଡ଼ମଡ଼, ରଣଝଣ, ମସମସ, ଖଜବଜ, ଛଟପଟ, କଟ୍‌କଟ୍, ସେଁସେଁ, ମିଞ୍ଜିମିଞ୍ଜି, ଗମ୍‌ଗମ୍, ଲଙ୍ଗ୍‌ଲଙ୍ଗ୍, ମଚ୍‌ମଚ୍, ଦୁପ୍‌ଦୁପ୍, ଝିପିଝିପି, ଝଡ୍‌ଝଡ୍, ଗଲଗଲ, ଡବ୍‌ଡବ୍, ଡହଡହ, ଢକଢକ, ସୁକ୍‌ସୁକ୍, ମେଁମେଁ, ଘେଁଘେଁ, ଗବ୍‌ଗବ୍, ଜିକିଜିକି, ଘଡ଼ଘଡ଼, ଖୁସ୍‌ଖୁସ୍, ଗାଉଁଗାଉଁ, ହଲହଲ, ଫକ୍‌ଫକ୍, ସଡ୍‌ସଡ୍, ନକଠକ, ଗୁମ୍‌ସୁମ୍, ଲଡ଼ବଡ଼, ନଟଖଟ, ରଟମଟ, ହରବର, ରୁଣଝୁଣ, ଗୁଁପୁଁ, ଟକମକ, ମିଟିମିଟି, ସାଇଁସାଇଁ, ଫସ୍‌ଫସ୍, ଟିଣିଟିଣି, ମୁଚ୍‌ମୁଚ୍, ପୁଚ୍‌ପୁଚ୍, ଦୁମ୍‌ଦୁମ୍, ଧୁଡ୍‌ଧୁଡ୍, ଗଳଗଳ, ଟବ୍‌ଟବ୍, ଟହଟହ,

ବକ୍‌ବକ୍, ଗଲଗଲ, ଭେଁଭେଁ, ଗଁଗଁ, ସୁଁସୁଁ, ଟଣ୍‌ଟଣ୍, ହାଉହାଉ, ଖେଁଖେଁ, ଝୁଣ୍‌ଝୁଣ୍, ମିଁମିଁ, କଲକଲ୍, ଟପ୍‌ଟପ୍, ଧଡ଼ଧଡ଼, ଗଡ଼ପଡ଼, ଲହରପହର, ହଲଚଲ, ଚଡ଼ଉଡ଼, ରଣଭଣ, କଲବଲ, ରବେଇଖବେଇ, ହୁଲ୍‌ହୁଲ୍, ଛଟପଟ ।"

**(୨)**

ଉପନ୍ୟାସ କ୍ଷେତ୍ରରେ 'ସ୍ଥାବର ଜଙ୍ଗମ' ପ୍ରଫେସର କଇଳାଶ ପଟ୍ଟନାୟକଙ୍କ ଏକଇରବଲା ସନ୍ତାନ । ତେଣୁ ଖୁବ ଯତ୍ନ ସହକାରେ ଏହାର ଲାଳନ ପାଳନ ହୋଇଥିବା କଥା ଏହାର ପଠନରୁ ସ୍ପଷ୍ଟ ବାରିହୁଏ । ଏହାକୁ ଆଲୋଚକମାନେ ଓଡ଼ିଆ ଭାଷାର ପ୍ରଥମ ମାନବେତର ଚରିତ୍ରଧର୍ମୀ ଉପନ୍ୟାସ ବୋଲି କହିଥାନ୍ତି । ବିଷ୍ଣୁଶର୍ମାଙ୍କ ପଂଚତନ୍ତ୍ର ପରି ଏଥିରେ ମଧ ମାନବେତର ପ୍ରାଣୀ ତଥା ଗଛବୃକ୍ଷ ଭିତରେ ମାନବୋଚିତ ଭାବଗୁଣର ଭରପୁର ସମାଗମ ରହିଛି । ଏଥିରେ ଅଛି ଶାଳ ଗଛର ଚଳମାନତା, ବରଗଛର ଜୀବନ ସଂଗ୍ରାମ, ଗଞ୍ଜାର ଆତ୍ମବିଶ୍ୱାସଜନିତ ଜାଗରଣ, କୋଚିଲାଖାଇ ପକ୍ଷୀଙ୍କ ମଧ୍ୟରେ ବାତ୍ସଲ୍ୟ ପ୍ରେମ, ମାଙ୍କଡ଼ୀର ଭଲପାଇବା ଆଦି ଅନେକ । କେଉଁଠି ହେଲେ ମଣିଷ ଚରିତ୍ର ନାହାନ୍ତି; ଅଥଚ ମଣିଷ ତଥା ତା'ର ଆଖପାଖର ପୃଥିବୀ, ତାର ଚିନ୍ତା-ଚେତନା ଆଦିର ପ୍ରତିଫଳନ ଏ ଉପନ୍ୟାସରେ ସମୁଜ୍ଜ୍ୱଳ । ୧୯୮୭ ମସିହା ନଭେମ୍ବର ମାସର ଏକ ଶୀତୁଆ ସକାଳରେ ଶାନ୍ତିନିକେତନର ଉପାସନା ମନ୍ଦିର ପାଖରେ ପିଲାମାନଙ୍କୁ ପାଠ ପଢ଼ାଉଥିବାବେଳେ ସ୍ୱାଭାବିକ ଭାବେ ଖେଳାବୁଲା କରୁଥିବା ଦୁଇଟି ପକ୍ଷୀଙ୍କୁ ଦେଖିବା ପରେ ଔପନ୍ୟାସିକଙ୍କ ମନରେ ଜାଗିଥିଲା ଏପରି ଏକ ଉପନ୍ୟାସ ରଚନା କରିବାର ଅଭିଳାଶ । ତାପରେ ଦୀର୍ଘ ଉଣେଇଶ ବର୍ଷ ପରେ ଏ ପରିକଳ୍ପନା ସାକାର ରୂପ ପାଏ କାଦମ୍ବିନୀ ପତ୍ରିକାର ଜୁଲାଇ ୨୦୦୬ ଜନ୍ମ ସଂଖ୍ୟାରେ । ଏଭଳି ଏକ ସ୍ୱତନ୍ତ୍ର ଧରଣର ଉପନ୍ୟାସ ଲେଖିବା ପାଇଁ ତାଙ୍କୁ ଢେର ପରିଶ୍ରମ କରିବାକୁ ପଡ଼ିଛି ନିଶ୍ଚୟ । ତେଣୁ ସେ କହନ୍ତି- "ହଁ, ଆରଣ୍ୟକ ଉପଲବ୍ଧି ତ କରିଛି ଖାଲି ଏଠାକାର (ଶାନ୍ତିନିକେତନର ସବୁଜ ପୃଥିବୀ) ପ୍ରକୃତି ନୁହେଁ, ଓଡ଼ିଶାର ବିଭିନ୍ନ ବନ ପ୍ରକୃତି ସହ ମୋର ପରିଚୟ ରହିଛି । ଆଉ ଯୋଉ ପଶୁପକ୍ଷୀ, ସରୀସୃପଙ୍କ କଥା ଲେଖିଛି ସେମାନଙ୍କୁ ଅଧିକ ଜାଣିବାକୁ, ସେମାନଙ୍କ ପ୍ରକୃତିକୁ ଅଧିକ ଚିହ୍ନିବାକୁ ବିଭିନ୍ନ ବିଶେଷଜ୍ଞଙ୍କ ବହିପତ୍ରର ସାହାଯ୍ୟ ନେଇଛି । ତାକୁ ଅସ୍ୱୀକାର କରିହେବ ନାହିଁ ।"[୫] ଉପନ୍ୟାସ ଭିତରେ ପାଠକ ଯାବତୀୟ ପରୀକ୍ଷା-ନିରୀକ୍ଷା ଦେଖିବାକୁ ପାଏ । ଭାବ, ଭୂମି ଓ ଭଙ୍ଗୀଜନିତ ଅନେକ ବୈଚିତ୍ର୍ୟ ସେ ଏଠି ଲକ୍ଷ୍ୟ କରିପାରେ । ତଥାପି ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ ଏହାର ଅନ୍ୟ ଏକ ପରୀକ୍ଷାଧର୍ମୀ ଦିଗ । ନିମ୍ନରେ 'ସ୍ଥାବର ଜଙ୍ଗମ'ରେ କଇଳାଶ ପଟ୍ଟନାୟକଙ୍କ ଧ୍ୱନ୍ୟାତ୍ମକ ଶବ୍ଦ ଚୟନ ଓ ପ୍ରୟୋଗ ବିଷୟରେ ସଦୃଷ୍ଟାନ୍ତ ଆଲୋଚନା କରାଗଲା ।

**(କ) ଦ୍ୱୈତ ଏକାକ୍ଷରୀ ଧ୍ୱନ୍ୟାତ୍ମକ ଶବ୍ଦ :**

ଏଥିରେ ଏକ ଅକ୍ଷର ବିଶିଷ୍ଟ ଧ୍ୱନ୍ୟାତ୍ମକ ଶବ୍ଦ ଦ୍ୱୈତ ଉଚ୍ଚାରିତ ହୋଇ ଏକ ଧ୍ୱନ୍ୟାତ୍ମକ ବାତାବରଣ ସୃଷ୍ଟି କରେ । ସ୍ଥାବର ଜଙ୍ଗମରେ ଏହାର ବହୁଳ ଦୃଷ୍ଟାନ୍ତ ପ୍ରତିଭାତ । ଯଥା-

(୧) ପଲକଯାକ ଘଉଡ଼ାଇ ଆଣିଲେ ତାକୁ ଭୋଃ ଭୋଃ କରି । (ପୃ- ୧୭)

(୨) କୁତ୍ରାଟିଏ ରହିଛାଡ଼ି ଦୌଡ଼ି ପଳାଉଥିବ, ଡାଳଟିଏ ମଡ଼ ମଡ଼ କରି ଭାଙ୍ଗି ପଡୁଥିବ, ପବନ ବୋହି ଯାଉଥିବା ସୁ ସୁ ହୋଇ, କି ଶୁଣାଯାଉଥିବ ପକ୍ଷୀଙ୍କ କୂଜନ । (ପୃ- ୨୩)

(୩) ମୁହଁରେ ଥନଭୁଣ୍ଡିଟା ଲାଗିଲା ମାତ୍ରେ ଚଁ ଚଁ କରି ଚୋଷିଗଲା । (ପୃ- ୨୭)

(୪) ସେଇ ରହସ୍ୟମୟ ଅନ୍ଧାରକୁ ଆହୁରି ରହସ୍ୟମୟ କରିଦେଇ, ନୀରବତାର ସେ ବହଳତା ଚିରି ଅଚାନକ ଶୁଣାଗଲା ହୁଁଃ.....ହୁଁଃ..... ଶବ୍ଦ । (ପୃ-୩୯)

(୫) ଦୂରରୁ କେଉଁଠୁ ଶୁଣାଗଲା ତା'ର ପ୍ରତିଧ୍ୱନି, ହୁଁଃ..... ହୁଁଃ.....। (ପୃ-୩୯)

ଉପର୍ଯ୍ୟୁକ୍ତ ବାକ୍ୟମାନଙ୍କରେ ବ୍ୟବହୃତ ଭୋଃ..... ଭୋଃ, ସୁ' ସୁ, ଚଁ ଚଁ, ହୁଃ ହୁଃ ଆଦି ଦ୍ୱୈତ ଏକାକ୍ଷରୀ ଧ୍ୱନ୍ୟାତ୍ମକ ଶବ୍ଦ କେଉଁଠି ଭୟ ତ କେଉଁଠି କମନୀୟତା ତଥା କୋମଳ କ୍ଷୁଧା ଆଦି ଅର୍ଥ ବ୍ୟଂଜିତ କରି ଆକର୍ଷଣର କେନ୍ଦ୍ର ପାଲଟିଛି ।

**(ଖ) ଦ୍ୱୈତ- ଦ୍ୱି-ଅକ୍ଷରୀ ଧ୍ୱନ୍ୟାତ୍ମକ ଶବ୍ଦ :**

ଏ କ୍ଷେତ୍ରରେ ଦୁଇ ଅକ୍ଷର କ୍ରମରେ ସନ୍ନିବଦ୍ଧ ଧ୍ୱନ୍ୟାତ୍ମକ ଶବ୍ଦ ଲାଗି ଲାଗି ଦ୍ୱୈତ ଉଚ୍ଚାରିତ ହୁଏ । ଉକ୍ତ ଉପନ୍ୟାସରେ ଏ ଧରଣର ସର୍ବାଧିକ ଧ୍ୱନ୍ୟାତ୍ମକ ଶବ୍ଦ ବ୍ୟବହୃତ । କେତେ ଗୋଟି ଶବ୍ଦ ସତେ ଯେମିତି ଔପନ୍ୟାସିକ କଇଳାଶ ପଟ୍ଟନାୟକଙ୍କ ପ୍ରିୟଶବ୍ଦ ଭଳି ପ୍ରତ୍ୟୟମାନ ହୁଅନ୍ତି । ତନ୍ମଧ୍ରୁ କିଛି ଦୃଷ୍ଟାନ୍ତ ଭାବରେ ନିମ୍ନରେ ଦିଆଗଲା -

(୧) ତେଲ ଲିପିଲା ପରି ପିଚ୍ ପିଚ୍ ଶାଗୁଆ ପତ୍ର, ଝଙ୍କା ଝଙ୍କା । (ପୃ- ୦୯)

(୨) ସେଇ ଖର୍ ଖର୍ ଶବ୍ଦରେ ପବନ ଧାଇଁ ପଳାଏ । (ପୃ- ୦୯)

(୩) ଏବେ ଖପ୍ ଖପ୍ ହେଇ କୁଦା ମାରି ଚାରି ପାଂଚ ମାଙ୍କଡ଼ ତା'ର ଗୋଟା ଦେହରେ ବିଛେଇ ହେଇ ବସିଗଲେ । (ପୃ- ୧୨)

(୪) ଗୋଟିଏ ପଟର ଡାଳ ଥର ଥର ଥରିଉଠିଲା । (ପୃ- ୧୩)

(୫) କୁକୁରମାନଙ୍କର ଦଖଲରେ ଅତିକାୟ ସେଇ ମାଂସ ପିଣ୍ଡୁଳାଟି ଥିବାବେଳେ କାଉ କାନରେ ହଠାତ୍ ଟପ୍ ଟପ୍ ଶବ୍ଦ ପଡ଼ିଥିଲା । (ପୃ- ୧୯)

(୬) ଝିରି ଝିରି ଶବ୍ଦର ସେ ହସ ହସିଦେଇ ସତେ ଯେମିତି ବରଗଛ ଗ୍ରହଣ କଲା କାଉର କୃତଜ୍ଞତା । (ପୃ- ୧୯)

(୭) ବରଗଛର ପତ୍ର ପରସ୍ପରକୁ ଝିରି ଝିରି ଛୁଇଁଗଲେ । (ପୃ- ୨୩)

(୮) ଅକାରଣେ କୋଳର ପିଲାଟିକୁ ଖାଉଁ...ଖାଉଁ... କରି ଆଦର କରିପକାଇଲା । (ପୃ- ୨୬)

(୯) ଛାତିର ଧୁକ୍ ଧୁକ୍ ପୁନର୍ବାର ମନେ ପକାଇଦେଲା ତାକୁ କୁଆଡ଼େ ସେ ଯିବ । (ପୃ- ୨୯)

(୧୦) ଏ ଅରଣ୍ୟ ଖଣ୍ଡର ଯେତେ ଦୂର ଯାଏଁ ଆଖି ପାଏ ଶାଳର, ଯେତେ ଯେତେ ଦୂର ପର୍ଯ୍ୟନ୍ତ ଗଛ ବୃଛର ଫାଙ୍କ ଦେଇ ଉପରଟା ଦେଖା ପାଏ, ଦେଖେ ସେଠି ବି ସେଇ ଡାଳପତ୍ରର ଜମାଟ ଭିତରେ ବି ଚକ୍ ଚକ୍ କରୁଛି ଆକାଶର ରୂପ । (ପୃ- ୩୩)

(୧୧) ଘର ଫେରନ୍ତା ଉଲ୍ଲାସରେ ସେ ଗୁଣୁ ଗୁଣୁ ସ୍ୱର ବି ଶୁଣିନାହାନ୍ତି କେହି । (ପୃ- ୪୦)

(୧୨) ଦଳଟା ଭିତରେ ଗୋଟିଏ ଥମ ଥମ ଭାବ । (ପୃ- ୪୧)

(୧୩) ପବନ ସାଇଁ ସାଇଁ ଖେଳି ଯାଉଛି ଚତୁର୍ଦ୍ଦିଗ । (ପୃ- ୪୭)

(୧୪) ଚକ୍ ଚକ୍ କରିଦେଲା ଅରଣ୍ୟର ଅନ୍ଧାରକୁ । (ପୃ- ୭୦)

(୧୫) ଶାଳ, ବର୍ଷା, ବିଜୁଳି, ପବନର ଉତ୍ପାତ ଭିତରେ ଦେଖିଥିଲା ସେ ଶବ୍ଦ ହେବା ସଙ୍ଗେ ସଙ୍ଗେ ହୁତ୍ ହୁତ୍ ଜଳିଉଠିଲା ତା'ପାଖର ତାଳ ଗଛ ଟିଏ । (ପୃ- ୭୧)

ଦ୍ୱୈତ ଦ୍ୱିଅକ୍ଷରୀ ଧ୍ୱନ୍ୟାତ୍ମକ ଶବ୍ଦ ପ୍ରାୟତଃ ଶ୍ରୁତି ମଧୁର ହୋଇଥାଏ ଏବଂ ଏକ ପ୍ରକାର ଶବ୍ଦମାନଙ୍କର ନୃତ୍ୟାତ୍ମକ ଅବବୋଧ ସୃଷ୍ଟି କରେ । ଓଡ଼ିଆ ଭାଷାରେ ଏ ଧରଣୀୟ ଶବ୍ଦର ବ୍ୟବହାର ପ୍ରତୁଳ । ଭୟ, ସ୍ନେହ, ଆଦର, ଉଲ୍ଲାସ, ଚିନ୍ତା, କୌତୁକ ଆଦି ଭାବକୁ ବ୍ୟଞ୍ଜିତ କରିବା ପାଇଁ ଲେଖକ ଉପର୍ଯ୍ୟୁକ୍ତ ଧ୍ୱନ୍ୟାତ୍ମକ ଶବ୍ଦମାନଙ୍କର ସଫଳ ପ୍ରୟୋଗ କରିଛନ୍ତି ଆଲୋଚ୍ୟ ଉପନ୍ୟାସରେ ।

**(ଗ) ଦ୍ୱୈତ ତ୍ରି-ଅକ୍ଷରୀ ଧ୍ୱନ୍ୟାତ୍ମକ ଶବ୍ଦ :**

ଏକ ବିଶେଷ ଉଦ୍ଦେଶ୍ୟ ରଖି ଲେଖକ ବେଳେବେଳେ ତିନି ଅକ୍ଷର ବିଶିଷ୍ଟ ଧ୍ୱନ୍ୟାତ୍ମକ ଶବ୍ଦକୁ ଯୋଡ଼ାଯୋଡ଼ି କରି ବାକ୍ୟରେ ବ୍ୟବହାର କରିଥାନ୍ତି । ଯଥା- ଝପର ଝପର, କଟର କଟର, କିଚିରି କିଚିରି ଇତ୍ୟାଦି । 'ସ୍ଥାବର ଜଙ୍ଗମ' ରେ ଏହାର ଅନେକ ଦୃଷ୍ଟାନ୍ତ ରହିଛି -

(୧) ଡିମିରି ଗଛରୁ ବାଦୁଡ଼ିଟିଏ କିଚିର୍ କିଚିର୍ କରି ଉଠିଲା । (ପୃ- ୩୦)

(୨) ତା'ର ହୁଃ..... ହୁଃ ଡାକ ବାହି ଆଣିଲାନି କହାରି ଖ୍ରର୍ରର୍..... ଖ୍ରର୍ରର୍... ଶବ୍ଦ । (ପୃ- ୩୯)

(୩) ସନ୍ଧ୍ୟାର ସେ ଅନ୍ଧାର ଗମ୍ଭୀର ନିସ୍ତବ୍ଧତାକୁ ହଠାତ୍ ଓଲଟ ପାଲଟ କରିଦେଲା ପଲଟାଯାକ ମାଙ୍କଡ଼ଙ୍କ କିର୍ରର୍.....କିର୍ରର୍ ଶବ୍ଦ । (ପୃ- ୪୨)

(୪) କ୍‌କକ...କ୍‌କକ... କ୍ଷୀଣ ଏ ଶବ୍ଦ ପରେ ପରେ ମାଟି ଘେରର ହଳଦିଆ ଅଣ୍ଟ ଭିତରୁ ବାହାରି ଆସିଲା ମେଞ୍ଚାଏ ଲାଲୁଆ ବସ୍ତୁବିଶେଷ । (ପୃ-୭୫)

(୫) କ୍‌କକ...କ୍‌କକ... ଅଣ୍ଡିରା କୋଚିଲାଖାଇର ସେ ରାବ ଶୁଣିବାକୁ ଶାଳକୁ ଭଲ ଲାଗୁଥିଲା । (ପୃ- ୭୬)

(୬) ଗୁମ୍ ହୋଇଥିବା ପବନ ପୁଣି ଅଚାନକ ହାଲୁକା ହାଲୁକା ହେଇ ଶାଳ ପାଖକୁ ଆସୁଥିଲା । (ପୃ- ୭୯)

ଏଠି ବ୍ୟବହୃତ ଦ୍ୱୈତ ତ୍ରି-ଅକ୍ଷରୀ ଧ୍ୱନ୍ୟାତ୍ମକ ଶବ୍ଦମାନ କେତେବେଳେ ସମ୍ବେଦନା କେତେବେଳେ ଭୟ ତ ଆଉ କେତେବେଳେ ଆପଣାପଣର ଭାବୋଦ୍ରେକ କରୁଛନ୍ତି ।

### (ଘ) ବର୍ଣ୍ଣ ଅମେଳଯୁକ୍ତ ଧ୍ୱନ୍ୟାତ୍ମକ ଶବ୍ଦ :

ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ କାଳରେ ବେଳେବେଳେ ବର୍ଣ୍ଣଗତ ସମତା ରହେ ନାହିଁ । ଗୋଟିଏ ବସ୍ତୁରୁ ସବୁବେଳେ ସମାନ ଧରଣର ଧ୍ୱନି ବାହାରେ ନାହିଁ । ଧ୍ୱନିଗତ ଭିନ୍ନତାରୁ ବର୍ଣ୍ଣଗତ ଅସମାନତା ସ୍ୱାଭାବିକ । କେଁ... କଟର, ସୁଁସାଁ, ଫିସ୍ ଫାସ୍ ଆଦି କେତେକ ଏ ଧରଣୀୟ ଧ୍ୱନ୍ୟାତ୍ମକ ଶବ୍ଦ । 'ସ୍ଥାବର ଜଙ୍ଗମ'ରୁ ନିମ୍ନରେ ଏ ବର୍ଗୀୟ କେତୋଟି ଦୃଷ୍ଟାନ୍ତ ଦିଆଗଲା-

(୧) ପଡ଼ି ଯାଉ ଯାଉ 'ଡ଼ 'ଡ଼ ଡେଣା ମେଲାଇ ଶାଗୁଣାମାନେ ସମ୍ଭାଳିଗଲେ । (ପୃ- ୧୧)

(୨) ମନଟା ଖାଲି ଛକପକ ଲାଗୁଛି । (ପୃ- ୨୮)

(୩) କିଚିରି ମିଚିରି କରି ଛୁଆକୁ ଆଦର କରିଥାନ୍ତି । (ପୃ- ୪୧)

(୪) ଆଉ ଶୁଣା ଯାଉନଥିଲା ପକ୍ଷୀଙ୍କ କାଁ ଭାଁ ରାବ । (ପୃ-୪୨)

(୫) ମାଁ କୋଚିଲାଖାଇ ତା ପିଲାଙ୍କ ଚିଁ....ଚାଁ....ରେ ମାଟି ଲେପ ଭାଙ୍ଗି ପିଲାଙ୍କୁ ବାହାରକୁ ଆଣିବ ନାହିଁ । (ପୃ- ୬୭)

### (ଙ) ମାଳଯୁକ୍ତ ଧ୍ୱନ୍ୟାତ୍ମକ ଶବ୍ଦ :

ଧ୍ୱନ୍ୟାତ୍ମକ ଶବ୍ଦ ବେଳେବେଳେ ମାଳମାଳ ବା ଗୁଚ୍ଛାକାରରେ ବ୍ୟବହୃତ ହୋଇଥାଏ । ଧ୍ୱନ୍ୟାତ୍ମକ ପରିବେଶକୁ ଆହୁରି ଗଭୀର ତଥା ବାସ୍ତବ କରିବା ଇଚ୍ଛାରେ ଲେଖକ ମଧ୍ୟ ଧ୍ୱନ୍ୟାତ୍ମକ ଶବ୍ଦକୁ ଗୁଚ୍ଛକରି ଭାଷାରେ ପ୍ରୟୋଗ କରିଥାନ୍ତି । 'ସ୍ଥାବର ଜଙ୍ଗମ' ରେ ଏପରି ଦୃଷ୍ଟାନ୍ତ ଲକ୍ଷଣୀୟ । ଯଥା-

(୧) 'ଡ୍ 'ଡ୍ 'ଡ୍ 'ଡ୍ ଉଡ଼ି ଆସି ଦଳେ ଶାଗୁଣା ତା'ର ନହକାଡାଳ ଦି'ଟାରେ ବସି ପଡ଼ିଲେ । (ପୃ- ୧୧)

(୨) ସବୁ ଶାଗୁଣା ଏକା ସଙ୍ଗେ ହସି ଉଠିଲେ । ଖ୍ୱର୍ର, ଖ୍ୱର୍ର । ଖ୍ୱର୍ର ଖ୍ୱର୍ର । (ପୃ- ୧୧)

(୩) ରାଗିଲେ ଖ୍ୱାଁ ଖ୍ୱାଁ ଖ୍ୱର୍ରର୍ ହେଇ ଗାଳି ଲାଗିବେ । (ପୃ- ୧୨)

(୪) ଝଣ ଝଣ..... ଝଣ ଝଣ..... ହେଇ ଉଠିଲା ବରଗଛର ପତ୍ରସବୁ । (ପୃ- ୪୬)

(୫) କୁପ୍... କୁପ୍... କୁପ୍... କୁପ୍ । (ପୃ- ୫୯)

(୬) ଟ୍ୟା... ଟ୍ୟା...ଟ୍ୟା... ଟ୍ୟା... । ଗଞ୍ଜା ଉପର ଦେଇ ଉଡ଼ି ଚାଲିଗଲା ପକ୍ଷୀଟିଏ । (ପୃ- ୬୧)

ଏଗୁଡ଼ିକରେ ଅନେକତ୍ର ସ୍ୱାଭାବିକତା ଫୁଟି ଉଠୁଥିବାବେଳେ ଅନେକତ୍ର କୃତ୍ରିମ ପ୍ରୟୋଗ ମଧ୍ୟ ଦେଖାଯାଏ ।

### (ଚ) ପ୍ରକରଣ ଭିତ୍ତିକ ଧ୍ୱନ୍ୟାତ୍ମକ ଶବ୍ଦ :

ବର୍ଣ୍ଣନାକୁ ବାସ୍ତବ କରିବା ପାଇଁ ଲେଖକ ଗୋଟିଏ ପାଠାଂଶ ଭିତରେ ଅନେକ ପ୍ରକାରର ଧ୍ୱନ୍ୟାତ୍ମକ ଶବ୍ଦକୁ ନେଇ ଆସି ସଂଯୋଜିତ କରେ । ଦୃଷ୍ଟାନ୍ତ ସ୍ୱରୂପ- ଲେଖକ ଯେତେବେଳେ କୌଣସି ଏକ ସନ୍ଧ୍ୟା ସମୟର ବର୍ଣ୍ଣନା କରେ ସେ ସମୟରେ ବିଲୁଆର ହୁକେ ହୁ, ଝିଙ୍କାରୀର ଚିଁ ଚିଁ, ବେଙ୍ଗର କଟର୍ କଟର୍, ପେଚାର କୁ-କୁ-କୁ, ଗାଈ-ବଳଦଙ୍କ ହମ୍ବାରଡ଼ି ସହିତ ମଣିଷର ଯାବତୀୟ ଧ୍ୱନିକୁ ଏକତ୍ର ଗୋଟିଏ ପାଠାଂଶ ମଧ୍ୟରେ ସମାବେଶ କରାଏ । ଏ ପ୍ରକାର ଧ୍ୱନ୍ୟାତ୍ମକ ଶବ୍ଦ ବ୍ୟବହାରରେ ଲେଖକଙ୍କର ମୂଳ ଉଦ୍ଦେଶ୍ୟ ହେଲା କୌଣସି ଏକ ଅବସ୍ଥା, ଘଟଣା ବା ପରିବେଶର ସଠିକ୍, ବାସ୍ତବ ତଥା ନିଛକ ଚିତ୍ର ଅବବୋଧ କରାଇବା । ଆଲୋଚ୍ୟ ଉପନ୍ୟାସରେ ଏହାର ଦୃଷ୍ଟାନ୍ତ ହେଲା –

(୧) କୁତ୍ରାଟିଏ ରଡ଼ିଛାଡ଼ି ଦୌଡ଼ି ପଳାଉଥିବ, ଡାଳଟିଏ ମଡ଼ ମଡ଼ କରି ଭାଙ୍ଗି ପଡୁଥିବ, ପବନ ବୋହି ଯାଉଥିବ ସୁସୁ ହେଇ, କି ଶୁଣାଯାଉଥିବ ପକ୍ଷୀଙ୍କ କୂଜନ । କିଛି ବି ଗୋଟେ ଘଟିବା ଦରକାର । ନଚେତ୍ ଠିକ୍ ସେହି ଗଭୀର ପ୍ରଶାନ୍ତି- ସେଇ ନିବିଡ଼ ସ୍ତବ୍ଧତା ଭିତରେ କୁକୁରଯାକ ବିପଦ ଦେଖିଲା ଭଳି ଚିର୍ ଚିରେଇ ଉଠି ଦୌଡ଼ନ୍ତି ଏଣେ ତେଣେ । (ପୃ- ୨୩)

(୨) ଛାତି ଭିତରଟା ଧୀର ହୋଇ ଧକ୍ ଧକ୍ ହେଉଥିଲା । ଯଉ ମୁହୂର୍ତ୍ତରେ ମାଇ ମାଙ୍କଡ଼ ନିଜକୁ ନିଜେ ଏ ପ୍ରଶ୍ନ ପଚାରିଦେଲା, 'କୁଆଡ଼େ' – ଅନୁଭବ କଲା ତା ଛାତିର ଧକ୍ଧକ୍ ବଢ଼ି ଯାଇଛି ହଠାତ୍ । ଗୋଟିଏ ଧକ୍ରୁ ଆଉ ଗୋଟିଏ ଧକ୍ ହେବା ମଝିର ସମୟ ବ୍ୟବଧାନ କମି କମି ଆସୁଛି । (ପୃ- ୨୮)

(୩) ଚାଉଁ କରି ଦେହରେ କ'ଣ ବାଜିଲା । 'ଆତ୍ମରକ୍ଷା' ! ଚଟ୍ କରି କାଉ ମନକୁ ଚାଲି ଆସିଲା ଏ କଥା ପଦକ । ସାଏଁ

କରି ଉଡ଼ି ଚାଲିଗଲା ସେ ଘାଉଆ ମଇଁଷିଟି କାନ୍ଧରୁ । ବେଶୀ ଦୂର ନୁହେଁ, ଟିକେ ବାଟ ଯାଇ ଚକ୍‌କର କାଟି ପୁଣି ବସି ପଡ଼ିଲା ତା' ପିଠିରେ । ଦଲ୍ ଦଲ୍ ସେ ଘା' ମନ୍ଦାକରେ ଥଣ୍ଟ ପୂରାଇବାକୁ ତା'ର ଡର ସହୁନଥିଲା । (ପୃ- ୪୩)

(୪) କୁପ୍... କୁପ୍... କୁପ୍... କୁପ୍... କୁପ୍...କୁପ୍... ଏକା ରାହାକେ ଡାକି ହେଇଗଲା ଏ ଶବ୍ଦ । ଶିଉଳି ଆଉ ଗଣ୍ଡିର କଥା ସେ ଦିନ ବନ୍ଦ ହୋଇ ଯାଇଥିଲା । ଫୁଲ ପରି ନରମ ସେ ମାଟିକୁ ଆଶ୍ରା କରିଥିଲା ବଡ଼ ଚକଡ଼ାଏ ଘାସ ଆଉ ଅରାଏ ବୁଦବୁଦକିଆ ଜଙ୍ଗଲ । ଶବ୍ଦଟି ଭାସି ଆସୁଥିଲା ସେଇଠୁ । ଓଦା ମାଟିର ଶାଗୁଆ ଘାସ ଆଉ ନରମ ଖରା ମଝିରେ ଥିଲେ ଯୋଡ଼ିଏ କୁମ୍ଭାଟୁଆ । କୁପ୍..... କୁପ୍..... କୁପ୍..... କୁପ୍..... କୁପ୍..... କୁପ୍ । x x x x । କୁପ୍..... କୁପ୍..... କୁପ୍ ଶବ୍ଦର ଗୋଟିଏ ଅନନ୍ତ ଲହର ଖେଳିଯାଇଛି ସେ ଖଣ୍ଡକରେ । (ପୃ- ୪୯) ।

### (ଛ) ପ୍ରତ୍ୟୟଯୁକ୍ତ ଧ୍ୱନ୍ୟାତ୍ମକ ଶବ୍ଦ :

ଅନେକ ସମୟରେ ଲେଖକ ଏକକ ଉଚ୍ଚାରିତ ଧ୍ୱନ୍ୟାତ୍ମକ ଶବ୍ଦରେ ପ୍ରତ୍ୟୟ ଯୋଗକରି ନୂତନ ଧ୍ୱନ୍ୟାତ୍ମକ ଶବ୍ଦ ତିଆରି କରେ । ଯଥା- ମଲମଲି, କଟକଟିଆ, 'ଟକିନା ଇତ୍ୟାଦି । ଏ କ୍ଷେତ୍ରରେ ଧ୍ୱନ୍ୟାତ୍ମକ ଶବ୍ଦରେ ଏଇ, କିନା, କିନି, ଇ ଆଦି ପର ପ୍ରତ୍ୟୟ ଯୋଗଦ୍ୱାରା ନୂତନ ଶବ୍ଦ ସୃଷ୍ଟି କରି କୌଣସି ଏକ ପରିବେଶକୁ ସୂଚାଇବା ଭଳି ଚିତ୍ରଟିଏ ପାଠକ ପାଖରେ ପହଞ୍ଚାଇ ଦିଏ ଲେଖକ । ଆଲୋଚ୍ୟ ଉପନ୍ୟାସରେ ପ୍ରୟୋଗ କରାଯାଇଥିବା ନିମ୍ନୋକ୍ତ ଦୃଷ୍ଟାନ୍ତରୁ ଆମେ ଏହାକୁ ଅନୁଭବ କରିପାରିବା ।

(୧) ନଚେତ୍ ଠିକ୍ ସେଇ ଗଭୀର ପ୍ରଶାନ୍ତି- ସେଇ ନିବିଡ଼ ସ୍ତବ୍ଧତା ଭିତରେ କୁକୁରଯାକ ବିପଦ ଦେଖିଲା ଭଳି ଚିର୍‌ଚିରେଇ ଉଠି ଦୌଡ଼ନ୍ତି ଏଣେତେଣେ ।(ପୃ-୨୩)

(୨) ଫୁଲ ପରି ନରମ ସେ ମାଟିକୁ ଆଶ୍ରା କରିଥିଲା ବଡ଼ ଚକଡ଼ାଏ ଘାସ ଆଉ ଅରାଏ ବୁଦବୁଦକିଆ ଜଙ୍ଗଲ । (ପୃ- ୪୯)

### (ଜ) ଯୋଜକ (-) ଚିହ୍ନଯୁକ୍ତ ଧ୍ୱନ୍ୟାତ୍ମକ ଶବ୍ଦ :

ଭାଷାରେ ଗୋଟିଏ ଶବ୍ଦ ଯେତେବେଳେ ଦୁଇଟି ଧାଡ଼ିରେ ରହୁଥାଏ । ପ୍ରଥମ ଧାଡ଼ିର ଶବ୍ଦାଂଶ ପରେ 'ହାଇଫେନ' ଅର୍ଥାତ୍ 'ଅବଗ୍ରହ' ବା ଯୋଜକ (-) ଚିହ୍ନର ବ୍ୟବହାର କରାଯାଏ । ପୁନଶ୍ଚ ସମାସ ନିଷ୍ପନ୍ନ ପଦମାନଙ୍କ ମଝିରେ ଏହି ଚିହ୍ନ ଦିଆଯାଏ । ଧ୍ୱନ୍ୟାତ୍ମକ ଶବ୍ଦମାନଙ୍କ ମଧ୍ୟରେ ଯୋଜକ ଚିହ୍ନ ପ୍ରୟୋଗ କରି ଲେଖକମାନେ ଚମତ୍କାରିତା ଆଣିଥାନ୍ତି । ଯଥା- ଗଁ-ଗଁ, ଫେଁ-ଫେଁ, ମେଁ-ମେଁ, କୁଆଁ-କୁଆଁ ଇତ୍ୟାଦି । 'ସ୍ଥାବର ଜଙ୍ଗମ'ରୁ ନିମ୍ନୋକ୍ତ ଉଦାହରଣକୁ ଦେଖାଯାଇପାରେ ।

(୧) କାଉ କା-କା-ରାବି କିଛି ଦୂର ଡେଣା ହଲାଇ ଉପରକୁ ଉପର ଉଡ଼ିଗଲା । (ପୃ- ୨୫)

### (ଝ) 'କରି' ଅସମାପିକା କ୍ରିୟାଯୁକ୍ତ ଧ୍ୱନ୍ୟାତ୍ମକ ଶବ୍ଦ :

ଏକକ ଉଚ୍ଚାରିତ ଧ୍ୱନ୍ୟାତ୍ମକ ଶବ୍ଦ ସହିତ 'କରି' ଅସମାପିକା ଯୋଗକରି ନୂତନ ଧ୍ୱନ୍ୟାତ୍ମକ ଶବ୍ଦ ସୃଷ୍ଟି କରେ ଲେଖକ । ଏ ଧରଣର ଧ୍ୱନ୍ୟାତ୍ମକ ଶବ୍ଦ ପ୍ରାୟତଃ ଶୀଘ୍ରତାକୁ ପ୍ରକାଶ କରେ । ନିମ୍ନରେ କଇଳାଶ ପଟ୍ଟନାୟକଙ୍କ ବ୍ୟବହାରଗତ ବୈଚିତ୍ର୍ୟକୁ ଲକ୍ଷ୍ୟ କରାଯାଇପରେ-

(୧) ଦେଖ ତା' ଦେହରେ ବସିଥିବା ଚଢ଼େଇମାନେ ଫୁର୍‌ର୍ କରି ଉଡ଼ି କାହିଁ ଚାଲିଯିବେ । (ପୃ- ୯)

(୨) ତା ରାଗ ଦେଖି ଯୋଉ ବାଇଚଢ଼େଇ କେଉ ପୁଞ୍ଜା ବସିଥିଲେ, ଫୁର୍‌ର୍ କରି ଉଡ଼ିଗଲେ । (ପୃ-୧୪)

(୩) କହିଲା ଆଉ ଝଟ୍‌କରି ଶାଳରୁ ଆମ୍ବ, ଆମ୍ବରୁ ମହୁଲ, ମହୁଲରୁ ଶିରୀଷ ଗଛ ଡେଇଁ ଡେଇଁ କୁଆଡ଼େ ଉଭାନ ହୋଇଗଲା । (ପୃ- ୧୪)

(୪) ନଚେତ୍ ସେ ଅପେକ୍ଷାରେ ହିଁ ରହିଥିବ ଓ ତା'ର ସବୁଠୁ ପ୍ରିୟ ବସ୍ତୁ ଆଖିଟିକୁ ଏଇ ଶାଗୁଣା କେହି ଟପ୍ କରି ଗିଳି ପକେଇବେ । (ପୃ- ୧୬)

(୫) ଥରେ, ଦି'ଥର ଚୁପ୍‌ଚାପ୍ ଖପ୍ କରି ଡେଇଁ ପଡ଼ି ମଇଁଷିର କାନ ପାଖରେ ବସି ନ ପଡ଼ିଚି ନୁହେଁ ମାତ୍ର ଠିକ୍ ସେତିକି ବେଳେ କେହି ନା କେହି କୁକୁରର ଦାନ୍ତ ନିକୁଟି, ଆଖି ସଂକୁଚେଇ, ଓଠ ବଙ୍କେଇ ଖିଃ କରି ତାକୁ ଘୁଡୁକି ଦିଅନ୍ତି । (ପୃ- ୧୬)

(୬) ତାପରେ ହଠାତ୍ ଡେଣା ସ୍ଥିର କରି ଗୋଡ଼କୁ ପେଟ ଆଡ଼କୁ ଚାପି ଦେଇ ସାଇଁ କରି ଖସିପଡ଼ି ବସିଗଲା ଠିକ୍ ସେଇ ଘାଉଆ ମଇଁଷି ପିଠିରେ । (ପୃ- ୨୫)

(୭) ଆଗପଛ ବିଚାର ନକରି କେଜାଣି କେମିତି ସେ ହାତଟା ସେଇ ମୁହୂର୍ତ୍ତେ ଭିତରେ ଛାଡ଼ିଦେଇ ଖପ୍ କରି ଡେଇଁ ପଡ଼ିଲା ମାଟିକୁ । (ପୃ- ୨୭)

(୮) ଯେମିତି ସେ ପକ୍ଷୀଦଳ ଗୋଡ଼ାଗୋଡ଼ି ହଉହଉ, ଧୂଳି ଗଡ଼ାଗଡ଼ି ହଉହଉ ଚଟ୍ କରି ଉଠି ଆସି ତା' ଡାଳରେ ବସିଯାଆନ୍ତି ଘଡିଏ । (ପୃ- ୩୨)

(୯) କୋରଡ଼ ଅଣ୍ଟଟି ସେ ଫଳଟକ ଟୁପ୍ କରି ଗିଳି ଦେଉଛି । (ପୃ- ୬୫)

ଏହା ବ୍ୟତୀତ ଫୁରର୍‌ର (ପୃ-୯), ନଡନଡ (ପୃ- ୧୧), ଗହଗହ ଚହଚହ (ପୃ- ୧୩), ସର୍‌ର (ପୃ- ୧୭), କନକନ (ପୃ- ୪୭, ୪୬), ହମ୍ବା (ପୃ- ୪୬ ଓ ୬୮), ଖପ୍ (ପୃ- ୫୧) ଆଦି ଧ୍ୱନ୍ୟାତ୍ମକ ଶବ୍ଦ ମଧ୍ୟ 'ସ୍ଥାବର ଜଙ୍ଗମ'ରେ ଔପନ୍ୟାସିକ ବହୁତ୍ର ବ୍ୟବହାର କରିଥିବାର ଦେଖାଯାଏ । ସୁତରାଂ ଆଲୋଚ୍ୟ ଉପନ୍ୟାସରେ ଧ୍ୱନ୍ୟାତ୍ମକ ଶବ୍ଦର ଏକ ବୈଚିତ୍ର୍ୟମୟ ପ୍ରୟୋଗ ପାଠକ ଲକ୍ଷ୍ୟ କରିପାରେ । ଔପନ୍ୟାସିକଙ୍କ କଳାକୁଶଳତା ଏଠି ସ୍ପଷ୍ଟ ଅନୁମେୟ । ଏଭଳି ଶବ୍ଦ ସମୂହ 'ସ୍ଥାବର ଜଙ୍ଗମ'ର ଭାଷାକୁ ଅଧିକ ଚିତ୍ରଧର୍ମୀ, ଆବେଗପୂର୍ଣ୍ଣ ତଥା ପ୍ରଭାବଶାଳୀ କରାଇବାରେ ସକ୍ଷମ ହୋଇପାରିଛି । [୬]

**ପ୍ରାନ୍ତଟୀକା :**


୧. ସାହୁ, ପ୍ରଫେସର ବାସୁଦେବ, ଭାଷା ବିଜ୍ଞାନର ରୂପରେଖ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ନବମ ପୁନଃ ମୁଦ୍ରଣ ୨୦୧୩, ପୃଷ୍ଠା- ୪୫-୪୯ ।

୨. ରଥ, ପଣ୍ଡିତ ମୃତ୍ୟୁଞ୍ଜୟ, ଧ୍ୱନ୍ୟାତ୍ମକ ଭାଷା, ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ଦ୍ୱାଦଶ ସଂଖ୍ୟା, ପୃ-୨୭୬-୨୭୯ ।

୩. ପ୍ରଧାନ, ଡ. ସବିତା, ଭାଷାଶୈଳୀ ଅବବୋଧ, ଅଗ୍ରଦୂତ, ବାଙ୍କାବଜାର, କଟକ-୭୫୩୦୦୨, ପ୍ରଥମ ପ୍ରକାଶ ୨୦୦୫, ପୃ-୭୩ ।

୪. ସାରଣୀତ୍ରୟରେ ଥିବା ତଥ୍ୟ ଇଂଟରନେଟର ବିଭିନ୍ନ ଉତ୍ସରୁ ସଂଗ୍ରହ କରାଯାଇଅଛି ।

୫. ପଟ୍ଟନାୟକ, କଇଳାଶ, ସ୍ଥାବର ଜଙ୍ଗମ, କାଦମ୍ବିନୀ ମିଡ଼ିଆ ପ୍ରା.ଲି., ଡୁପ୍ଲେକ୍ସ-୨୦,ଶୈଳଶ୍ରୀ ବିହାର,ଭୁବନେଶ୍ୱର- ୭୫୧୦୨୧, ପୃ- ୬ ।

୬. ସାହୁ, ଅଧ୍ୟାପକ ବିଶ୍ୱନାଥ, ଶବ୍ଦ ବଗିଚା (ମନୋଜ କୁମାର ପଣ୍ଡାଙ୍କ ଗଳ୍ପ : ଏକ ଶୈଳୀତାତ୍ତ୍ୱିକ ଅନୁଶୀଳନ), ଏଥେନା ବୁକ୍ସ୍, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୧୮, ପୃ- ୪୫-୫୧ ।



ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ
ବରପାଲି ମହାବିଦ୍ୟାଳୟ, ବରପାଲି
ଦୂରଭାଷ : ୭୦୦୮୮୧୪୯୮୯

ISSN -2583-147X (P), **Vol.- 9, Issue No.X, January 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସ୍ମୃତି ପଟ୍ଟନାୟକଙ୍କ ଗଳ୍ପ : ଜୀବନର ବିବିଧ ସ୍ମୃତିରେ ରୋମନ୍ଥିତ ଚିତ୍ର

**ମମତାମୟୀ ଦାଶ**

ସାମ୍ପ୍ରତିକ ଓଡିଆ ଗଳ୍ପ ସାହିତ୍ୟରେ ଗାଳ୍ପିକା ସ୍ମୃତି ପଟ୍ଟନାୟକଙ୍କ ନାମ ଏକ ପରିଚିତ ନାମ । ଗାଳ୍ପିକା ଗଳ୍ପ ଲିଖନ ସହିତ ପାଠକ ପ୍ରିୟ କବିତା ଏବଂ ପ୍ରବନ୍ଧ ଲେଖାଲେଖିରେ ମଧ୍ୟ ରୁଚି ରଖନ୍ତି । ବୃତ୍ତିରେ ସେ ଜଣେ ରସାୟନ ବିଜ୍ଞାନର ଅଧ୍ୟାପିକା । ତାଙ୍କର ଏ ପର୍ଯ୍ୟନ୍ତ 'ସ୍ମୃତିର ପାଖୁଡା', ଓ 'ତଥାପି' ଦୁଇଟି କବିତା ସଂକଳନ ଏବଂ ଛଅ ଗୋଟି ଗଳ୍ପ ପୁସ୍ତକ ଆତ୍ମପ୍ରକାଶିତ ହୋଇଛି । ସେଗୁଡିକ ଯଥା– 'ଚନ୍ଦ୍ରମାର ସ୍ୱପ୍ନ' (୨୦୧୨), 'ସମ୍ଭାବନାର ସକାଳ' (୨୦୧୪), 'ବହ୍ନିଶିଖା' (୨୦୧୮), 'ଦେବୀ ଓ ଅନ୍ୟାନ୍ୟ ଗଳ୍ପ' (୨୦୧୯), 'ଦାଗ' (୨୦୧୯), 'ଅନ୍ଧାରର ପ୍ରତିବିମ୍ବ' (୨୦୨୧) ଇତ୍ୟାଦି ।

ଗାଳ୍ପିକା ସ୍ମୃତି ପଟ୍ଟନାୟକଙ୍କ ଗଳ୍ପଗୁଡ଼ିକରେ ସମକାଳୀନ ସାମାଜିକ ବାସ୍ତବତା ଓ ସମସ୍ୟା, ବିଶ୍ୱଦୃଷ୍ଟି ଓ ଗ୍ରାମ୍ୟାନୁଭୂତି, ଜୀବନବାଦୀ ଚେତନା, ପ୍ରେମ-ବିଚ୍ଛେଦ ଓ ପ୍ରଣୟ-ପ୍ରତାରଣା, ନାରୀ ମନର ଦ୍ୱନ୍ଦ୍ୱ, ନିଃସଙ୍ଗ ଜୀବନ, ଅସହାୟ ସଂଘର୍ଷର କଥା, ଦଳିତ ଚେତନା ଏବଂ ଯୁବପିଢିଙ୍କ ପରିବର୍ତ୍ତିତ ମାନସିକତା ଆଦି କଥାବସ୍ତୁ ଲକ୍ଷ୍ୟ କରାଯାଏ । ପ୍ରସଙ୍ଗାନୁସାରେ ଗଳ୍ପଗୁଡିକର ଉପଯୁକ୍ତ ନାମକରଣ ଏବଂ ଆବଶ୍ୟକୀୟ ଚରିତ୍ରମାନଙ୍କର ଭୂମିକା (କାର୍ଯ୍ୟ) ଗଳ୍ପରେ ପ୍ରାଣ ସଂଚାର କରିଛି । କଥାବସ୍ତୁରେ ଗଢିଉଠିଥିବା ପରିବେଶ ଅଧିକାଂଶ କଲେଜ ପରିସରର ଅନ୍ତର୍ଭୁକ୍ତ । ଏତତ୍ ବ୍ୟତୀତ ସରଳ ଗ୍ରାମ୍ୟ, ସହର ଓ ବିଦେଶ ଅନୁଭୂତି, ପାରିବାରିକ ଜୀବନ ସମସ୍ୟା ସହ ବହୁ ପ୍ରତିନିଧି ସ୍ଥାନୀୟ ଚରିତ୍ର ମାନଙ୍କର ଆଗମନ ହୋଇଛି ଗଳ୍ପରେ । କାହାଣୀଗୁଡିକରେ ପ୍ରତ୍ୟେକ ଚରିତ୍ରଙ୍କୁ ସଂଘର୍ଷର ଅବତରଣ ପରେ ଉଚିତ ନ୍ୟାୟ ମିଳିଛି । ବିଶେଷତଃ ଗାଳ୍ପିକାଙ୍କ ନାରୀ ଚରିତ୍ରମାନେ ବହୁ ଯନ୍ତ୍ରଣା, ବହୁ ସଂଘର୍ଷର ସମ୍ମୁଖୀନ ହୋଇଛନ୍ତି । ସେଥିରେ ସେମାନେ ପରାଜୟ ସ୍ୱୀକାର କରି ନାହାନ୍ତି । ବରଂ କେଉଁଠି ମା' ଦୁର୍ଗତିନାସିନୀ ଦୁର୍ଗା, ତ କେଉଁଠି ପୃଥିବୀ ଭଳି ସର୍ବଂସହା ହୋଇ ଧୈର୍ଯ୍ୟର ସହ ବିନାଶକୁ ଅପେକ୍ଷା କରିଛନ୍ତି । କେବଳ ନାରୀ ଚରିତ୍ର ନୁହେଁ, ଗଳ୍ପରେ ପୁରୁଷ ଚରିତ୍ରମାନଙ୍କ ଠାରେ ମାନବିକତା ଓ ଦେବତ୍ୱ ଗୁଣର ପରିପ୍ରକାଶ ଦ୍ୱାରା ପାଠକ ମନରେ କୌଣସି ଭେଦଭାବ ଜନ୍ମି ନଥାଏ । ଗଳ୍ପମାନଙ୍କର କଳେବର ସୌନ୍ଦର୍ଯ୍ୟ ଏବଂ ଚମତ୍କାରିତା ସୃଷ୍ଟି ନିମନ୍ତେ ଗାଳ୍ପିକା ବିଭିନ୍ନ ଶୈଳୀର ପ୍ରୟୋଗ କରିଛନ୍ତି । ଗାଳ୍ପିକାଙ୍କର ଏକ ଅହେତୁକ ଦୁର୍ବଳତା ବୋଲି ମନେ ହୁଏ ସ୍ମୃତି ସହ । କାହିଁକି ନା ପ୍ରତ୍ୟେକ ଗଳ୍ପ ଉତ୍କଣ୍ଠାର ସହିତ ଚରିତ୍ରର ତିକ୍ତ କିମ୍ବା ମଧୁର ସ୍ମୃତିରେ ରୋମନ୍ଥିତ ହୋଇ ଗତିଶୀଳ ହୋଇଛି ।

ଗାଳ୍ପିକାଙ୍କ ପ୍ରଥମ ଗଳ୍ପ ସଂକଳନ 'ଚନ୍ଦ୍ରମାର ସ୍ୱପ୍ନ'ରେ ସମୁଦାୟ ପନ୍ଦରଟି ଗଳ୍ପ ସଂକଳିତ । ଏହି ସଙ୍କଳନସ୍ଥ ପ୍ରତ୍ୟେକ ଗଳ୍ପଗୁଡିକ ସାଧାରଣତଃ ପ୍ରେମମୂଳକ । ପ୍ରଥମ ଗଳ୍ପଟି ହେଉଛି 'ଚନ୍ଦ୍ରମାର ସ୍ୱପ୍ନ' । ଏହି ଗଳ୍ପରେ ପ୍ରଣୟ ଓ ପ୍ରତାରଣାର ଚିତ୍ର ଦେଖିବାକୁ ମିଳେ । ଜୀବନରେ ଆଗକୁ ବଢ଼ି ଚାଲିଥିବା ଚନ୍ଦ୍ରମା ଅତୀତ କଥା କିନ୍ତୁ ଭୁଲି ପାରିନି । ଗୋଟିଏ ପଟେ ବାନ୍ଧବୀର ଭାଇ ଦୀପକର ପ୍ରତାରଣା । ଅନ୍ୟ ପଟେ ବାଲ୍ୟବନ୍ଧୁ ଅମ୍ଳାନର ପ୍ରେମ ନିବେଦନ । ପ୍ରେମରେ ସର୍ବସ୍ୱ ହରେଇବା ପରେ ଚନ୍ଦ୍ରମାର ପୁନଃଜନ୍ମ ହେଇଛି । ତା'ର ସ୍ୱପ୍ନଭଙ୍ଗରୁ ସ୍ୱପ୍ନପୂର୍ଣ୍ଣ ପର୍ଯ୍ୟନ୍ତ ଯାତ୍ରାରେ ନିଜର ଦୃଢ଼ ମନୋବଳ ଯୋଗୁଁ ଜଣେ ବିଶିଷ୍ଟ ସାମାଜସେବୀରେ ନିଜକୁ ରୂପାନ୍ତରିତ କରିପାରିଛି । ଦ୍ୱିତୀୟ ଗଳ୍ପ 'ଅନୁରାଗ'ରେ ରାୟଗଡ଼ା ସହରର ଏକ ପ୍ରତିଷ୍ଠିତ ଶିଳ୍ପପତି ସଦାନନ୍ଦ ରାୟଙ୍କ ପତ୍ନୀ ସିକତା ଦାସରୁ ସୀତା ପାଗିଳୀରେ ପରିଣତ ହେବାର କାହାଣୀ

ଚିତ୍ରିତ । ଗାଳ୍ପିକା ଅତି ଚମତ୍କାର ଭାବେ କରୁଣ କାହାଣୀକୁ ପଶ୍ଚାଦାନୁଶୀଳନ ଶୈଳୀରେ ଉପସ୍ଥାପନ କରିଛନ୍ତି ।

'ପ୍ରେମର ପରିଭାଷା' ଗଳ୍ପର ନାମକରଣର ଉଚିତ ମୂଲ୍ୟାଙ୍କନ ହୋଇପାରିଛି । ପ୍ରେମ ଯେ ପବିତ୍ର ଓ ଶାଶ୍ୱତ ତାହାର ପ୍ରକୃତ ପରିଭାଷା ଜୀବନ୍ତ ଭାବେ ଉପସ୍ଥାପନା କରାଯାଇଛି ଗଳ୍ପରେ । କାହଣୀର ବିଷୟବସ୍ତୁ କଲେଜ ଜୀବନ ଓ କଲେଜ ପରିସର ଭିତରେ ପ୍ରେମ-ପ୍ରତିଶ୍ରୁତିକୁ ନେଇ ଗଢିଉଠିଛି । କଲେଜ ଜୀବନରୁ ବନ୍ଧୁତା ଓ ତା' ପରେ ପ୍ରେମରେ ବାନ୍ଧି ହୋଇପଡିଛନ୍ତି ଦୁହେଁ ସୁକନ୍ୟା ଓ ରିତେଶ । ବେଳହୁଁ କଲେଜ ଇଲେକ୍ସନ ପ୍ରତି ଆଗ୍ରହୀ ରିତେଶ ଇଲେକ୍ସନରେ ଅଂଶଗ୍ରହଣ କରିଛି । ପରମୁହୂର୍ତ୍ତରେ ଆରମ୍ଭ ହୋଇଛି ଉଭୟଙ୍କ ଭିତରେ ଏକ ଦୀର୍ଘ ବିଚ୍ଛେଦ । ସୁକନ୍ୟା ରିତେଶର ଜୀବନ ବଂଚେଇବାକୁ ଯାଇ ବିରୋଧି ଦଳଙ୍କ କହିବା ଅନୁସାରେ ସୁକନ୍ୟା ରିତେଶ ଜୀବନରୁ ବହୁତ ଦୂରକୁ ଚାଲିଯାଇଛି । ସେଇଠୁ ଦ୍ୱନ୍ଦ୍ୱ ଏବଂ ଉତ୍କଣ୍ଠା ଆରମ୍ଭ ହୁଏ, ଦଶବର୍ଷ ପରର କାହାଣୀ ପାଠକ ସମ୍ମୁଖକୁ ଆସେ । ଉଭୟେ ପରସ୍ପରକୁ ଆବିଷ୍କାର କରିଛନ୍ତି ଚେନ୍ନାଇର, ମହାବଳୀପୁରମ୍‌ର ଏକ ଜଗନ୍ନାଥ ମନ୍ଦିରରେ । ଆଖି ସାମ୍ନାନାରେ ଜଣେ ଜଣକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି । ବିଗତ ସ୍ମୃତି ସବୁ ରୋମନ୍ଥିତ ହୋଇ ମନ୍ଦିରର ଆଧାତ୍ମିକ ପରିବେଶ ଭିତରେ ନବସ୍ୱପ୍ନର ସଂଚାର ହୋଇଛି । ଗଳ୍ପରେ ସୁକନ୍ୟାର ତ୍ୟାଗ ଓ ରିତେଶ୍‌ର ଦୀର୍ଘ ଅପେକ୍ଷା ପ୍ରକୃତ ପ୍ରେମର ପରିଭାଷା ବୁଝାଇ ଦିଏ ।

ଅନ୍ୟ ଏକ ଗଳ୍ପ 'ବିଜୁଳି କନ୍ୟା'ରେ ନାରୀର ମନସ୍ତତ୍ତ୍ୱ, ନାରୀ ମନର ବିଦ୍ରୋହଭାଷ ଏବଂ ନାରୀ ଜାଗରଣର ଅବଦମିତ ସ୍ୱର ପ୍ରକାଶ ପାଏ । ଏଥିରେ ସଂଳାପଧର୍ମୀ ଶୈଳୀର ପ୍ରୟୋଗ ଫଳରେ ଗଳ୍ପଟିରେ ନାଟକୀୟତା ଭରି ରହିଛି । ଗଳ୍ପରେ ଯୁକ୍ତଦୁଇ ପ୍ରାକ୍ଟିକାଲ କ୍ଲାସ୍‌ରେ ଯୋଗ ଦେଇଥିବା ଏକ ଝିଅ ଚେତାଶୂନ୍ୟ ହୋଇଯିବାର ଘଟଣା ଆସେ । ଡାକ୍ତରଙ୍କ କହିବା ଅନୁସାରେ ଝିଅଟି ପ୍ରେଗ୍‌ନାଣ୍ଟ୍ । ଅଧ୍ୟାପିକା ଅଙ୍କିତ, ଝିଅଟିର ଏପରି ଅବସ୍ଥା ହେବାର କାରଣ ଖୋଜି ଏବଂ ପୋଲିସର ସାହାଯ୍ୟ ନେଇ ମ୍ୟାଥ୍‌ମେଟିକସ୍ ଟିଉସନ୍ ସାର୍‌କୁ ଗୁଡାଏ ଅଶ୍ଳୀଳ ସି.ଡି, ଡିଭିଡି ସହ ଜବତ କରାଇଲେ । ଗଳ୍ପ ନାୟିକା ଅଙ୍କିତା ମେଧାବୀ ଛାତ୍ରୀଟିର ଭବିଷ୍ୟତକୁ ଆଖିରେ ରଖି, ଝିଅଟିର ଅଜଣାତରେ ଅଭିଭାବକଙ୍କ ଅନୁମତି ନେଇ ତା'ର ପେଟ ସଫା କରିବାକୁ ପଡିଛି । ଏକଦା ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ କଲେଜରେ ଏକ ବିରାଟ ସଭାରେ ଅଙ୍କିତାଙ୍କୁ କହିବାର ସୁଯୋଗ ବେଳେ ଯୌନ ନିର୍ଯାତନା (Sexual Harassment) ସମ୍ପର୍କରେ ପ୍ରଭାବଶାଳୀ ସଚେତନତାର ମନ୍ତବ୍ୟ ରଖିଛନ୍ତି । ତାହା ଏହିପରି-"ପଢିବା ବେଳେ ଗୋଟିଏ ଝିଅ କେମିତି ଘରେ, ବାହାରେ, ସ୍କୁଲ୍, କଲେଜ ସବୁଠି ଯୌନ ନିର୍ଯାତନାର ଶିକାର ହୁଏ୬ । ଏମିତି କି ପ୍ରାକ୍ଟିକାଲ କ୍ଲାସ୍‌ରେ ବିଶେଷ ପରିମାଣରେ ଜଣେ ଝିଅ ନିର୍ଯାତନାର ଶିକାର ହୁଏ । ସବୁ ଜାଣି ନ ଜାଣିଲା ଭଳି ସମସ୍ତେ ଅଭିନୟ କରନ୍ତି । ଆଜି ସେଇ ସମୟ ଆସି ପହଂଚିଛି । ନିଜେ ହିଁ ନିଜ ପାଇଁ ଅସ୍ତ୍ର ଧରିବାକୁ ହେବ । ତେବେ ଯାଇ ସମସ୍ତ ପ୍ରତିବନ୍ଧକ ଏଡାଇ ଯାଇ ହେବ ।"(ଗଳ୍ପ-ବିଜୁଳି କନ୍ୟା, ପୃଷ୍ଠା-୧୨୨)

ଦ୍ୱିତୀୟ ସଂକଳନ 'ସମ୍ଭାବନାର ସକାଳ'ରେ ସତରଟି କ୍ଷୁଦ୍ରଗଳ୍ପ ସଂଯୋଜିତ । ଏହାର ପ୍ରଥମ ଗଳ୍ପ ହେଉଛି 'ସମ୍ପର୍କ' । ଯାହାକି ପତ୍ରଧର୍ମୀ ଶୈଳୀରେ ଉପସ୍ଥାପିତ । ଗଳ୍ପନାୟକ ଡାକ୍ତର ସତ୍ୟଜିତ୍ ମହାପାତ୍ର ଠିକଣା ନଥିବା ଏକ ଚିଠି ମାଧ୍ୟମରେ ଅତୀତର ମଧୁର ସ୍ମୃତିରେ ମିତା ରାୟ ସହ କଲେଜ ଜୀବନକୁ ଫେରିଛନ୍ତି । ଗଳ୍ପରେ ପ୍ରେମକୁ ନପାଇ ବି ପାଇବାର ଅନୁଭବ କରାଯାଏ । ସମ୍ପର୍କର ମୂଲ୍ୟବୋଧ ମହନୀୟ ହୋଇଉଠିଛି ମିତା ରାୟ ଓ ସତ୍ୟଜିତଙ୍କ ଭିତରେ । ଦୁହେଁ ଦୁହିଁଙ୍କୁ ନପାଇ ମଧ ଆବଶ୍ୟକ ବେଳେ ଏକ ନାମହୀନ ସମ୍ପର୍କରେ ପରସ୍ପରକୁ ସାହାଯ୍ୟ କରିଛନ୍ତି । ଯାହା ଗଳ୍ପର ନାମକରଣକୁ ସାର୍ଥକ କରିପାରିଛି ।

'ଆଶାବାଡ଼ି' ଗଳ୍ପର କଥାବସ୍ତୁ ଏକ ଗୁରୁ ଶିଷ୍ୟର ମଧୁର ସମ୍ପର୍କକୁ ନେଇ ଲିଖିତ । ବର୍ତ୍ତମାନ ସମାଜରେ ଅଧିକାଂଶ କ୍ଷେତ୍ରରେ ପିଲାମାନେ ବଡ ହେଲା ପରେ, ଅଭିଭାବକଙ୍କ ପ୍ରତି ସେମାନଙ୍କର କିଛି କର୍ତ୍ତବ୍ୟ ଥିବାର କଥା କଳ୍ପନାକୁ ଆଣନ୍ତି ନାହିଁ । ଗଳ୍ପରେ ପୁତ୍ର ଅପେକ୍ଷା ଶିଷ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗଳ୍ପରେ ଯଶୋବନ୍ତ ବାବୁ ଖବର କାଗଜରୁ ବାଲ୍ୟଜୀବନର ପ୍ରିୟ ଗୁରୁଙ୍କ ଦୁର୍ଘଟଣା ଖବର ପାଇ ସପରିବାର ଦୌଡି ଯାଇଛନ୍ତି ଡାକ୍ତରଖାନାକୁ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କର ଦୁଇ ଚାକିରିଆ ପୁଅ ଥାଇ ମଧ ଯଶୋବନ୍ତ ବାବୁ ଗୁରୁଙ୍କର ସମସ୍ତ ଦାୟିତ୍ୱ ନେଇଛନ୍ତି ଏବଂ ଶେଷ ଜୀବନରେ ଗୁରୁଙ୍କର ମହତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ସବୁ ପୂର୍ଣ୍ଣ କରିଛନ୍ତି । ଗଳ୍ପଟି ଏକ ସମାଜ ସଂସ୍କାରମୂଳକ ଗଳ୍ପ କହିଲେ ଠିକ୍ ହେବ ।

'ସମ୍ଭାବନାର ସକାଳ' ଗଳ୍ପରେ ନାରୀର ଦାମ୍ପତ୍ୟ ଜୀବନରେ ନିଃସଙ୍ଗତା ଓ ସବୁ ଅତିକ୍ରମୀ ଏକାକି କର୍ତ୍ତବ୍ୟନିଷ୍ଠ ଭାବେ ଜୀବନକୁ ଅତିବାହିତ କରିବାର ଦୃଶ୍ୟ ଦେଖିବାକୁ ମିଳେ । ଶ୍ୟାମାଳିମାର ସ୍ମୃତିରେ ଗଳ୍ପର ପୃଷ୍ଠଭୂମି ଶାନ୍ତିନିକେତନର ପରିସର

ଭିତରେ ଗଢିଉଠିଛି । ଶ୍ୟାମାଳିମାର ସ୍ମାରକ ସହ ଶାନ୍ତିନିକେତନରେ ପ୍ରଥମ ଦେଖା, ପ୍ରେମ ଏବଂ ପରବର୍ତ୍ତୀ ସମୟରେ ବହୁ ଆଡ଼ମ୍ବରରେ ବିବାହ ହୋଇଛି । ବିବାହ ପରେ ସ୍ମାରକ ତାଙ୍କ ଗବେଷଣାରେ ବ୍ୟସ୍ତ ଓ ଆମେରିକା ଯାତ୍ରା କରିବା ଶ୍ୟାମାଳିମା ପାଇଁ ଏହା ଅସହ୍ୟ ପରିସ୍ଥିତି ହୋଇପଡ଼ିଛି । ସ୍ୱାମୀଙ୍କ ସ୍ୱପ୍ନ ଆଗରେ ଶ୍ୟାମାଳିମା ନିରବ ପ୍ରତିବାଦ ରଖିଛି ଏବଂ ଆତ୍ମବିଶ୍ୱାସର ସହ ଏକାକୀ ସଂସାରଭାର ଉଠେଇଛି । ସମୟର ଗତିରେ ସ୍ମାରକ ବିଖ୍ୟାତ ଯୁବ ବୈଜ୍ଞାନିକ ଭାବେ ଖ୍ୟାତି ଅର୍ଜନ କରି ଶେଷରେ ସମ୍ପୂର୍ଣ୍ଣ ରୂପେ ନିଜ ଘରକୁ ଫେରିଛନ୍ତି ।

ଗଳ୍ପ ସଂକଳନ 'ବହ୍ନିଶିଖା'ରେ ଷୋଳଗୋଟି କ୍ଷୁଦ୍ରଗଳ୍ପ ସ୍ଥାନିତ । ଏଥିରେ ସଂକଳିତ ପ୍ରଥମ ଗଳ୍ପ 'ଜଣେ କେହି ଅଛି'ରେ ଗାଳ୍ପିକା ପ୍ରଥମ ପୁରୁଷୀୟ ଶୈଳୀ ମାଧ୍ୟମରେ କଥାବସ୍ତୁକୁ ଗତିଶୀଳ କରିବା ସହ ଆତ୍ମ ଭାବ ବିହ୍ୱଳିତ ବର୍ଣ୍ଣନାରେ ପରିପ୍ରକାଶ କରିଛନ୍ତି । ଗଳ୍ପନାୟିକା (ମୁଁ) ଏବଂ ତାଙ୍କ ସ୍ୱାମୀ ଉଭୟ ମହାବିଦ୍ୟାଳୟରେ ଅଧ୍ୟାପନା ବୃତ୍ତିରେ କାର୍ଯ୍ୟରତ । ଏକ ରବିବାର ସପରିବାର ଚିଲିକା ଏବଂ ଫେରିବା ବେଳେ ଜଗନ୍ନାଥ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଗଳ୍ପରେ ବର୍ଣ୍ଣିତ କଥାବସ୍ତୁକୁ ଅନୁଧାନ କଲେ ଗଳ୍ପଟି ଏକ ଭ୍ରମଣମୂଳକ ଗଳ୍ପ ଭାବେ ବିବେଚିତ ହୁଏ । ଗଳ୍ପନାୟିକା ନିଜର ଭ୍ରମଣ ଉପଲବ୍ଧି ଅନୁଭବକୁ ପ୍ରସଙ୍ଗ ଅନୁସାରେ ଭାବବ୍ୟକ୍ତ କରିଛନ୍ତି । ଯାହାକି ପାଠକ ସମ୍ମୁଖରେ ଭ୍ରମଣ ବୃତ୍ତାନ୍ତଟି ଜୀବନ୍ତ ହୋଇଉଠେ । ଶେଷରେ ଜଗନ୍ନାଥ ଦର୍ଶନ ଏବଂ ପ୍ରସାଦ ସେବନ ମାଧ୍ୟମରେ ଜଣେ ଭକ୍ତ ଭାବରେ ଆତ୍ମହରା ହୋଇ ଗଳ୍ପନାୟିକାଙ୍କ ଈଶ୍ୱର ବିଶ୍ୱାସୀ ପ୍ରାଣ କହିଉଠିଛି– "ସବୁ ସେଇ ପରମେଶ୍ୱରଙ୍କ ଇଚ୍ଛା, ଏକଥା ସମସ୍ତଙ୍କୁ ମାନିବାକୁ ପଡ଼ିବ ନିଶ୍ଚିତ ଭାବେ, ଜଣେ କେହି ଅଛି, ଯେ କି ସର୍ବଶକ୍ତିମାନ ଈଶ୍ୱର, ଯେ କି ସକଳ ସୃଷ୍ଟିର ତ୍ରାଣକର୍ତ୍ତା, ସମଗ୍ର ସୃଷ୍ଟି ତାଙ୍କର ଅଧିନ, ସେଇ ବିଶ୍ୱନିୟନ୍ତା ପ୍ରଭୁ ଜଗନ୍ନାଥ, ଭଲମନ୍ଦ ପ୍ରତ୍ୟେକ କଥାକୁ ସେ ହିଁ ପରିଚାଳନା କରିଛନ୍ତି ଏବଂ ସୃଷ୍ଟିରେ ପ୍ରତ୍ୟେକ ଘଟଣା ଏକାପ୍ରକାର ସମନ୍ତରାଳ ଅବସ୍ଥା ଦେଇ ଗତି କରୁଛି ।" ଏଥିରେ ଗଳ୍ପନାୟିକାଙ୍କ ପ୍ରଗାଢ଼ ଈଶ୍ୱର ବିଶ୍ୱାସକୁ ଅନୁଭବ କରିହୁଏ ।

'ସ୍ୱପ୍ନାୟିତ ମୁହୂର୍ତ୍ତ' ଗଳ୍ପଟି କଥୋପକଥନ ବା ସଂଳାପଧର୍ମୀ ଶୈଳୀର ପ୍ରୟୋଗ ଦ୍ୱାରା ଗଳ୍ପରେ ଏକ ନାଟକୀୟ ପରିବେଶ ସୃଷ୍ଟି ହୋଇଛି । ପୂରବୀର ଉପରିସ୍ଥ ଅଫିସର ମିଷ୍ଟର ପ୍ରଣବ ରାୟ, ଯାହାଙ୍କର ଏ ଦୁନିଆରେ ନିଜର ବୋଲି କେହି ନାହାନ୍ତି । ସେ ଜୀବନର ଏକାକୀତ୍ୱ ମୁହୂର୍ତ୍ତରେ ପୂରବୀକୁ ଲୋଡ଼ିଛନ୍ତି । ସେମାନଙ୍କର ଫୋନ କଲ୍‌ରୁ ବନ୍ଧୁତା, ପରେ ପ୍ରେମ । କ୍ରମଶଃ ପ୍ରଣବ ରାୟଙ୍କ ନିଃସଙ୍ଗ ଜୀବନ ସହ ଜଡିତ ଅତୀତ କାହାଣୀର ବର୍ଣ୍ଣନା ଗଳ୍ପରେ ପରିବେଶକୁ ଶୋକାକୁଳ କରିଛି ।

'ବହ୍ନିଶିଖା' ଏକ ନାରୀ ଜୀବନର ସଂଘର୍ଷଭିତ୍ତିକ ଗଳ୍ପ । ୧୮ ବର୍ଷ ତଳେ ବନ୍ଦିତା ଗଣଧର୍ଷଣର ଶିକାର ହୋଇଛି । ବହୁ ସଂଘର୍ଷ କରି ପିତୃ ପରିଚୟ ନଥିବା ଝିଅଟିକୁ ଜନ୍ମ ଦେଇଛି । ଅତୀତର ଯନ୍ତ୍ରଣା ତାକୁ ବାରମ୍ବାର ପ୍ରତିଶୋଧର ବହ୍ନିରେ ଜାଳିଛି । ସେଇ ଦୃଷ୍ଟିରୁ ଝିଅର ନାମ ରହିଛି ବହ୍ନି । ବହୁ ବିପଦର ସମ୍ମୁଖୀନ ହୋଇ ଝିଅକୁ ଶକ୍ତ ମଣିଷଟିଏ କରି ଗଢ଼ିତୋଳିଛି । ବନ୍ଦିତା ପରି ଅବିକଳ ଘଟଣା ଘଟିଥିବା ଏକ ଝିଅଟିର କେସ୍ ଜିତି ତାକୁ ନ୍ୟାୟ ଦେଇଛି । ଏଠାରେ ବହ୍ନି ଚରିତ୍ର ଅଗ୍ନିଶିଖା ପରି ତେଜସ୍ୱୀ, ଦୃଢ଼ମନା, ଶକ୍ତିସ୍ୱରୂପିଣୀ ନାରୀରୂପେ ରୂପାୟିତ । ଏହି ପରିପ୍ରେକ୍ଷୀରେ ବହ୍ନି ସମ୍ପର୍କରେ ବନ୍ଦିତା ରଖିଥିବା ମତାମତକୁ ଉଦ୍ଧାର କରାଯାଇପାରେ । ଯେପରି– "ବନ୍ଦିତା ବହ୍ନି ଭିତରେ ସ୍ପଷ୍ଟ ଦେଖି ପାରୁଥିଲେ ଏକ ମାନବବାଦୀ ଏବଂ ଚେତନାବାଦୀ ସଂସ୍କାର ଜ୍ୱଳନ୍ତ ବହ୍ନିଶିଖାଟିଏ, ଯେ କି ଜୀବନକୁ ଆଗେଇ ନେବାର ଦୃଢ଼ତା ଓ ପରିପୂର୍ଣ୍ଣତାକୁ ଆପଣେଇ ନେଇଛି ବିନା ଦ୍ୱିଧାରେ ।" (ଗଳ୍ପ– 'ବହ୍ନିଶିଖା', ପୃଷ୍ଠା– ୫୧)

'ବହ୍ନିଶିଖା'ରେ ବନ୍ଦିତା ପରି 'ଜୀବନଲିପି' ଗଳ୍ପରେ କାନ୍ତାର ଅବସ୍ଥା ପ୍ରାୟ ସମାନ ହୋଇଛି । ଏହା ବ୍ୟତୀତ ଗଳ୍ପରେ ବ୍ୟସ୍ତବହୁଳ ଜୀବନରେ ଆଧୁନିକ ମଣିଷ ଭୋଗ କରୁଥିବା ନିଃସଙ୍ଗତାର ଚିତ୍ର ଦେଖିବାକୁ ମିଳେ । ଏଥିରେ ଅନୁରାଶ୍ରୀଙ୍କୁ ଚାକିରୀରୁ ଅବସରକାଳୀନ ଏକାକିତ୍ୱ ଅନୁଭବ ହୋଇଛି । ପରିବାରରେ ସ୍ୱାମୀ ଫାର୍ମ ହାଉସ୍‌ରେ ନିଜ କାମରେ, ଦୁଇ ପୁଅ ନିଜ ଚାକିରୀ ଜାଗାରେ, ଜଣେ ଦେଶ ବାହାରେ ତ ଆଉ ଜଣେ ରାଜ୍ୟ ବାହାରେ । ଅନୁରାଶ୍ରୀଙ୍କୁ ଏହି ନିଃସଙ୍ଗତାରୁ ମୁକ୍ତି ମିଳେ ପଚିଶି କିମ୍ବା ଛବିଶ ବର୍ଷର ଝିଅ କାନ୍ତା ସହ ପରିଚିତ ହେବାପରେ । ଅସହାୟୀ କାନ୍ତାର ଅତୀତର ଅଭିଶପ୍ତ ଜୀବନପୃଷ୍ଠା ଖୋଲା ହେବାପରେ ଗଳ୍ପର କଥାବସ୍ତୁ ଆରମ୍ଭ ହୁଏ । ଗୌଣ ଚରିତ୍ରଟି (କାନ୍ତା) ମୁଖ୍ୟ ଚରିତ୍ର ଭୂମିକାରେ ଅବତରଣ କରେ । ଆର୍ଥିକ ସ୍ୱଚ୍ଛଳତା ଥିବା ଘରେ କାନ୍ତାର ଜନ୍ମ । ବାପା (ପୋଲିସ୍ ଏସ୍.ଆଇ.) ମାଓବାଦୀଙ୍କ ଦମନଲୀଳାରେ ଶିକାର ହୋଇ ପ୍ରାଣ ହରାଇବା ଏବଂ କାନ୍ତା ଗଣଦୁଷ୍କର୍ମର ଶିକାର ହେବା, ଗଳ୍ପରେ ଦୁଃଖପୂର୍ଣ୍ଣ ଭାବବେଗ ସୃଷ୍ଟି କରେ । ବହୁ ସଂଘର୍ଷ କରି ନିର୍ଭୀକ ମାତୃତ୍ୱର ପରିଚୟ ଦେଇ ବାପାର ପରିଚୟ ନ ଥିବା ପୁଅଟିଏ ଜନ୍ମ ଦେଇଛି । ସେଇ କାନ୍ତା

ହିଁ ଅନୁରାଗ୍ରୀଙ୍କର ସମସ୍ତ ନିଃସଙ୍ଗତାକୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଭଲ ସାଙ୍ଗ ଭଳି ଦୂର କରିପାରିଛି ।

ଗଳ୍ପ 'ବାକି ଥିବା ସ୍ୱପ୍ନ'ରେ ନାରୀ ମାନସିକ ଦ୍ୱନ୍ଦ୍ୱର ଚିତ୍ର ପରିଲକ୍ଷିତ ହୁଏ । ସ୍ୱାମୀଙ୍କର ଆକ୍ସିଡ଼େଣ୍ଟରେ ମୃତ୍ୟୁ ପରେ ଶ୍ରେୟା ସହ ଘରର ସବୁ ଦାୟିତ୍ୱ ତୁଲାଇଛନ୍ତି । ଶ୍ରେୟାର ଶିକ୍ଷା ପରେ ଉପଯୁକ୍ତ ଯୋଗ୍ୟତା ଦେଖି ରାଜେଶ୍ ସହ ବିବାହ କରାଇଛନ୍ତି । ବିବାହର କିଛି ଦିନ ପରେ ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହେଇଛି ଏବଂ ଶ୍ରେୟା ଜାଣିବାକୁ ପାଇଛି ରାଜେଶ୍ ଜଣେ ମାନସିକ ରୋଗୀ । ତେଣୁ କାହାକୁ କିଛି ନ କହି ଶ୍ରେୟା ମାଳବିକାଙ୍କ ନିକଟକୁ ଫେରି ଆସିଛି । ଏହି ସମସ୍ୟାକୁ ନେଇ ମାଆ ଝିଅଙ୍କ ମଧ୍ୟରେ ମାନସିକ ଦ୍ୱନ୍ଦ୍ୱ ଦେଖା ଦେଇଛି ଏବଂ ତା'ର ସମାଧାନ ହେଇଛି । ଶ୍ରେୟାର ଜୀବନକୁ ଆଉ ଏକ ସୁଯୋଗ ମିଳିଛି । ବାକିଥିବା ସ୍ୱପ୍ନ ତା'ର ସତ ହେଇଛି । ଶ୍ରେୟା ଚାକିରୀ କରିଛି, ପୁଣି ଥରେ ମନର ମଣିଷକୁ ଖୋଜିପାଇଛି । ଗାଳ୍ପିକାଙ୍କ ନାରୀ ଚରିତ୍ରମାନେ ଅତି ଶକ୍ତିଶାଳୀ । ଆସୁଥିବା ବିପଦକୁ ଅତି ନିର୍ଭିକ ଭାବେ ସମ୍ମୁଖୀନ କରନ୍ତି । ତାହାର ଉଦାହରଣ ଦେଖି ପାରିବା ମାଳବିକା ନିଜ ଝିଅକୁ ବୁଝାଉ ଥିବା ବାକ୍ୟରେ । ଯେପରି– "ପ୍ରତ୍ୟେକ ଭଲ ଭିତରେ ଖରାପ ଏବଂ ଖରାପ ଭିତରେ ଭଲ ମଧ୍ୟ ଥାଏ । ନିଶ୍ଚୟ ବାଟଟିଏ ଅଛି କେଉଁଠି ଗୋଟିଏ ସୁନ୍ଦର ଜୀବନ ଜିଇଁବା ପାଇଁ, ମା' ମୁଁ ତୋ ସାଙ୍ଗରେ ଅଛି, ତୋର ବାକିଥିବା ସ୍ୱପ୍ନ ସବୁକୁ ପୂରଣ କରିବା ପାଇଁ, ଚାଲ ଆଜି କୋର୍ଟ ଯିବା, ଡିଭୋର୍ସ ପାଇଁ ଆପ୍ଲାଏ କରି ଆସିବା" ।(ଗଳ୍ପ– 'ବାକିଥିବା ସ୍ୱପ୍ନ', ପୃଷ୍ଠା–୧୮)

'ଦେବୀ ଓ ଅନ୍ୟାନ୍ୟ ଗଳ୍ପ' ସଂକଳନରେ ଷୋଳଟି ଗଳ୍ପ ସଂକଳିତ । ଏଥିରେ ସ୍ଥାନିତ 'ଅନେକ ଦିନ ପରେ' ଗଳ୍ପରେ କଲେଜ ପରିସର (college campus) ଭିତରେ ଗଢିଉଠିଥିବା ସ୍ମୃତି ବିଜଡିତ ମୁହୂର୍ତ୍ତ ଓ ପ୍ରେମ, ବିଚ୍ଛେଦର କଥାବସ୍ତୁ ଦେଖିବାକୁ ମିଳେ । ଗଳ୍ପରେ ସଂଭ୍ରାନ୍ତ ଘରର ଝିଅ ତଟିନି ଏବଂ ସୋମେନ ଜଣେ ସାଧାରଣ ବ୍ୟବସାୟୀର ପୁଅ । ଉଭୟଙ୍କ ମଧ୍ୟରେ ପରିଚୟ ଏବଂ ପ୍ରେମ ସମ୍ପର୍କ ଗଢ଼ିଉଠେ କଲେଜ ପରିସର ଭିତରେ । ତଟିନିଙ୍କ ବାପା କିନ୍ତୁ ସବୁ ଜାଣି ସୋମେନଙ୍କୁ ଅପମାନିତ କରିଛନ୍ତି । ଏହାପରେ ଦୀର୍ଘ ବିଚ୍ଛେଦ ଏବଂ ସୋମେନଙ୍କ ସାରାଜୀବନ ଅବିବାହିତ ରହିବାର ସଂକଳ୍ପ ଗଳ୍ପରେ ପ୍ରକୃତ ପ୍ରେମର ସୁନ୍ଦର ଚେତନା ପରିଲକ୍ଷିତ ହୁଏ । ଏହିପରି ସମାନ ପରିବେଶ ଅର୍ଥାତ୍ କଲେଜ ପରିସର ଭିତରେ ଏକ ନିଃସ୍ୱାର୍ଥ ପ୍ରେମ କାହାଣୀର ଚିତ୍ର 'ନିଶବ୍ଦ ପ୍ରେମ କାହାଣୀ'ରେ ଦେଖିବାକୁମିଳେ । ଅତୀତ ରୋମନ୍ଥନରେ ଗଳ୍ପନାୟକ ନିଶିକାନ୍ତ ନିଜ କଲେଜ ଜୀବନର ପ୍ରଣୟର କଥା ଭାବି ରୋମାନଂଚିତ ହେବା ସହ ପର ମୁହୂର୍ତ୍ତରେ ଦୁଃଖିତ ହୋଇଛନ୍ତି । ଗଳ୍ପଟି ପତ୍ରଧର୍ମୀ ଶୈଳୀର ପ୍ରୟୋଗରେ କାହାଣୀରେ ଉପୁଜିଥିବା ଉତ୍କଣ୍ଠାର ପରିସମାପ୍ତି ଘଟିଛି । ଯାହାକି ଅତ୍ୟନ୍ତ କରୁଣ ପରିବେଶ ସୃଷ୍ଟି ହୋଇଛି । ବହୁ ଅପେକ୍ଷା ପରେ ନାୟିକା ଆରାଧନାର ପତ୍ରରେ ତାଙ୍କୁ ବ୍ଲଡ କ୍ୟାନସର୍ ହୋଇଥିବାର ଖବର, ନିଶିକାନ୍ତଙ୍କ ପ୍ରାଣ ବ୍ୟଥିତ କରିଛି । ନିଶିକାନ୍ତ ଆରାଧନା ପାଖେ ପହଂଚିବା ପୂର୍ବରୁ ତା'ର ମୃତ୍ୟୁ ହୋଇଛି । ଯାହା କଥାବସ୍ତୁର ଶେଷ ବିଚ୍ଛେଦାତ୍ମକ ହୋଇଛି ।

ପଶ୍ଚାଦାନୁଶୀଳ ଶୈଳୀରେ ଲିଖିତ 'ଜୀବନରେଖା' ଗଳ୍ପରେ ଦାମ୍ପତ୍ୟ ଜୀବନର କଳହ, ଅବସାଦ, ନିଃସଙ୍ଗତା ଆଦି ରହିଛି । ମନୀଷ ଓ ତ୍ରିଶା ଉଭୟେ ଡାକ୍ତର ଦମ୍ପତି । ହସ ଖୁସିର ସଂସାର ଭିତରେ ତ୍ରିଶାର ବାନ୍ଧବୀ କରିସ୍ମାର ଆଗମନ ଫଳରେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ କଳହ, ସନ୍ଦେହ ଏବଂ ବିଚ୍ଛେଦ ସୃଷ୍ଟି ହୋଇଛି । ଗଳ୍ପରେ ତ୍ରିଶାଙ୍କ କୋମଳ, ମାନବିକତାର ହୃଦୟ ତାଙ୍କୁ ଏକ ମହନୀୟ ଚରିତ୍ରର ପରିଚୟ ଦେଇଛି । ଦଶବର୍ଷ ପରେ ସ୍ୱାମୀଙ୍କ ରୋଗଗ୍ରସ୍ତ, ଦୟନୀୟ ଅବସ୍ଥାରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତ୍ରିଶା ପୂର୍ବ କଥା ସବୁ ଭୁଲି ଆପ୍ରାଣ ଚେଷ୍ଟାରେ ସେବା କରି ସ୍ୱାମୀଙ୍କୁ ସୁସ୍ଥ ଅବସ୍ଥାକୁ ଆଣିଛନ୍ତି । ଗଳ୍ପରେ ତ୍ରିଶା ଜଣେ କ୍ଷମାଶୀଳ ନାରୀ ଭାବେ ପରିଚୟ ସୃଷ୍ଟି କରନ୍ତି ।

ଗଳ୍ପ 'ଦେବୀ' ଏକ ଭିନ୍ନ ପ୍ରକାର ପାରିବାରିକ ସମସ୍ୟା ଭିତ୍ତିକ ଦୀର୍ଘ ଗଳ୍ପ । ଯେଉଁଥିରେ ଝିଅଟିଏ ଘରେ ଜନ୍ମ ହେଲେ ତାକୁ ଅଶୁଭ, ଅଲକ୍ଷଣୀ ଭଳି ଲାଞ୍ଛନା ମିଳେ, ନାନା ଅତ୍ୟାଚାର, ଇତର ପଶୁ ପରି ଅବହେଳିତ ହୁଏ । ଠିକ୍ ସେହିପରି ଗଳ୍ପରେ ନିଷ୍ଠାର ମାଆ ଏବଂ ନିଷ୍ଠାକୁ ଲଗେଇ ତଳ ଉପର ଭଉଣୀମାନଙ୍କର ଜୀବନବଡ ଅଭିଶପ୍ତ । ପୁଅଟିଏ ଜନ୍ମ ନ ଦେବା ପର୍ଯ୍ୟନ୍ତ ନିଷ୍ଠାର ମାଆକୁ ସ୍ୱାମୀଙ୍କଠୁ ଅବହେଳା, ଜେଜେମା'ଠୁ ଅସହନୀୟ ଗାଳି ଶୁଣିବାକୁ ମିଳିଛି । ତାହାର ଉଦାହରଣ ଦିଆଯାଇପାରେ ଜେଜେମା'ଙ୍କ କଟୁଉକ୍ତି ମାଧ୍ୟମରେ । ଯଥା– "ଦେଖ ଲୋ କେତେ ସରାଗ ଏଇ ଝିଅମାନଙ୍କ ପାଇଁ, ସତରେ ଯେମିତି ଏମାନେ ପାଠ ପଢ଼ି ତାକୁ ସ୍ୱର୍ଗକୁ ନେବେ ! ଅଲକ୍ଷଣୀଟାଏ କେଉଁ ବେଳାରେ ମୋ ଘରକୁ ଆସିଥିଲା କେଜାଣି ! କଥାରେ ଅଛି ଅପୁତ୍ରିକ ନାରୀ ମୁହଁ ନ ଚାହିଁ; କିଏ କାହିଁକି ଏହାର ମୁହଁ ଚାହିଁବ ! ଏଇ ଜନ୍ମରେ ଆଉ ନାତି ମୁହଁ ଦେଖିବାର ନାହିଁ କି ମଲା ବେଳକୁ ପାଣି ଟିକେ

ପାଇବା ଭାଗ୍ୟରେ ଲେଖା ନାହିଁ ଆମ ଦୁଇ ବୁଢ଼ାବୁଢ଼ୀଙ୍କର ।" (ଗଳ୍ପ-ଦେବୀ, ପୃଷ୍ଠା-୧୧୨)

ମାଆର ଅନିଚ୍ଛା ସତ୍ତ୍ୱେ ବାପା ଏବଂ ଜେଜେମା'ଙ୍କ ଇଚ୍ଛାରେ ପୁଅକୁ ଚାହିଁ ଚାହିଁ ଚାରି ଝିଅ ପରେ ସାନ ଭାଇ ଶୀତୁନ୍‌ର ଜନ୍ମ ହୁଏ । ଘରେ ପୁଅ ଝିଅଙ୍କ ଭେଦଭାବ ଭିତରେ ବଡ ଭଉଣୀର ଆତ୍ମହତ୍ୟା କରିବା, ଶିତୁନ୍‌ର ବିଶୃଙ୍ଖଳିତ କାର୍ଯ୍ୟକଳାପରେ ଲିପ୍ତ ରହିବା ଏବଂ ବାପାଙ୍କର ଅସ୍ୱାଭାବିକ ପରିବର୍ତ୍ତନ ସହ ମାଆ ଥାଉ ଥାଉ ଅନ୍ୟ ଏକ ସ୍ତ୍ରୀଲୋକଟିଏ ଘରକୁ ଆଣିବା ଗଳ୍ପରେ ଅସହଜ ପରିସ୍ଥିତି ସୃଷ୍ଟି କରେ । ଏତେସବୁ ଜଟିଳ ପରିସ୍ଥିତି ଭିତରେ ନିଜର ବହୁ ପ୍ରତିଭା ଓ ମେଧାବୀ ଛାତ୍ରୀ ହିସାବରେ ଶିକ୍ଷା ଅନୁଷ୍ଠାନମାନଙ୍କରେ ସୁନାମ ଅର୍ଜନ କରି ନିଷ୍ଠା ଗଳ୍ପନାୟିକାର ପରିଚୟ ହାସଲ କରେ । ତା'ର ସଂଘର୍ଷ ଏତିକିରେ ଶେଷ ହୋଇନି । ହଠାତ ରାତିରେ ଅପରିଚିତ ବେଶ ପୋଷାକ ଧରି ଦୁଇଜଣ ଠାକୁରଙ୍କୁ ଚୋରିକରି ନେଇ ଯାଉଥିବା ବେଳେ ଠାକୁରଙ୍କ ଆସ୍ଥାନ ଉପରେ ଥିବା ଧାରୁଆ ଖଣ୍ଡାରେ ନିଷ୍ଠାର ଆକ୍ରମଣ ଦ୍ୱାରା ଦୁହିଁଙ୍କର ପ୍ରାଣ ଯାଇଛି । ରକ୍ତାକ୍ତ ଶରୀର ଭିତରୁ ଜଣେ ତା'ର ବାପା । ଏହା ଅନୁମେୟ ହୁଏ ନିଷ୍ଠା ରୂପରେ ଦେବୀ ସିଂହବାହିନୀ ମା' ଦୁର୍ଗାଙ୍କର ଆବିର୍ଭାବ ହୋଇଛି, ଅମଣିଷମାନଙ୍କୁ ଦଣ୍ଡ ଦେବା ପାଇଁ ।

ଗଳ୍ପ ସଂକଳନ 'ଦାଗ'ରେ ଏଗାର ଗୋଟି ଗଳ୍ପ ସଂକଳିତ ହୋଇଛି । ଏଥିରେ ଥିବା 'ଦାଗ' ଗଳ୍ପରେ ଯୁବପିଢ଼ିଙ୍କ ପରିବର୍ତ୍ତିତ ମାନସିକତା ଲକ୍ଷ୍ୟ କରାଯାଏ । ଏହା ଏକ ସମକାଳୀନ ଘଟଣାର କଥାବସ୍ତୁ । ସୁମିତ୍ରା ହେଉଛନ୍ତି ଏକ ଇଂରାଜୀ ମିଡ଼ିୟମ ସ୍କୁଲର ପ୍ରିନସ୍‌ପାଲ୍ । ଯିଏକି ସ୍କୁଲ୍‌ର ସମସ୍ତ ଉନ୍ନତି ପାଇଁ ସଦାସର୍ବଦା ଲାଗି ରହିଥାନ୍ତି । ସ୍କୁଲରେ ଏକ ଅଭାବନୀୟ ଘଟଣା ପରଠୁ ତାଙ୍କ ମାନସପଟ୍ଟରେ ଦ୍ୱନ୍ଦ୍ୱ ଦେଖାଯାଇଛି । ଦଶମ ଶ୍ରେଣୀର ସବୁଠୁ ଭଲ ଛାତ୍ର ଶାନ୍ତନୁ ବ୍ୟାଗରୁ ଅଶ୍ଳିଳ ସି.ଡି ବାହାରିଛି, ଯାହା ଅବିଶ୍ୱାସନୀୟ । ପରବର୍ତ୍ତୀ ସମୟରେ ଶାନ୍ତନୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଏବଂ ଏପରି କାର୍ଯ୍ୟ ବ୍ରଜେଶ କରିଥିବାର ଜଣାଯାଏ । ସତ ଜଣାପଡିଲା ପରେ ବ୍ରଜେଶ ଆତ୍ମହତ୍ୟା କରିବାର ଖବର ସୁମିତ୍ରାଙ୍କୁ ମର୍ମାହତ କରିଛି ।

'ଲଭ୍ ବାର୍ଡ଼ସ୍' ଏକ ପ୍ରେମଭିତ୍ତିକ ଗଳ୍ପ । ଯାହାର ନାୟକ ନାୟିକା ଜୋସେଫ ଓ ଜିନି । କଲେଜ କ୍ୟାମ୍ପସ୍‌ରୁ ପ୍ରେମ ଓ ପରେ ବିଚ୍ଛେଦ । ଏଥିରେ ବ୍ୟବହୃତ ଆତ୍ମକଥନ ଶୈଳୀ ଦ୍ୱାରା କାହାଣୀ ଅଧିକ ସ୍ୱଚ୍ଛ ଏବଂ ବାସ୍ତବ ହୋଇଛି । ଗଳ୍ପନାୟକ (ଶ୍ରୀମୟ) ପ୍ରତିଷ୍ଠିତ ବୈଜ୍ଞାନିକ ଯୋଶେଫଙ୍କ ଠାରୁ ତାଙ୍କ ପ୍ରଣୟର କାହାଣୀ ଶୁଣି ଚକିତ ହୋଇଛନ୍ତି । ସେଥିପାଇଁ ପ୍ରେମୀଯୁଗଳୀଙ୍କୁ ଗଳ୍ପନାୟକ (ଶ୍ରୀମୟ) ଲଭ୍ ବାର୍ଡସ୍ ବୋଲି ନାମିତ କରିଛନ୍ତି । ସେହିପରି ସଂକଳନସ୍ଥ 'ପାପୁଲିରେ ପ୍ରେମ', 'ବର୍ଷା ଏକ ଅନ୍ୱେଷଣ', 'ଗୋଟିଏ ବର୍ଷାର ସ୍ମୃତି' ଆଦି ଗଳ୍ପରେ ପ୍ରେମମୂଳକ ବିଷୟବସ୍ତୁ ରହିଛି ।

'ଅନ୍ଧାରର ପ୍ରତିବିମ୍ବ' ଗଳ୍ପ ସଂକଳନରେ ତିରିଶିଟି ଗଳ୍ପ ସ୍ଥାନ ପାଇଛି । ଏହି ସଂକଳନ ୨୦୨୧ ମସିହାରେ ପ୍ରକାଶିତ ହୋଇଛି ଏବଂ ଏହି ସମୟରେ ଏକ ପ୍ରାଣଘାତକ ଭାଇରସ୍ ସମଗ୍ର ପୃଥିବୀରେ ତା'ର ପ୍ରଭାବ ବିସ୍ତାର କରିସାରିଥିଲା । ପୂର୍ବକାଳରେ ବହୁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀର ପ୍ରକୋପରେ ବହୁ ଧନ, ଜନ, ଜୀବନ ହରାଇଛି । କିନ୍ତୁ ଆଜିର ଏହି ବିଜ୍ଞାନ ଯୁଗରେ ମଧ୍ୟ କୋରନା ଭାଇରସ୍ ଭଳି ମହାମାରୀ (Pestilence) ପାଖରେ ମଣିଷ ଅସହାୟ ହୋଇପଡିଛି । ନିଜ ଆଖି ସମ୍ମୁଖରେ ଚାଲି ଯାଇଛନ୍ତି ଅନେକ ଜୀବନ । ଏହା ଏକ ସମକାଳର ମହାମାରୀ (Pestilence) । ଯାହାର ଭୟ ଏବଂ ଆଶଙ୍କା ଏବେ ବି ରହିଛି ସମାଜରେ ।

ସାହିତ୍ୟରେ ସମାଜର ପ୍ରତିଛବି ପ୍ରତିଫଳିତ ହୁଏ । ତେଣୁ ସାହିତ୍ୟରେ ସମାଜର କଥାବସ୍ତୁ ଚାଲିଆସିବା ସ୍ୱାଭାବିକ । ସେହିପରି ଗାଳ୍ପିକାଙ୍କର ଅନେକ ଗୁଡ଼ିଏ ଗଳ୍ପରେ କରୋନା ଭାଇରସ୍ ଭଳି ମହାମାରୀ (Pestilence) ସୃଷ୍ଟି କରିଥିବା ଦୁଃସ୍ଥିତି ହିଁ କଥାବସ୍ତୁର ମୁଖ୍ୟ ପ୍ରସଙ୍ଗ ହୋଇଛି । 'ବିଭୋର ବେଳା', 'ଦେବୀଦର୍ଶନ', 'କରୋନାର କାରୁଣ୍ୟ ଓ ସାଧାରଣତନ୍ତ୍ର ଦିବସ', 'ଅନ୍ଧକାରର ରାହା', 'କିଛି କିଛି ମୁହୂର୍ତ୍ତର ଅନ୍ତରାଳରେ', 'ଜୀବନ ଧାରା' ଆଦି ବହୁ ଗଳ୍ପରେ କୋରନା ଭାଇରସ୍‌ର ବ୍ୟାପ୍ତି କାଳୀନ ନିଃସଙ୍ଗତା, ଅସହାୟବୋଧ ଲକ୍ଷ୍ୟ କରାଯାଏ । 'ଦେବୀଦର୍ଶନ' ଗଳ୍ପରେ ଆତ୍ମକଥନ ଶୈଳୀର ପ୍ରୟୋଗ ହୋଇଛି । ଗଳ୍ପନାୟିକା (ମୁଁ) ଲକ୍‌ଡାଉନ୍‌ର ଅଭାବନୀୟ ସ୍ଥିତି, ବନ୍ଦ କୋଠରୀ ଜୀବନ ଏବଂ ଧାଡ଼ିବାନ୍ଧି ଦୋକାନରୁ ଜିନିଷ କିଣାର ଅନୁଭୂତିକୁ ବ୍ୟକ୍ତ କରିଛନ୍ତି । ଗଳ୍ପର ଅପର ପାର୍ଶ୍ୱରେ ଦୀପାଳି ଚରିତ୍ର ମାଧ୍ୟମରେ ଏକ କରୁଣ କାହାଣୀ ସଂଯୋଗ କରିଛନ୍ତି । ଦୀପାଳି ମଦ୍ୟପ ସ୍ୱାମୀଠୁ ମୁକ୍ତ ହୋଇ ତିନୋଟି ପିଲାଙ୍କ ମୁହଁରେ ଦାନା ଟିକେ ଦେବା ପାଇଁ ସମାଜ ଆଖିରେ ଚରିତ୍ରହୀନା ସାଜିଛି । ସେହିପରି ସମାନ କଥାବସ୍ତୁ 'କରୋନାର କାରୁଣ୍ୟ ଓ ସାଧରଣତନ୍ତ୍ର ଦିବସ' ଗଳ୍ପରେ ଦେଖିବାକୁ ମିଳେ । ଏହା ପ୍ରଥମପୁରୁଷୀୟ ଶୈଳୀରେ ଲିଖିତ । କରୋନା ଭାଇରସ୍ କିଭଳି ସେଲିନା ଘରର ମେରୁଦଣ୍ଡ

ଭାଗିଁ ଦେଇଛି ତାହା ଗଳ୍ପରେ କରୁଣ୍ୟତା ସୃଷ୍ଟି କରିଛି । ପର ମୁହୂର୍ତ୍ତରେ ସ୍କୁଲ୍‌ରେ ସୁନ୍ଦର ଆର୍ଟ ଶିଖାଉଥିବାରୁ ସେଲିନାକୁ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ଗଳ୍ପନାୟିକା ଚକିତ ହୋଇଛନ୍ତି ।

'ନୀଳ ସମ୍ବଲପୁରୀ ଶାଢ଼ୀର ସ୍ମୃତି' ଏକ ସ୍ମୃତି ଆଧରିତ ଗଳ୍ପ । କାହାଣୀର ସ୍ମୃତି ସାକ୍ଷୀ ହେଉଛି ଏକ ସମ୍ବଲପୁରୀ ଶାଢ଼ୀ । ଗଳ୍ପରେ ଆତ୍ମକଥନ ଶୈଳୀ ଏବଂ ପତ୍ରଧର୍ମୀ ଶୈଳୀର ପ୍ରୟୋଗରେ କଥାବସ୍ତୁକୁ ଆହୁରି ଜୀବନ୍ତ ରୂପେ ଆବେଗିକ କରିଛି । ଗଳ୍ପନାୟିକା (ମୁଁ) ଏକ ଇଣ୍ଟରନ୍ୟାସନାଲ୍ ସେମିନାର ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଆସିବା, ଛାତ୍ରୀ ଆରାଧନା ସହ ଭେଟ ହେବା ଏବଂ ବିଦାୟ ବେଳେ ମ୍ୟାଡମ୍‌ଙ୍କୁ ଏକ ପ୍ୟାକେଟଟି ଉପହାର ଦେବା, ଏହିପରି କାହାଣୀଟି ଗତିଶୀଳ ହୋଇଛି । ପ୍ୟାକେଟରେ ଥିବା ନୀଳ ରଙ୍ଗର ସମ୍ବଲପୁରୀ ଶାଢ଼ୀ ଏବଂ ଆରାଧନାର ଚିଠି ପାଠକ ମନରେ ସୃଷ୍ଟ ଦ୍ୱନ୍ଦ୍ୱ ଦୂର କରି ପାରିଛି ।

'ଅନ୍ଧାରର ପ୍ରତିବିମ୍ବ' ଗଳ୍ପଟି ଏକ ସାମାଜିକ ବାସ୍ତବତାର ଚିତ୍ର ବହନ କରେ । ଆଧୁନିକ ମଣିଷ କିଭଳି ଟଙ୍କା ରୋଜଗାର କରିବା ପଛରେ ସଂପର୍କର ମୂଲ୍ୟବୋଧ ହରାଏ, ଆବେଗ ଶୂନ୍ୟ ହୋଇପଡ଼େ, ତାହାର କଥାବସ୍ତୁ ଗଳ୍ପରେ ଦେଖିବାକୁ ମିଳେ । ସ୍ନେହାର ବାପା, ମାଆ ଉଭୟେ ନିଜ ଚାକିରୀ ଜୀବନରେ ବ୍ୟସ୍ତ । ସ୍ନେହାର ଭଲ ମନ୍ଦ ବୁଝିବାକୁ ସେମାନଙ୍କ ପାଖରେ ସମୟ ନଥାଏ । କେବଳ ତା'ର ଆତ୍ମୀୟତା କହିଲେ କାଗଜ, କଲମ, ଭାବନା ଏବଂ କଳ୍ପନାକୁ ମିଶେଇ ଜନ୍ମ ନେଉଥିବା ସୃଷ୍ଟି । ସମୟ କ୍ରମେ ସହରର ଏକ ବିଶିଷ୍ଟ ବ୍ୟବସାୟୀଙ୍କ ଏକମାତ୍ର ପୁତ୍ର ସହ ସ୍ନେହାର ବିବାହ ହୁଏ । ମଦ୍ୟପ ସ୍ୱାମୀଙ୍କର କଳା ବ୍ୟବସାୟର ସାମ୍ରାଜ୍ୟ ଦେଖି ସେ ମର୍ମାହତ ହୋଇଛି । କୁହାଯାଏ, ଜଣେ ନାରୀ ଚାହିଁଲେ ସବୁ ସମ୍ଭବ । ଘରକୁ ସ୍ୱର୍ଗ କରିପାରେ, ନଚେତ୍ ନର୍କ । ସେହିଭଳି 'ଅନ୍ଧାରର ପ୍ରତିବିମ୍ବ' ଗଳ୍ପରେ ନାୟିକା ସ୍ନେହା ତା'ର ଅସୀମ ଧୈର୍ଯ୍ୟ ଶକ୍ତି ବଳରେ ସ୍ୱାମୀକୁ ଉଚିତ ବାଟକୁ ଆଣିପାରିଛି ।

'ସ୍ୱପ୍ନିଳର ଦୁନିଆ' ଗଳ୍ପରେ ଗ୍ରାମ୍ୟ ସହ ଜଡ଼ିତ ବାଲ୍ୟ ସ୍ମୃତି, ଦାରିଦ୍ର୍ୟର କରୁଣତା, ବେକାରୀ ସମସ୍ୟା ଆଦିର ପ୍ରସଙ୍ଗ ଦେଖିବାକୁ ମିଳେ । ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରାସାୟନ ବିଜ୍ଞାନ ବିଷୟରେ ଗୋଲ୍ଡ ମେଡାଲିଷ୍ଟ ପାଇଥିବା ମେଧାବୀ ଛାତ୍ର ସତ୍ୟମ୍ ମହାପାତ୍ର ଚାକିରୀ ଖୋଜି ଖୋଜି ଶେଷରେ ଚୋରା ଡ୍ରଗସ୍ ବ୍ୟବସାୟରେ ସମ୍ପୃକ୍ତ ହୋଇଛି । ସତ୍ୟମ୍ ଦାରିଦ୍ରତା ଯୋଗୁ ଆତ୍ମୀୟଙ୍କୁ ହରାଇଛି । ଏମିତି କି ନିଜର ପ୍ରାଣପ୍ରିୟା ସ୍ତ୍ରୀକୁ ହରାଇଛି । ଏହି ସମୟରେ ପଡ଼ିଶା ଘର ରେଡିଓରୁ ଏକ କରୁଣ ସ୍ୱର ଭାସିଉଠିଛି କବିବର ରାଧାନାଥ ରାୟଙ୍କର ଏକ କାବ୍ୟାଂଶ । ତାହା ଥିଲା ଏହିଭଳି–

"କେହି ରହି ନାହିଁ, ରହିବେ ନାହିଁଟି ଏ ଭବରଙ୍ଗ ଭୂମି ତଳେ ।

ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳ ବଳେ ।"

ଏଠାରେ ଗୋଟିଏ ପାଠ ଭିତରେ ଆଉ ଏକ ପାଠର ଉଦ୍ଧାର କରାଯାଇଛି । ତେଣୁ ଏହା ଆନ୍ତଃପାଠ୍ୟ (Intertextuality) ଶୈଳୀର ପରିସରଭୁକ୍ତ । ଏହିଭଳି 'ସକାଳ ଆସନ୍ତା କାଲିର', 'ଭିନ୍ନ ଏକ ଜୀବନର ରୂପକଳ୍ପ' ଆଦି ଗଳ୍ପରେ ଆନ୍ତଃପାଠ୍ୟର ପ୍ରୟୋଗ ଦେଖାଯାଏ ।

ମୁଖ୍ୟ ଚରିତ୍ର ବ୍ୟତୀତ ଯେଉଁ ଅନ୍ୟ ଚରିତ୍ରମାନେ ବିଷୟ ବସ୍ତୁଟିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବେ ଏବଂ ସେମାନଙ୍କ ବ୍ୟତୀତ ଉକ୍ତ ବିଷୟ ଅସମ୍ପୂର୍ଣ୍ଣ ମନେ ହେଉଥିଲେ, ସେମାନଙ୍କୁ ପ୍ରତିନିଧି ସ୍ଥାନୀୟ ଚରିତ୍ର କହିଥାଉ । ସେଇ ଚରିତ୍ରମାନେ ହିଁ ପ୍ରଚ୍ଛଦପଟରେ କାହାଣୀକୁ ଗତିଶୀଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଏହିଭଳି ଅନେକ ଚରିତ୍ରମାନଙ୍କୁ ଗଳ୍ପରେ ଭେଟୁ । ସେମାନଙ୍କ ମଧ୍ୟରେ ଯଥା– 'ଜେଜେ ବାପାଙ୍କ ସ୍ୱରରେ' ଗଳ୍ପରେ 'ଜେଜେ ବାପା', 'ଜୀବନଲିପି'ରେ 'କାନ୍ତା' ଚରିତ୍ର, 'ଅୟମାରମ୍ଭ' ରେ 'ଅଳୁକାକା', 'ଭିନ୍ନ ଏକ ଜୀବନର ରୂପକଳ୍ପ'ରେ 'ଅନୁରାଗ ଭାଇ', 'କିଛି କିଛି ମୁହୂର୍ତ୍ତର ଅନ୍ତରାଳରେ'ଗଳ୍ପରେ 'ଜେଜେମା' ଆଦି ଚରିତ୍ରମାନେ କଥାବସ୍ତୁକୁ ଗତିଶୀଳ କରିବାରେ ସାହାଯ୍ୟ କରିଛନ୍ତି ।

ଗାଳ୍ପିକା ସ୍ମୃତି ପଟ୍ଟନାୟକଙ୍କ ଗଳ୍ପ ପାଠକ ମହଲରେ ଅନେକ ପ୍ରଶଂସାର ଅଧିକାରୀ ହୋଇପାରିଛି । ଏଥିପାଇଁ ତାଙ୍କୁ ବହୁ ପ୍ରତିଷ୍ଠିତ ଅନୁଷ୍ଠାନ ତରଫରୁ ପୁରସ୍କୃତ ଏବଂ ସମ୍ମାନିତ କରାଯାଇଛି । ସେଥିମଧ୍ୟରୁ– କାଦମ୍ବିନୀ ଗଳ୍ପ ସମ୍ମାନ–୨୦୧୦, ଅମୃତାୟନ ଗଳ୍ପ ସମ୍ମାନ–୨୦୧୨, ଓଡ଼ିଶା ଲେଖିକା ସଂସଦ ଗଳ୍ପ ପୁରସ୍କାର–୨୦୧୪, ବିଭାବନା ଗଳ୍ପ ସମ୍ମାନ–୨୦୧୫, କବି ନାରାୟଣ ମୁଦୁଲି କବିତା ସମ୍ମାନ–୨୦୧୬, ଯୁଗଧ୍ୱନି ସାହିତ୍ୟ ସଂସଦ ଉପନ୍ୟାସ ସମ୍ମାନ–୨୦୨୧, ଗଳ୍ପ ଗଞ୍ଜାମ କଥାକାର ସମ୍ମାନ–୨୦୨୨, ଗୋକର୍ଣ୍ଣିକା ଗଳ୍ପ ସମ୍ମାନ ଆହୁରି ଅନେକ କିଛି ସମ୍ମାନରେ ସମ୍ମାନିତା ।

ସମକାଳୀନ ଓଡ଼ିଆ ଗଳ୍ପ ଜଗତରେ ପରିଚିତ ଗଳ୍ପକାରଙ୍କ ମଧ୍ୟରେ ଗାଳ୍ପିକା ସ୍ମୃତି ପଟ୍ଟନାୟକ ଅନ୍ୟତମ । ତାଙ୍କ ଗଳ୍ପରେ ରହିଛି ଭିନ୍ନ ଭିନ୍ନ ସ୍ୱାଦର କଥାବସ୍ତୁ । ସାଧାରଣ ଚରିତ୍ରରୁ ଅସାଧାରଣ ଚରିତ୍ର ପର୍ଯ୍ୟନ୍ତ ସମସ୍ତେ ଆବଶ୍ୟକୀୟ ଭୂମିକା ଗ୍ରହଣ କରିଛନ୍ତି । ଏହି ଚରିତ୍ରମାନେ ହିଁ ଗଳ୍ପରେ ଲୁପ୍ତ ଥିବା ସ୍ୱରକୁ ସ୍ପଷ୍ଟ କରିଥାନ୍ତି । ଗଳ୍ପର ନାମକରଣ ଏବଂ କାବ୍ୟିକ ଭାଷାଶୈଳୀର ପ୍ରୟୋଗରେ କାହାଣୀଟି ଅଧିକ ଆବେଗମୟ ହୋଇଉଠିଛି । ମୁଖ୍ୟତଃ ତାଙ୍କ ଗଳ୍ପରେ ରହିଛି ଚଳମାନ ସମାଜର ଚିତ୍ର, ଅବକ୍ଷୟ ସଂସ୍କୃତି, ମଣିଷର ହତାଶାଭାବ, ନାରୀର ମନସ୍ତତ୍ତ୍ୱ, ଗ୍ରାମ୍ୟସ୍ମୃତି ଓ ଅତୀତ ସଂପ୍ରୀତି ଆଦି ଅନେକ କିଛିର ପ୍ରତିଫଳିତ ଚିତ୍ର । ପରିଶେଷରେ ଗଳ୍ପଗୁଡ଼ିକ ମଧ୍ୟରେ ତିକ୍ତ-ମଧୁର ସ୍ମୃତି ହିଁ ବିଷୟବସ୍ତୁର କେନ୍ଦ୍ର ହୋଇଛି ଏବଂ ପ୍ରତ୍ୟେକ ପରିସ୍ଥିତି ପଛରେ ଈଶ୍ୱରଙ୍କର ଉପସ୍ଥିତି ଥିବାର ବିଶ୍ୱାସ କରାଯାଇଛି ।

**ସହାୟକ ଗନ୍ଥସୂଚୀ :**


ଦାସ, ଗୌରହରି, 'ଓଡ଼ିଆ ଗଳ୍ପ କାଲି, ଆଜି, ଓ କାଲି', ସମ୍ପାଦନା, ନୂଆଦିଲ୍ଲୀ, ସାହିତ୍ୟ ଏକାଡେମୀ, ପ୍ରଥମ ସଂସ୍କରଣ – ୨୦୧୪ ।

ବାରିକ୍, ଡକ୍ଟର କବିତା, 'ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ (୧୮୯୮-୧୯୯୮)' ବାଲୁ ବଜାର, କଟକ, ବିଦ୍ୟାପୁରୀ, ପ୍ରଥମ ସଂସ୍କରଣ –୧୯୯୯ ।

ବେହେରା, କ୍ଷୀରୋଦ ଚନ୍ଦ୍ର, 'ଏକବିଂଶ ଶତାବ୍ଦୀରେ ଓଡ଼ିଆ ଗଳ୍ପ : ପ୍ରତିଶ୍ରୁତି ଓ ସମ୍ଭାବନା', ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ, ସେକ୍ଟର-୨, ରାଉରକେଲା-୭୬୯୦୦୬, ସଂସ୍କରଣ-୨୦୦୩ ।

ସାମଲ, ଡ଼କ୍ଟର ବୈଷ୍ଣବ ଚରଣ, 'ଓଡ଼ିଆ ଗଳ୍ପ : ଗତି ଓ ପ୍ରକୃତି ', ବିନୋଦ ବିହାରୀ, କଟକ, ସାଥୀ ମହଲ, ପ୍ରଥମ ସଂସ୍କରଣ – ୧୯୯୧ ।

ସାମଲ, ଡ଼କ୍ଟର ବୈଷ୍ଣବ ଚରଣ, 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା', ସମ୍ପାଦନା, ବିନୋଦ ବିହାରୀ, କଟକ, ଓଡିଶା ବୁକ୍‌ଷ୍ଟୋର, ପ୍ରଥମ ସଂସ୍କରଣ – ୨୦୦୪ ।


**ପରିଶିଷ୍ଟ :**


ପଟ୍ଟନାୟକ, ସ୍ମୃତି, 'ଚନ୍ଦ୍ରମାର ସ୍ୱପ୍ନ', ବାଲୁବଜାର, କଟକ, ବିଦ୍ୟାପୁରୀ, ପ୍ରଥମ ସଂସ୍କରଣ –୨୦୧୨

ପଟ୍ଟନାୟକ, ସ୍ମୃତି, 'ସମ୍ଭାବନାର ସକାଳ' ଭୁବନେଶ୍ୱର,ପଶ୍ଚିମା ପବ୍ଲିକେଶନସ, ପ୍ରଥମ ସଂସ୍କରଣ-୨୦୧୪

ପଟ୍ଟନାୟକ, ସ୍ମୃତି, 'ବହ୍ନିଶିଖା', ଭୁବନେଶ୍ୱର, ପଶ୍ଚିମା ପବ୍ଲିକେଶନସ, ପ୍ରଥମ ସଂସ୍କରଣ-୨୦୧୮

ପଟ୍ଟନାୟକ, ସ୍ମୃତି, 'ଦେବୀ ଓ ଅନ୍ୟାନ୍ୟ ଗଳ୍ପ' ଭୁବନେଶ୍ୱର, ପକ୍ଷୀଘର, ପ୍ରଥମ ସଂସ୍କରଣ-୨୦୧୯

ପଟ୍ଟନାୟକ, ସ୍ମୃତି, 'ଦାଗ' ଭୁବନେଶ୍ୱର, ପକ୍ଷୀଘର, ପ୍ରଥମ ସଂସ୍କରଣ-୨୦୧୯

ପଟ୍ଟନାୟକ, ସ୍ମୃତି, 'ଅନ୍ଧାର ପ୍ରତିବିମ୍ବ' ଭୁବନେଶ୍ୱର, ପକ୍ଷୀଘର, ପ୍ରଥମ ସଂସ୍କରଣ-୨୦୨୧



ଗବେଷିକା,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ,
କେନ୍ଦୁଝର
ଦୂରଭାଷ : ୯୦୪୦୫୪୦୦୬୨

ISSN -2583-147X (P), **Vol.- 9, Issue No.X, January 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଓଡ଼ିଆ ନାଟକରେ ନୂତନତାର ସ୍ୱର : ସୁବୋଧ ପଟ୍ଟନାୟକ

**ଚିନ୍ମୟ ସାମଲ**

ନାଟକ ସମସାମୟିକ ସମାଜର ଏକ ନିଖୁଣ ପ୍ରତିଛବି । ଉଭୟ ସମୟ ଓ ସମାଜର ଏକ ପାରସ୍ପରିକ ବନ୍ଧନ ନାଟକ ମାଧ୍ୟମରେ ପ୍ରତିବିମ୍ବିତ ହୋଇଥାଏ । ସାମ୍ପ୍ରତିକ ନାଟକ କେବଳ ମନୋରଞ୍ଜନ ଅବସ୍ଥାରେ ଯେ ଆଉ ନାହିଁ, ତାହା ଯେକୌଣସି ବୌଦ୍ଧିକ ଦର୍ଶକଏବଂ ପାଠକଗୋଷ୍ଠୀ ଅନୁଭବ କରିପାରିବେ । ଅବଶ୍ୟ ମନୋରଞ୍ଜନ ଭାଗ ତଥା ରସ ଉତ୍ପତ୍ତି ନାଟକର ପ୍ରମୁଖ ଅଙ୍ଗ ହୋଇଥିଲେ ହେଁ ସାମ୍ପ୍ରତିକ ନାଟକର ସ୍ୱର ଟିକିଏ ଭିନ୍ନମୁଖୀ, ଟିକିଏ ଅଲଗା । ସମସାମୟିକ ମୁଖ୍ୟ ସମସ୍ୟା ନିର୍ବାଚନ ତଥା ତା'ର ସୁନ୍ଦର ରୂପାୟନ ଦ୍ୱାରା ଲୋକଶିକ୍ଷା ପ୍ରଦାନ ଆଜିର ନାଟକର ପ୍ରମୁଖ ବୈଶିଷ୍ଟ୍ୟ । ପ୍ରତ୍ୟେକ ନାଟକ ସେହି ସମୟର ସମାଜର କଥା କୁହେ । ସମାଜ ବ୍ୟତିରେକ ବା ସମାଜକୁବାଦ ଦେଇ ନାଟ୍ୟରଚନା ବା ନାଟ୍ୟାଭିନୟ ସମ୍ଭବ ନୁହେଁ । ତେଣୁ ପ୍ରତିଟି ନାଟ୍ୟକାରଙ୍କୁ ତତ୍ ସମୟର ପରିବେଶ ସହ ଜଡ଼ିତ ହେବାକୁ ପଡ଼ିଥାଏ । ନୋହିଲେ ସମାଜର ପ୍ରତିଟି ସମସ୍ୟା ସହିତ ସେ ଅବଗତ ହୋଇପାରେ ନାହିଁ । ନାଟକଟି ମଧ୍ୟ ସମୟୋପଯୋଗୀ ହୋଇନଥାଏ । ପୂର୍ବେ ନାଟକ କାବ୍ୟର ଅନ୍ତର୍ଭୁକ୍ତ ଥିଲା । ପରେ ଏ ହେଲା ଦୃଶ୍ୟକାବ୍ୟ । ତେଣୁ ଦୃଶ୍ୟ ବା ଦର୍ଶନ ନାଟକର ଭାଗ୍ୟ ନିର୍ଣ୍ଣୟ କରୁଥିବାରୁ ଏହାକୁ କେବଳ ରଚନା ଭାବରେ ସୀମିତ ରଖିଦେଲେ ହୋଇଯାଏ ନାହିଁ; ଦର୍ଶକୀୟ ରୁଚିକୁ ପ୍ରାଧାନ୍ୟ ଦେଇ ଏକ ସମସାମୟିକ ବା ସାଂପ୍ରତିକ ସମସ୍ୟାକୁ ବିଷୟ ଭାବରେ ଗ୍ରହଣ କରି ମନୋରଞ୍ଜନକୁ ଆଧାର କରି ଉପଯୁକ୍ତ ନାଟ୍ୟାଭିନୟ ସର୍ବାଦୌକରଣୀୟ ।

ସାମ୍ପ୍ରତିକ ସମୟର ନାଟ୍ୟକାରମାନେ ବୁଦ୍ଧିଦୀପ୍ତ ଏବଂ ଉଚ୍ଚଶିକ୍ଷିତ । ନବନବ ତରୁଣ ପ୍ରତିଭାମାନ ମଧ୍ୟ ନାଟକ କ୍ଷେତ୍ରରେ ପ୍ରବେଶ ଓଡ଼ିଆ ନାଟକକୁ ଋଦ୍ଧିମନ୍ତକରେ । ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ସମସ୍ତ ପାଶ୍ଚାତ୍ୟ ଚିନ୍ତାଧାରାର ବିଲୟରେ ମୌଳିକ ଚିନ୍ତାଧାରା ଯାହା ସମ୍ପୂର୍ଣ୍ଣ ଭାବେ ଉତ୍କଳୀୟ ଚିନ୍ତାଧାରା, ଉତ୍କଳୀୟ ମାଟି-ପାଣି-ପବନରେ ସମୃଦ୍ଧ, ତାହାର ପ୍ରୟୋଗ ଓଡ଼ିଆ ନାଟକରେ ଦେଖିବାକୁ ମିଳୁଛି । ବିଂଶ ଶତାବ୍ଦୀରେ ପଞ୍ଚମ ଦଶକରୁ ଆରମ୍ଭ କରି ସପ୍ତମ ଦଶକର ମଧ୍ୟଭାଗ, ଏହି ସମୟ ଖଣ୍ଡ ତତ୍‌ସମୟରେ ନାଟ୍ୟ ପରିବେଶ କ୍ଷେତ୍ରରେ ବେଶ୍ ଚହଳ ପକାଇଥିଲା । ନାଟ୍ୟକାର ମନୋରଞ୍ଜନଙ୍କୁ ଅନ୍ୟାନ୍ୟ ନାଟ୍ୟକାରମାନେ ନିଜ ନିଜର ନାଟକ ରଚନାର ଆଦର୍ଶ ଭାବେ ଗ୍ରହଣ କରି ସେହି ଧରଣର, ସେହି ଶୈଳୀର ନାଟ୍ୟରଚନା ଆରମ୍ଭ କରିଦେଲେ । ଏହିଭଳି ରଚନାକୁ କେହି କେହି ନବନାଟ୍ୟଧାରା (ଆନ୍ଦୋଳନ ?)ର ନାଟକ ଭାବେ ଗ୍ରହଣ କରିବାକୁ ଲାଗିଲେ ତ କେହି କେହି 'ଉଦ୍ଭଟ' ବା 'Absurdity'ର ମୋହର ମାରିଲେ । ନାଟକ ବୌଦ୍ଧିକତା ସ୍ୱରୂପ ପାହାଡ଼ର ଶୀର୍ଷରୋହକୁ ଛୁଇଁଲା । ପ୍ରଥମ କଥା ତତ୍‌ସମୟର ନାଟ୍ୟକାରମାନେ ବୃତ୍ତିଜୀବି ଏବଂ ଉଚ୍ଚଶିକ୍ଷିତ । ନାଟକ ରଚନା ଏବଂ ଅଭିନୟ ସେମାନଙ୍କ ପାଇଁ ନିଶା ଥିଲା; ପେଶା ନୁହେଁ । କୌଣସି ଏକ ସାମୟିକ ଉତ୍ସବ, କାର୍ଯ୍ୟକ୍ରମ ବା ନାଟକ ପ୍ରତିଯୋଗିତାମାନଙ୍କରେ ସେମାନେ ଏକତ୍ରିତ ହେଉଥିଲେ ଏବଂ ନାଟକ ଅଭିନୟ କରୁଥିଲେ । ଦ୍ୱିତୀୟରେ ସେହି ସମୟ ବେଳକୁ ସ୍ଥାୟୀ ରଙ୍ଗମଞ୍ଚର ବିଲୟ ଘଟି ସାରିଥିଲା । ତଥାପି କାଁ ଭାଁ କେତୋଟି ନାଟକ ଅନ୍ନପୂର୍ଣ୍ଣା ରଙ୍ଗମଂଚରେ (ଉଭୟ ଗ୍ରୁପ 'ଏ' ଓ 'ବି') ଅଭିନୀତ ହେଉଥିଲା । ଏହା ବାଦ୍ ଅନ୍ୟ ସମସ୍ତ ନାଟକ ପ୍ରାୟ ସୌଖିନ ଅଣପାରମ୍ପରିକ / ଅସ୍ଥାୟୀ ମଂଚରେ ଅଭିନୀତ ହେଉଥିଲା । ସମସ୍ତ ପ୍ରତିଷ୍ଠିତ ବିଦ୍ୱାନ ନାଟ୍ୟକାରମାନଙ୍କର ନାଟକ କ୍ଷେତ୍ରରେ ଯୋଗଦାନ ଏବଂ ପ୍ରାୟ ଏକ ପ୍ରକାର ନାଟକୀୟ ଗଢଣ (form)କୁ ଆଧାର କରି ନାଟକ ରଚନା ହୁଏତ ସେମାନଙ୍କୁ ବିଶ୍ୱ ନାଟ୍ୟ ଦରବାରରେ ଏକ ପ୍ରମୁଖ ଆସନ ଯୋଗାଇ ଦେଇପାରିଥିଲେ ହେଁ ଯେ ନାଟକର ମୁଖ୍ୟ ନିୟନ୍ତା, ନାଟକକୁ ଉଭୟ ଦୃଷ୍ଟି ଓ ଦର୍ଶନ, ଚିନ୍ତା ଓ ଚେତନା ଦ୍ୱାରା ବିଚାର କରି ବସନ୍ତି, ସେହି ଦର୍ଶକମାନେ କ୍ରମେ ମଂଚଠାରୁ ଦୂରେଇ ଗଲେ । ନାଟକ କେବଳ ସୀମିତ ହୋଇଗଲା କେତୋଟି ହାତଗଣତି ସଂଖ୍ୟାଲଘୁ ବୁଦ୍ଧିଜୀବୀ ଗୋଷ୍ଠୀଙ୍କ ମଧ୍ୟରେ । ତେଣୁ

ଏହିଭଳି ଅସମୟରେ ନାଟକ ପୁଣି ମୁହାଁଇଲା ପରିବର୍ତ୍ତନ ଆଡ଼କୁ । ପ୍ରାୟ ଉତ୍ତର ଅଶୀ ସମୟର ଓଡ଼ିଆ ନାଟକରେ ଏହି ପରିବର୍ତ୍ତନର ସ୍ୱର ଶୁଣିବାକୁ ମିଳେ । ଏହି ସମୟରେ ପ୍ରମୁଖ ନାଟ୍ୟକାରମାନଙ୍କ ମଧ୍ୟରୁ ନାଟ୍ୟକାର ସୁବୋଧ ପଟ୍ଟନାୟକ ଅନ୍ୟତମ, ଯାହାଙ୍କ ନାଟକରେ ନୂତନତାର ସ୍ୱର ସ୍ୱତଃ ବାରି ହୋଇପଡ଼େ ।

ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କର ଜନ୍ମ ହୁଏ ୧୯୬୪ ମସିହା ଫେବୃଆରୀ ୧ ତାରିଖ ପୁରୀଠାରେ । ପିତା ଡ. ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ ଏବଂ ମାତା ଡ. ଶଶୀପ୍ରଭା ପଟ୍ଟନାୟକଙ୍କ ଇଚ୍ଛା ପୁତ୍ର ସୁବୋଧ ପଟ୍ଟନାୟକ ଜଣେ ବୈଜ୍ଞାନିକ ହୁଅନ୍ତୁ । ତେଣୁ ତାଙ୍କୁ ଏଥିନିମନ୍ତେ ଇଞ୍ଜିନିୟରିଂ ପାଠ ପଢିବାକୁ ପଡ଼ିଲା । ତାଙ୍କ ସହ ଏକ ସାକ୍ଷାତ୍‌କାରରେ ସେ କୁହନ୍ତି, ଏହି ଇଞ୍ଜିନିୟରିଂ ପାଠ ପଢୁଥିବା ସମୟରେ ସେ ହଷ୍ଟେଲରେ ରହୁଥିଲେ । ହଷ୍ଟେଲରେ ରହୁଥିବା ସମୟରେ ସେ ନିୟମିତ ବଡ଼ ପିଲାମାନଙ୍କ ଦ୍ୱାରା ରାଗିଙ୍ଗ୍ (Ragging)ର ଶିକାର ହେଉଥିଲେ । ଏହି ରାଗିଙ୍ଗ୍ ସମୟେ ସମୟେ ଏତେ ଭୟାନକ ହେଉଥିଲା ଯେ ତାଙ୍କୁ ଏଥିପାଇଁ ନିସ୍ତୁକ ମାଡ଼ ମଧ୍ୟ ମରା ଯାଉଥିଲା । ଯେଉଁଥିପାଇଁ ତରୁଣ ସୁବୋଧ ପରର୍ବୀ ସମୟରେ ଗୁଣ୍ଡାଗିରି କରିବାକୁ ମଧ୍ୟ ପଛାଇ ନଥିଲେ । ସେହି ସମୟର ଗୁଣ୍ଡାଗିରି କରୁଥିବା ମୁଖ୍ୟ ପ୍ରଦୀପ ସ୍ୱାଇଁଙ୍କ ସହ ସେ ହାତ ମିଳାଇଥିଲେ । ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ ରହି ବିଭିନ୍ନ ବସ୍‌ରୁ ଚାନ୍ଦା ଆଦାୟ କରିବା ଥିଲା ସୁବୋଧ ପଟ୍ଟନାୟକଙ୍କ କାର୍ଯ୍ୟ; କିନ୍ତୁ ଲକ୍ଷ୍ୟ ଥିଲା ହଷ୍ଟେଲରେ ତାଙ୍କୁ ବାରମ୍ବାର ରାଗିଙ୍ଗ୍ (Ragging) କରିଥିବା ଇଞ୍ଜିନିୟରିଂର ଶେଷବର୍ଷର ଛାତ୍ର ପୁରୁଷୋତ୍ତମ ଭୂୟାଁଙ୍କୁ ହତ୍ୟା କରିବା । ତରୁଣ ସୁବୋଧ ଏହି ଗୁଣ୍ଡାଗିରି କରିବା କାରଣରୁ ଇଞ୍ଜିନିୟରିଂ ପଢାରେ ବ୍ୟାଘାତ ସୃଷ୍ଟି ହେଲା । ସମୟକ୍ରମେ ଏମାନେ ପୋଲିସ୍‌ମାନଙ୍କର କ୍ରୁର ଦୃଷ୍ଟିରେ ମଧ୍ୟ ପଡ଼ିଗଲେ । ପୋଲିସମାନଙ୍କର ଘନଘନ ଆକ୍ରମଣ ତରୁଣ ସୁବୋଧ ଏବଂ ତାଙ୍କ ସାଥୀମାନଙ୍କୁ ବିଭିନ୍ନ ଯାଗାରେ ଲୁଚିବାକୁ ପଡ଼ିଲା । ବିଭିନ୍ନ ସ୍ଥାନ ପରିତ୍ୟାଗ କରିବାକୁ ମଧ୍ୟ ପଡ଼ିଲା । ତରୁଣ ସୁବୋଧଙ୍କର ଏହିପରି ବିଭିନ୍ନ ସ୍ଥାନ ଘୁରିବୁଲୁଥିବା ସମୟରେ ଦୈବାତ୍ ଭେଟହୁଏ ଏକାମ୍ର ଥିଏଟର, ଭୁବନେଶ୍ୱର ପ୍ରାଣପ୍ରତିଷ୍ଠାତା କମଳଲୋଚନ ମହାନ୍ତିଙ୍କ ସହ ଏବଂ ଏହିଠାରେ ହିଁ ତରୁଣ ସୁବୋଧ ପଟ୍ଟନାୟକଙ୍କ ଇଞ୍ଜିନିୟରିଂ ପଢା ଅପୂର୍ଣ୍ଣ ରହିଯାଏ ଏବଂ ନାଟକ କ୍ଷେତ୍ରରେ ତାଙ୍କ ଇଚ୍ଛାଶକ୍ତି ବଢେ । ବୈଜ୍ଞାନିକ ହେବାର ଯାହା ପିତାମାତାଙ୍କର ଆଶା ଥିଲା, ତାହା ସମ୍ପୂର୍ଣ୍ଣ ଭାବେ ତଳିତଳାନ୍ତ ହୋଇଯାଏ ଏବଂ ଭବିଷ୍ୟତରେ ଏକ ଉଚ୍ଚ ପ୍ରତିଷ୍ଠିତ ନାଟ୍ୟକାର ହେବାର ଇଚ୍ଛା ତାଙ୍କର ଜାଗ୍ରତ ହୁଏ । ନାଟ୍ୟକାର ଏବଂ ନାଟ୍ୟ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଏଥିପାଇଁ ତାଙ୍କୁ ବହୁ ଉତ୍ସାହିତ କରନ୍ତି ।

ଏକାମ୍ର ଥିଏଟରରେ ଅଭିନୀତ ଶ୍ରୀ ମହାନ୍ତିଙ୍କ ବହୁ ନାଟକରେ ସେ ଅଭିନୟ ମଧ୍ୟ କରିଛନ୍ତି । ସେ ଏକ ସାକ୍ଷାତକାରରେ କୁହନ୍ତି, ତାଙ୍କ ନାଟ୍ୟଜୀବନର ମାର୍ଗଦର୍ଶକ ହେଉଛନ୍ତି ଦୁଇଜଣ ନାଟ୍ୟ ବିଶେଷଜ୍ଞ – ଅଜିତ୍ ଦାସ ଏବଂ ବିଜୟ ମହାନ୍ତି । ୧୯୮୨ ମସିହାରେ ନାଟ୍ୟକାର ଶ୍ରୀ ସୁବୋଧ ପଟ୍ଟନାୟକଙ୍କ ଶିକ୍ଷାରମ୍ଭ ହୁଏ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ନାଟକ ବିଭାଗରେ । ସେ ନାଟକ ବିଷୟରେ ଅଧିକ କିଛି ଅଧ୍ୟୟନ ନିମନ୍ତେ ନୂଆଦିଲ୍ଲୀ ମଧ୍ୟ ଯାତ୍ରା କରିଥିଲେ । ନୂଆଦିଲ୍ଲୀରୁ ଓଡ଼ିଶା ଆସିବା ପରେ ୧୦ ନଭେମ୍ବର ୧୯୮୯ ମସିହା ତାଙ୍କ ନିଜସ୍ୱ ଏକ ନାଟ୍ୟସଂସ୍ଥା 'ନାଟ୍ୟଚେତନା' ଗଠନ କରିଥିଲେ ଭୁବନେଶ୍ୱରଠାରେ ।

**ନାଟ୍ୟ ଚେତନା:**

ଏକ ଅଣବ୍ୟବସାୟିକ, ଧର୍ମନିରପେକ୍ଷ, ରାଜନୀତିକ ଦ୍ୱନ୍ଦ୍ୱରୁ ମୁକ୍ତ ଏକ କ୍ରାନ୍ତିକାରୀ ନାଟ୍ୟ ଅନୁଷ୍ଠାନ ଯାହା ସାମାଜିକ ସଚେତନତା ଆଣିବା ପାଇଁ ଓ ଭାରତୀୟ କଳାର ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧ । ଖ୍ରୀ. ୧୯୮୫ ରୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର କେତେକ ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ଗଠିତଏହି ଅନୁଷ୍ଠାନ, ଖ୍ରୀ. ୧୯୮୬ ରୁ ରେଜିଷ୍ଟ୍ରିଭୁକ୍ତ ହୋଇ ତା'ର ନିଜସ୍ୱ ଶୈଳୀରେ ବିଗତ ୨୫ ବର୍ଷ ଭିତରେ ୨୯ଟି ଅନ୍ତରଙ୍ଗ ନାଟକ ଓ ୪୩ଟି ଚେତନା ନାଟକ ପ୍ରଯୋଜନ କରିସାରିଲାଣି । ଏହାର ପ୍ରାଣପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ହେଉଛନ୍ତି ଶ୍ରୀ ସୁବୋଧ ପଟ୍ଟନାୟକ, ଯିଏ ନାଟକରେ ଡିଗ୍ରୀଧାରୀ । 'ଅନ୍ତରଙ୍ଗ' ଓ 'ଚେତନା' ନାଟକଶୈଳୀ ତାଙ୍କର ଉଦ୍ଭାବନ । ତାଙ୍କ ନେତୃତ୍ୱରେ ଆଜି ଜାତୀୟ ଓ ଆନ୍ତର୍ଜାତୀୟ (ଅଷ୍ଟ୍ରେଲିଆ, କେନିଆ, ନରୱେ, ବେଲ୍‌ଜିୟମ୍, କାନାଡ଼ା, ହଙ୍ଗ୍‌କଙ୍ଗ୍, ବ୍ରାଜିଲ୍) ସ୍ତରରେ ଓଡ଼ିଆ ନାଟକକୁ ପରିଚିତ ଓ ପ୍ରତିଷ୍ଠିତ କରିପାରିଛି ନାଟ୍ୟଚେତନା ।

ନାଟ୍ୟଚେତନାର ସ୍ଥାୟୀ କର୍ମପୀଠ 'ନାଟ୍ୟଗ୍ରାମ', ଖୋର୍ଦ୍ଧା ନିକଟରେ ଅବସ୍ଥିତ । ଏଠାରେ ନିୟମିତ ନାଟକ ତାଲିମ ଦିଆଯାଉଛି । ପ୍ରତିବର୍ଷ ଲୋକନାଟ୍ୟ ମେଳା ଅନୁଷ୍ଠିତ ହେଉଛି । ଦେଶ ବିଦେଶର ନାଟ୍ୟକର୍ମୀ, ନାଟ୍ୟବିତ୍, ନାଟ୍ୟଦଳମାନଙ୍କର ଏହା ଏକ ମିଳନସ୍ଥଳ, ନାଟ୍ୟଗ୍ରାମ ମିଉଜିୟମ୍, ପୁସ୍ତକ ଏବଂ କଷ୍ଟେଇ, ଫଟୋ, ପୋଷ୍ଟର, ଅଡିଓ, ଭିଡିଓ ସଂଗ୍ରହାଳୟ ଆଦି ନାଟ୍ୟଗ୍ରାମର ଆକର୍ଷଣ । ନାଟ୍ୟଚେତନାର ତ୍ରୟମାସିକ ପତ୍ରିକା 'ନାଟ୍ୟସ୍ୱର' ଏବଂ ନାଟକ ବହିଗୁଡିକ ନିୟମିତ ପ୍ରକାଶିତ ହୋଇ ଚାଲିଛି ।

ନିଶାବର୍ଜିତ, ସରଳ, ସଂସ୍କୃତ ସାମାଜିକ ମୂଲ୍ୟବୋଧ ଥିବା ଦଳଗତ ପବିତ୍ର ନିରାଡ଼ମ୍ବର ଜୀବନ ପ୍ରଣାଳୀ ନାଟ୍ୟଚେତନାର ଆଦର୍ଶ । ବ୍ୟକ୍ତିଗତ ଦାନ ବା ସାମୟିକ ସାଂଗଠନିକ ଅନୁଦାନ,

ପୁସ୍ତକ ବିକ୍ରୟଲବ୍ଧ ଧନ, ନାଟ୍ୟଭିକ୍ଷା ଦ୍ୱାରାଏହି ଅନୁଷ୍ଠାନ ଆଜିଯାଏ ବି ରହିଛି ।

**ଶ୍ରୀ ପଟ୍ଟନାୟକଙ୍କ ନାଟ୍ୟ ସୃଜନ:**

ସମାଜ ଜୀବନର ଉପେକ୍ଷିତ ଗୋଷ୍ଠୀର ସ୍ୱର ନାଟକ ମାଧ୍ୟମରେ ଜନତା ଦରବାରରେ ଉପସ୍ଥିତ କରାଇବା ହିଁ ହେଉଛି ନାଟ୍ୟକାର ତଥା ତାଙ୍କ ପ୍ରତିଷ୍ଠିତ ଅନୁଷ୍ଠାନ ନାଟ୍ୟଚେତନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟ ନେଇ ଅନୁଷ୍ଠାନ ପ୍ରଥମେ ପ୍ରଦର୍ଶନ କରିଥିଲା ନାଟକ 'ବଣମଣିଷ' ୧୯୮୬-୮୭ ମସିହାରେ । ଏଥିରେ କୌଣସି ସଂଳାପର ପ୍ରୟୋଗ କରାଯାଇ ନାହିଁ । ଏହା ହେଉଛି 'Mime' ବା 'ମୂକ ନାଟକ' । ପ୍ରାଚୀନ ଓ ଆଧୁନିକ ମଧ୍ୟରେ ଥିବା ସ୍ଥିତି ସଂଘର୍ଷକୁ ନାଟ୍ୟକାର ଅତ୍ୟନ୍ତ ନିଖୁଣ ଭାବରେ ଚିତ୍ରିତ କରିଛନ୍ତି । ପ୍ରାଚୀନ ସମୟରେ ମଣିଷ କଂଚା ମାଂସ ଖାଉଥିଲା । ଗଛର ବଳ୍‌କଳ ପିନ୍ଧୁଥିଲା । ମଣିଷ ମଣିଷ ପରସ୍ପରକୁ ଚିହ୍ନି ପାରୁନଥିଲା । ଆଜିର ଆଧୁନିକ ସମୟରେ ମଧ୍ୟ ତାହାହିଁ ଦେଖିବାକୁ ମିଳେ । ଆଧୁନିକ ସମୟର ମଣିଷ ବିଚାରବନ୍ତ, ଶିକ୍ଷିତ । ତଥାପି ପ୍ରତ୍ୟେକ ମଣିଷ ଅପର ମଣିଷକୁ ବୁଝିପାରେନା । ହୁଏତ କେବେ ବୁଝିବାକୁ ଚେଷ୍ଟା କରେନା । ପାର୍ଥକ୍ୟ ରହିଯାଇଛି ମଣିଷ ମଣିଷ ଭିତରେ । ଗୋଷ୍ଠୀଗତ ମନୋଭାବର ଅଭାବ ହିଁ ଏହି ପାର୍ଥକ୍ୟର ମୂଳ କାରଣ ବୋଲି ନାଟ୍ୟକାରଙ୍କ ମତ ।

'କାଠ' ନାଟକ (୧୯୯୨) ନାଟ୍ୟଚେତନାର ଏହା ପରର ନାଟକ । ଏହା ଏକ ସତ୍ୟ ଘଟଣାଭିତ୍ତିକ ନାଟକ । ନାଟକର ଲୋକପ୍ରିୟତା ଜଣାପଡେ ଏହାର ମଂଚାଭିନୟରୁ । 'କାଠ' ନାଟକର ପ୍ରଦର୍ଶନ ଉଭୟ ଜାତୀୟ ଓ ଆନ୍ତର୍ଜାତୀୟ (ଇଟାଲୀ, ଫ୍ରାନ୍‌ସ, ପ୍ୟାରିସ୍, ବେଲ୍‌ଜିୟମ୍, ନେଦରଲ୍ୟାଣ୍ଡ) ସ୍ତରରେ ପ୍ରାୟ ୫୪ଥର ଅଭିନୀତ ହୋଇଛି । 'କାଠ ବାବଦରେ ପଦେ...' ରେ ନାଟ୍ୟକାରଙ୍କ ମତ- "୧୯୮୫ ମସିହାରେ ମୁଁ ଯେତେବେଳେ ଭୁବନେଶ୍ୱରରୁ ସ୍ଥାନାନ୍ତରିତ ଏକ ବସ୍ତିରେ କିଛିଦିନ ରହିଥିଲି, ସେତେବେଳେ 'କାଠ' ନାଟକର ପ୍ରକୃତ ଗୁରେଇକୁ ଭେଟିଥିଲି ।" ଏହି ଗୁରେଇର ଜୀବନ କାହାଣୀକୁ ନେଇ ରଚିତ ଏବଂ ଅଭିନୀତ ନାଟକ 'କାଠ' । ଗୁରେଇର କାଠ ପାଇଁ ସଂଘର୍ଷ ଏବଂ ଶେଷରେ ନିଜ ସ୍ୱାମୀର ଶବକୁ ଦାହ କରିବା ପାଇଁ କାଠ ନପାଇ ନିଜେ କାଠ ହୋଇଯିବା ଆଦି ବିଷୟବସ୍ତୁର ସାରମର୍ମ ହେଉଛି ନାଟକ 'କାଠ' ।

ନାଟ୍ୟ ଚେତନାର ଏହା ପରର ନାଟକ 'ଭୂତ' (୨୦୦୩) । ଶିଳ୍ପଭିତ୍ତିକ ଓ ପଲ୍ଲୀଭିତ୍ତିକ ସମାଜ ମଧ୍ୟରେ ସଂଘର୍ଷ ଓ ତହିଁରୁ ପଲ୍ଲିଭିତ୍ତିକ ସମାଜର ଦାରୁଣ ବିପର୍ଯ୍ୟୟକୁ ନାଟ୍ୟକାର ସ୍ପଷ୍ଟତାର ସହ ବ୍ୟକ୍ତ କରିଛନ୍ତି । ତେବେ ଏହି ସଂଘର୍ଷର କେନ୍ଦ୍ରବିନ୍ଦୁ ହେଉଛି ଟି.ଭି. । ଏହି ଟି.ଭି.କୁ ମାଧ୍ୟମ କରି ନାଟକର କଥାବସ୍ତୁ ଗତିଶୀଳ । ବିଜ୍ଞାନର ଦ୍ରୁତପ୍ରସାର ଓ ପ୍ରଚାର ଯୋଗୁଁ ବିଭିନ୍ନ ଶିଳ୍ପଭିତ୍ତିକ ସଂସ୍ଥାନ ଗଢିଉଠୁଥିଲେ ହେଁ ଏଥିରେ ପାରମ୍ପରିକତାର ବିଲୟ ଖୁବ୍ ଦୁଃଖର ବିଷୟ, ଯାହା ନାଟ୍ୟକାରଶ୍ରୀ ପଟ୍ଟନାୟକ ଆଜିର ସମାଜକୁ ସୂଚାଇ ଦେବାକୁ ଚାହିଁଛନ୍ତି । ଏହି ପରିପ୍ରେକ୍ଷୀରେ ମନେପଡ଼େ ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କ ସୁପ୍ରସିଦ୍ଧ ଓ ପାଠକ ମହଲରେ ଅତ୍ୟନ୍ତ ପରିଚିତ ଗଳ୍ପ 'ମାଗୁଣିର ଶଗଡ଼' । ସେ ଯାହାବି ହେଉ, ଶିଳ୍ପଭିତ୍ତିକ ଭୋଗବାଦୀ ନଗର ସଂସ୍କୃତି ଓ ଦ୍ରୁତନଗରାୟନ ମାର୍ଗରେ ଧାବିତ ପଲ୍ଲୀସଂସ୍କୃତି ମଧ୍ୟରେ ଚିରନ୍ତନ ଦ୍ୱନ୍ଦ୍ୱ ଏବଂ ଶେଷରେ ପାରମ୍ପରିକ ସଂସ୍କୃତିର ପରାଜୟଏହି ନାଟକର ଭାବବସ୍ତୁ ।

ମହାବାତ୍ୟାର ପୃଷ୍ଠଭୂମିରେ ରଚିତ ତାଙ୍କର ଅନ୍ୟତମ ନାଟକ 'ଗୀତ' । ଯେଉଁଥିରେ 'ଗୀତ' ହିଁ ଏହି ନାଟକର ମୂଳବିନ୍ଦୁ । ଗୀତକୁ ଆଧାର କରି ନାଟକର ଆରମ୍ଭ ଏବଂ ତାହାରି ମଧ୍ୟରେ ହିଁ ନାଟକର ପରିସମାପ୍ତି । ନାଟ୍ୟକାର ପ୍ରମାଣ କରିବାକୁ ଚାହିଁଛନ୍ତି, ଜୀବନ ଏକ ଅବିଚ୍ଛିନ୍ନ ପ୍ରବାହ । ଶତ ବାଧାବିଘ୍ନ ମଧ୍ୟରେ ଅମଳୀନ ଦୀପ ଶିଖାଟିଏ ହୋଇ ସେ ଜଳୁଥାଏ । ଯେହେତୁ ସଙ୍ଗୀତକୁ ନେଇ ନାଟକର ପରିକଳ୍ପନା, ତାହାହିଁ ହୋଇଛି ଏଇ ନାଟକର ପ୍ରଧାନ ଆକର୍ଷଣ ।

ସେହିପରି ନାଟ୍ୟକାରଙ୍କ ଆଦିବାସୀଭିତ୍ତିକ ନାଟକ ହେଲା 'ଧଳାସୁନା', 'ଫୁଲ', 'ବଣ', 'କାଠ' ଇତ୍ୟାଦି । ଯେଉଁଥିରେ ଆଦିବାସୀ ସମସ୍ୟାକୁ ଅତି ନିଖୁଣତାର ସହ ଦେଖାଇବା ସହିତ ସମସ୍ୟା ସମାଧାନର ବାଟ ମଧ୍ୟ ବାହାର କରିଛନ୍ତି । କେତେକ ନାଟକରେ କୌଣସି ସମସ୍ୟାର ସମାଧାନର ଦାୟିତ୍ୱ ଦର୍ଶକମାନଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ଛାଡି ଦେଇଛନ୍ତି । ଏହା ମଧ୍ୟ ଶ୍ରୀ ପଟ୍ଟନାୟକଙ୍କ ନାଟକର ଅନ୍ୟତମ ବୈଶିଷ୍ଟ୍ୟ । କୃଷକ ସମସ୍ୟାକୁ ଭିତ୍ତିକରି ରଚିତ ଏବଂ ବହୁବାର ଅଭିନୀତ ତାଙ୍କ ନାଟକ 'ମା'ଟି' । ଏକ ସତ୍ୟଘଟଣାକୁ ଅନୁଧ୍ୟାନ କରି ରଚିତ ଏହି ନାଟକରେ ନାଟ୍ୟକାର କୃଷକମାନଙ୍କ ମୂଳ ସମସ୍ୟାକୁ ସ୍ପଷ୍ଟତାର ସହ ଉପସ୍ଥାପନ କରିପାରିଛନ୍ତି ଏବଂ ସେଥିରେ ସଫଳତା ମଧ୍ୟ ପାଇଛନ୍ତି ।

ଶ୍ରୀ ସୁବୋଧ ପଟ୍ଟନାୟକ ଏହିପରି ବହୁ ମୌଳିକ ନାଟକର ସଫଳ ସ୍ରଷ୍ଟା । ତା' ସହିତ ବିଭିନ୍ନ ମନଛୁଆଁ ଗଳ୍ପର ମଧ୍ୟ ସେ ନାଟ୍ୟରୂପ ଦିଅନ୍ତି । ସୁପ୍ରସିଦ୍ଧ ଗାଳ୍ପିକ ମନୋଜ ଦାସଙ୍କ 'ଆବୁପୁରୁଷ' ଗଳ୍ପକୁ ଆଧାର କରି ତାଙ୍କ ନାଟକ 'ଆବୁ', ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ 'ସାରିପୁତ୍ତ'ର ନାଟ୍ୟରୂପ 'ସାରିପୁତ୍ତ', ପ୍ରାଣବନ୍ଧୁ କରଙ୍କ ରଚିତ 'ସୁଅ ମୁହଁରେ ପତର' ଆଧାରରେ ତାଙ୍କ ନାଟକ 'ସୁଅ', ଫକୀରମୋହନ ସେନାପତୀଙ୍କ ଗଳ୍ପ 'ରେବତୀ'ର ନାଟ୍ୟରୂପ 'ରେବ' ଏବଂ 'ଡ଼ାକମୁନ୍‌ସୀ' ଆଧାରରେ ରଚିତ ତାଙ୍କ ନାଟ୍ୟରୂପ 'ବାବୁ', ସେହିପରି ମହାପାତ୍ର ନୀଳମଣି ସାହୁଙ୍କ ବହୁ ପଠିତ ଗଳ୍ପ 'ବିହଙ୍ଗ ବିପ୍ଲବ'ର ନାଟ୍ୟରୂପ 'ବିହଙ୍ଗ ବିପ୍ଲବ' ଅନ୍ୟତମ । ମୂଳକାହାଣୀର କେବଳ ଖିଅଟିକୁ ଗ୍ରହଣ କରି ଶ୍ରୀ ପଟ୍ଟନାୟକ

ନିଜସ୍ୱ ଶୈଳୀରେ ଗଳ୍ପଟିର ନାଟ୍ୟରୂପ ଦିଅନ୍ତି, ଯାହା ନାଟକକୁ ମୌଳିକ, ଅଭିନବ ଏବଂ ସ୍ୱତନ୍ତ୍ର କରିଦିଏ । ବେଳେ ବେଳେ ମୂଳ କାହାଣୀର ଶେଷଭାଗ ବା ଉପସଂହାର ଯାହା ହୋଇଥାଏ, ନାଟ୍ୟକାର ସେହି ଭାଗଟିକୁ ସଂପୂର୍ଣ୍ଣ ଭାବେ ପରିବର୍ତ୍ତନ କରି ନିଜସ୍ୱ ମତ ଆଧାରରେ ନାଟକଟିର ଶେଷ ଭାଗଟିକୁ ଗଢନ୍ତି । ଯାହା ଉଭୟ ନାଟକ ଏବଂ ମୂଳଗଳ୍ପଟି ମୌଳିକ ଏବଂ ସ୍ୱତନ୍ତ୍ର ଲାଗେ । ତଥାପି ମୂଳକାହାଣୀର ଆତ୍ମା ବା ମୂଳସ୍ୱର, ଯାହା ମୂଳସ୍ରଷ୍ଟା ତାଙ୍କ ସୃଷ୍ଟି ମାଧ୍ୟମରେ ଏ ସମାଜକୁ ଏକ ନୂତନ ବାର୍ତ୍ତା ପ୍ରଦାନ କରିଥାଏ; ତାହା ନାଟକରେ ପରିଲକ୍ଷିତ । ନାଟ୍ୟକାର ଶ୍ରୀ ପଟ୍ଟନାୟକ ମୂଳସ୍ରଷ୍ଟାଙ୍କୁ ସମ୍ମାନ ଦେଇ ଏପରି କରିଥାନ୍ତି ।

ଏହା ବ୍ୟତୀତ ଭିନ୍ନ ଭିନ୍ନ ବିଷୟକୁ ନେଇ ନାଟ୍ୟକାରଙ୍କ ଦ୍ୱାରା ବିଭିନ୍ନ ଛୋଟ ନାଟକ ରଚିତ ହୋଇଛି । ଏହିସବୁ ଛୋଟ ନାଟକ ଭିତରେ ରହିଛି 'ନିଶା କରେ ନାଶ', 'ଆଃ', 'ଖଡ଼ି ଗଲା ଗଡି ଗଡି', 'ପାଣି ପାଣି ପାଣି', 'ଦୁଃଖିଆର ଦୁଃଖ କଥା', 'ପାଣିଚାନ୍ଦା', 'ଫୁଲ କରେ କଥା', 'ବ ଆଉ ବାଅ', 'ଟିପଚିହ୍ନ' ଏବଂ 'ତେଲିଆ ମୁଣ୍ଡରେ ତେଲ' ପ୍ରଭୃତି । ଏସବୁ ତାଙ୍କର 'ନାଟୁଆଙ୍କ ନାଟ' (୧୯୯୫) ନାମକ ସଂକଳନରେ ସଂକଳିତ ହୋଇଛି ।

ନାଟ୍ୟକାରଙ୍କ ନାଟକ ରଚନା ଏବଂ ତାର ଅଭିନୟ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ନାଟକ କ୍ଷେତ୍ରରେ ପ୍ରବେଶ ଲାଭ କରିବା ସେ ଦେଶର ନାଟ୍ୟରୀତିକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରି ଭାରତୀୟ ନାଟ୍ୟ କୌଶଳକୁ ଗ୍ରହଣ କରିବା । ଯାହା ସମ୍ପୂର୍ଣ୍ଣ ଭାବରେ ଉତ୍କଳୀୟ ମାଟି, ପାଣି, ପବନରେ ନିହିତ । ଯାହା ଦ୍ୱାରା ନାଟକ କୌଣସି 'ଜଣ'ରେ ଅନ୍ତର୍ଭୁକ୍ତ ନ ହୋଇ ହେବ 'ଗଣ'ର । ପାରିପାର୍ଶ୍ୱିକ ଭିନ୍ନ ଭିନ୍ନ ସମସ୍ୟାର ଉପସ୍ଥାପନ ଏବଂ ତାର ନିରାକରଣ, ଯାହା ନାଟକ ମାଧ୍ୟମରେ ହିଁ ସମ୍ଭବ । ଏପରି ନାଟ୍ୟ ପଦ୍ଧତିକୁ ଅନୁସରଣ କରନ୍ତି ନାଟ୍ୟକାର ଶ୍ରୀ ପଟ୍ଟନାୟକ । ନାଟକର ମଂଚଶୈଳୀର ଆଡ଼ମ୍ବରତାରେ ବିଶ୍ୱାସୀ ନୁହଁନ୍ତି । କେବଳ ବାଉଁଶ ଓ ଠେଙ୍ଗାକୁ ଆଧାର କରି ମଂଚରେ ତାହାର ସଜ୍ଜକରଣ କରି ନାଟକ ପ୍ରଦର୍ଶନୀ କରାଇବା ନାଟ୍ୟକାରଙ୍କ କେବଳ ନାଟକ କ୍ଷେତ୍ରରେ ନୁହେଁ, ମଂଚ ଅଭିଜ୍ଞତାର ମଧ୍ୟ ପରିଚୟ ଦିଏ । ତେଣୁ ତାଙ୍କର ପ୍ରତ୍ୟେକ ନାଟକର ନିର୍ଦ୍ଦେଶନା ମଧ୍ୟ ସୁବଳିଷ୍ଠ ।

ନାଟ୍ୟକାର ଶ୍ରୀ ପଟ୍ଟନାୟକ ନାଟକ ରଚନା ଏବଂ ମଂଚାଭିନୟ ଅଦ୍ୟାବଧି ଜାରି ରହିଛି । ତେଣୁ ତାଙ୍କ ବିଷୟରେ ଏଇ କେତୋଟି ପୃଷ୍ଠରେ ଆଲୋଚନା ଲେଖି ପୂର୍ଣ୍ଣଛେଦ ଦେବା ସମ୍ଭବ ନୁହେଁ । ଆଶା କରାଯାଇପାରେ, ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ 'ନାଟ୍ୟଚେତନା' ଯେଉଁ ଲକ୍ଷ୍ୟ ନେଇ ଓଡ଼ିଆ ନାଟକ କ୍ଷେତ୍ରକୁ ପ୍ରବେଶ ଲାଭ କରିଥିଲା ଓ ନିଜର ଚେତନା ଏବଂ ଅନ୍ତରଙ୍ଗ ଶୈଳୀର ନାଟ୍ୟାଭିନୟ ଦ୍ୱାରା ଯେଉଁ ସଫଳତା ପାଇଥିଲା ଏବଂ ପାଇଆସୁଛି; ଏହାର ଭବିଷ୍ୟତ ମଧ୍ୟ ଅବ୍ୟାହତ ଏହିଭଳି ଭାବେ ଗତିକରୁ । ସମ୍ପ୍ରତି ଶ୍ରୀ ପଟ୍ଟନାୟକ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ସେମିନାର, କର୍ମଶାଳା, ସିମ୍ପୋସିୟମ୍, କନ୍‌ଫରେନ୍‌ସ, ଜାତୀୟସ୍ତରୀୟ ନାଟ୍ୟ ପ୍ରତିଯୋଗୀତା ଏବଂ ବିଭିନ୍ନ ପ୍ରକାର ନାଟ୍ୟାଲୋଚନାରେ ଯୋଗ ଦେଉଛନ୍ତି । ନିଜର ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି । ନିକଟରେ ତାଙ୍କ ସହ ଏକ ସାକ୍ଷାତ୍‌କାରରେ ଜଣାପଡ଼ିଲା ଯେ, ସମ୍ପ୍ରତି ନାଟକ ପ୍ରଦର୍ଶନୀ କରାଇବାରେ ଅର୍ଥ ହିଁ ପ୍ରଧାନ ଅନ୍ତରାୟ ସାଜୁଛି । ଶ୍ରୀ ପଟ୍ଟନାୟକ ଚେଷ୍ଟା ଚଳାଇଛନ୍ତି ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରୁ ଅର୍ଥ ସଂଗ୍ରହ କରିବା ପାଇଁ । ଏଥିପାଇଁ ସେ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ପ୍ରକାର ଅର୍ଥ ସଂଗ୍ରାହକ ପାଣ୍ଠି (Fund raising) ର ବ୍ୟବସ୍ଥା ମଧ୍ୟ କରୁଛନ୍ତି । ନାଟ୍ୟଗ୍ରାମ ('ନାଟ୍ୟଚେତନା'ର ସ୍ଥାୟୀ ଠିକଣା), ଯେଉଁଠାରେ ବିଭିନ୍ନ କଳାକାରମାନେ ଅବସ୍ଥାନ କରୁଛନ୍ତି, ନାଟ୍ୟକାର ଶ୍ରୀ ପଟ୍ଟନାୟକ ମଧ୍ୟ ସେଠାରେ ପ୍ରାୟ ସମୟ ଅବସ୍ଥାନ କରନ୍ତି । ତେଣୁ ନାଟକ ଅଭିନୟ କରିବା ଦୂରେଥାଉ, ସେଇ କେତେଜଣ କଳାକାରମାନଙ୍କର ଖାଇବା, ରହିବା ଏବଂ ନାଟକ ଅଭ୍ୟାସ କରିବା ପାଇଁ ମଧ୍ୟ ଅର୍ଥର ଆବଶ୍ୟକ ହୋଇପଡୁଛି । ବିଭିନ୍ନ ପ୍ରତିଷ୍ଠିତ ନାଟ୍ୟକାର ଏବଂ ନାଟ୍ୟ ସମାଲୋଚକମାନେ ନାଟ୍ୟଚେତନା ଏବଂ ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କ ଉପରେ ବହୁ ଆଲୋଚନା ଲେଖି ପ୍ରକାଶ କରୁଥିଲେ ହେଁ ସେହି ନାଟ୍ୟରଚନା ଏବଂ ଅଭିନୟ ପଛରେ ଲୁଚି ରହିଥିବା ଏହି ନିରାଟ ସତ୍ୟ କଥାଟିକୁ ପ୍ରକାଶ କରିବାକୁ କୁଣ୍ଠିତ ଏବଂ ଏହି ବିଷୟ ପ୍ରତି ପ୍ରାୟ ଅବଜ୍ଞା କରୁଥିବାର ଦେଖିବାକୁ ମିଳେ । ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ 'ନାଟ୍ୟଚେତନା' ଓଡ଼ିଶାର ଏଭଳି ଏକ ନାଟ୍ୟସଂସ୍ଥା ଏବଂ ପ୍ରଥମ ନାଟ୍ୟସଂସ୍ଥା, ଯାହାର ନାଟକ କେବଳ ଓଡ଼ିଶାରେ ଯେ ଅଭିନୀତ ହୋଇଛି ତା ନୁହେଁ ଦେଶ ବିଦେଶରେ ମଧ୍ୟ ଅଭିନୀତ ଏବଂ ଉଚ୍ଚପ୍ରଶଂସିତ । ତେବେ ଏହିପରି ଯଦି ସମସ୍ୟା ଆଗକୁ ଲାଗିରହେ, ତେବେ 'ନାଟ୍ୟଚେତନା' ଏବଂ 'ନାଟ୍ୟଗ୍ରାମ' ପରି ସୁପ୍ରତିଷ୍ଠିତ ନାଟ୍ୟସଂସ୍ଥା ଯେ ଅତଳ ଗର୍ଭରେ ବିଲୀନ ହେବ, ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ । ବ୍ୟକ୍ତିଗତ ଅପେକ୍ଷା ଏଥିପାଇଁ ଆବଶ୍ୟକ ସାମୂହିକ ଉଦ୍ୟମ ଏବଂ ପ୍ରଚେଷ୍ଟା, ଯଦ୍ୱାରା 'ନାଟ୍ୟଚେତନା'ର ଭବିଷ୍ୟତ ଆହୁରି ଉଜ୍ଜ୍ୱଳମୟ ହେବ । ଏତିକ ଆଶା, ବିଶ୍ୱାସ ଓ ସମ୍ଭାବନାର ପ୍ରତ୍ୟୟଟିଏ ରଖା ଯାଇପାରେ ।

ଗବେଷକ, ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

ISSN -2583-147X (P), **Vol.- 9, Issue No.X, January 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ମୂଲ୍ୟବୋଧ

## ଡକ୍ଟର ବସନ୍ତ କିଶୋର ସାହୁ

ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ । କାରଣ ତାର ବାକ୍ ଶକ୍ତି ସହିତ ଭଲମନ୍ଦ ବିଚାର ଶକ୍ତି ରହିଛି । ସେ ଭଲ-ମନ୍ଦ, ଉଚିତ-ଅନୁଚିତ୍ ସତ-ମିଛ ଆଦି ବିଚାର କରି କାର୍ଯ୍ୟରେ ପରିଣତ କରେ । କିନ୍ତୁ, ଶିକ୍ଷା ସଭ୍ୟତାର ବିକାଶ, ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରଚଳନ ଫଳରେ ମଣିଷ ଠାରୁ ସେହି ଦିବ୍ୟ ଶକ୍ତି କ୍ରମଶଃ ଦୂରେଇ ଯାଉଛି । ବିନା ପରିଶ୍ରମରେ ଲାଭ, ଅନ୍ୟକୁ ଠକି ଧନୀ ହେବାର ଲାଳସା, ସରକାରୀ ଯୋଜନାରୁ ମିଳୁଥିବା ଅଯାଚିତ ସୁଖ ସୁବିଧା ଆଜି ମଣିଷକୁ ଅଥର୍ବ, ପଙ୍ଗୁ ଓ ବିପଥଗାମୀ କରିଛି । ଏହା ଦ୍ୱାରା ଭଲମନ୍ଦ ବିଚାର କରିବାର ଶକ୍ତି ତା ଠାରୁ ଲୋପ ପାଇ ଆସିଲାଣି । ପରିଶ୍ରମ କରି କିଛି ଅର୍ଜନ କରିବାକୁ ଆଜି ସମସ୍ତେ ବିତସ୍ପୃହ । ରାଜନୀତିର ପଶା ପାଲିରେ ସମ୍ପ୍ରତି ମୂଲ୍ୟବୋଧ ସୁଦୂର ପରାହତ । ସତ୍ୟ ଧର୍ମ ନ୍ୟାୟ ପଥରେ ଚାଲିବା, ଦେବତା ଓ ଅଲୌକିକ ଶକ୍ତିଙ୍କୁ ଭୟ କରିବା ଭାବନା ଆଜି ଲୋକଙ୍କୁ ଭୟଭୀତ କରି ପାରୁନାହିଁ । ପୂଜ୍ୟପୂଜା, ପିତୃମାତୃ ତଥା ବୟୋଜ୍ୟେଷ୍ଠଙ୍କ ପ୍ରତି ସମ୍ମାନ ଆଜି ଆକାଶ କଇଁଆ ସଦୃଶ । ସେଥିପାଇଁ ଦେବ ମନ୍ଦିରରୁ ଚୋରି, ବୟସ୍କଙ୍କୁ ଅସମ୍ମାନ, ପିତାମାତଙ୍କୁ ବୃଦ୍ଧାଶ୍ରମକୁ ପଠାଇବା ଠାରୁ ଆରମ୍ଭ କରି ମିଥ୍ୟା, ଅଧର୍ମ, ଅନ୍ୟାୟ ପରି ନାନା ଅନୈତିକ କାର୍ଯ୍ୟ କରିବାକୁ ମଣିଷ ପଶ୍ଚାତପଦ ହେଉନାହିଁ ।

'ସା ବିଦ୍ୟା ଯା ବିମୁକ୍ତୟେ'- ନୀତିବାଣୀ ଆଜି ତାର ବ୍ୟବହାରିକ ମୂଲ୍ୟ ହରାଇ ବସିଛି । ଶିକ୍ଷା ଆଜି ବ୍ୟବସାୟ ହୋଇଛି । ଯେଉଁ ବିଦ୍ୟା ମଣିଷକୁ ମୁକ୍ତି ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିଲା ଆଜି ତାହା ଲେଖିପଢ଼ି ଜାଣିଥିବା ବ୍ୟକ୍ତିକୁ ବୁଝାଉଛି । ଗାନ୍ଧିଜୀ ଗୁରୁଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନକଲ କରିବାକୁ ପାପ ଭାବୁଥିଲେ । କିନ୍ତୁ, ଆଜିର ଶିଷ୍ୟ ଶ୍ରେଣୀ ବା ବୋର୍ଡ ପରୀକ୍ଷାରେ ନକଲ ବା କପି କରି କୃତକାର୍ଯ୍ୟ ହେବାକୁ 'ମୂଲ୍ୟବୋଧ' ବୋଲି ଭାବୁଛି । ଏଥିରେ ପିତାମାତା, କୋଚିଙ୍ଗ ସେଣ୍ଟର, ଟିଉସନ ସାର୍ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରୁଛନ୍ତି । ଶିକ୍ଷା ପରି ମୂଲ୍ୟବାନ ବୃତ୍ତିରେ ମଧ୍ୟ ଅନେକ ନକଲି ପ୍ରମାଣପତ୍ର ଦେଇ ଚାକରି ହାତେଇ ନେଉଛନ୍ତି । ସୁବିଧାଜନକ ଆମଦାନୀରେ ନିଜକୁ ନିଯୁକ୍ତି କରାଇବାକୁ ଅନେକ ଶିକ୍ଷିତ ବ୍ୟକ୍ତି କୁଣ୍ଠିତ ହେଉନାହାଁନ୍ତି । ସ୍ୱାର୍ଥ, ଅହଙ୍କାର, ଗର୍ବ, ପରଶ୍ରୀକାତରତା, ସ୍ୱେଚ୍ଛାଚାର ଆଦି ବିଭିନ୍ନ ବ୍ୟବହାରିକ ପ୍ରକ୍ରିୟାଗୁଡ଼ିକର ଅତ୍ୟଧିକ ବୃଦ୍ଧି ଫଳରେ ସମାଜରୁ ମୂଲ୍ୟବୋଧ ପରି ବହୁମୂଲ୍ୟ ବିଚାରଧାରା ଲୋପ ପାଇବାକୁ ବସିଲାଣି ।

ପୂର୍ବେ ଭାରତରେ ପ୍ରଚଳିତ ଗୁରୁକୁଳ ଶିକ୍ଷାପଦ୍ଧତିରେ ଯେଉଁପରି ଶିଷ୍ୟକୁ ସର୍ବଗୁଣ ସମ୍ପନ୍ନ କରିବାକୁ ପ୍ରୟାସ କରାଯାଉଥିଲା ଆଜି ତାହା ସ୍ୱପ୍ନରେ ପରିଣତ ହୋଇଛି । ଇଂରେଜ ସରକାର ଆଧୁନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରି କିରାଣୀ ଗୋଷ୍ଠି ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ । ସେମାନେ ଦୀର୍ଘ ବର୍ଷ ହେବ ଭାରତରୁ ବିଦାୟ ନେଇଥିଲେ ହେଁ ଆମର ଶିକ୍ଷା ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଘଟିନାହିଁ । ଆଜି ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷାନୀତିର ପ୍ରଚଳନ କରି ପାରିନାହୁଁ । ବାରମ୍ବାର ଶିକ୍ଷାନୀତିର ପରିବର୍ତ୍ତନ ଓ ପରୀକ୍ଷା ନିରୀକ୍ଷା କରିଚାଲିଛୁ । ଶିକ୍ଷା ବ୍ୟବସ୍ଥା ମଧ୍ୟକୁ 'ମୂଲ୍ୟବୋଧ'କୁ ବିଶ୍ୱାସ ଓ ସମ୍ମାନ କରୁଥିବା ଶିକ୍ଷକ ଆସୁ ନଥିବାରୁ ଶିକ୍ଷାର ମାନ ହ୍ରାସ ପାଉଛି । ଯେଉଁମାନେ ଏହି ବ୍ୟବସ୍ଥାକୁ ଆସୁଛନ୍ତି ସେମାନଙ୍କର ଏହି ବୃତ୍ତି ପ୍ରତି ଆଗ୍ରହ ନଥିବାରୁ କେଉଁଠି ସେମାନେ କାର୍ଯ୍ୟସ୍ଥଳୀକୁ ବିଳମ୍ବରେ ଆସୁଛନ୍ତିତ କେଉଁଠି ନିଶାପାନ ଓ ମାଦକ ଦ୍ରବ୍ୟ ସେବନ କରି ଆସୁଛନ୍ତି । କେଉଁଠି କେଉଁଠି ଶ୍ରେଣୀ କକ୍ଷରେ ପିଲାଙ୍କୁ ପାଠ ଦେଇ ଶିକ୍ଷକ ନିଜେ ସୁଖ ନିଦ୍ରାରେ ଶୟନ କରୁଛି । ଶିକ୍ଷାୟତନରେ ଛାତ୍ରୀଙ୍କ ପ୍ରତି ଅଶାଳୀନ ବ୍ୟବହାର ଓ ଯୌନ ନିର୍ଯ୍ୟାତନା ମଧ୍ୟ ବୃଦ୍ଧି ପାଉଛି । ଏହି ସବୁ ଅବକ୍ଷୟମୁଖୀ ବିଷୟ ଶିକ୍ଷା ବ୍ୟବସ୍ଥାରୁ ପରିସମାପ୍ତି ନଘଟିଲେ ଉପଯୁକ୍ତ ଗୁରୁ ଓ ଶିଷ୍ୟ ମିଳିବା ସୁଦୂର ପରାହତ ହୋଇ ରହିବ ।

ଆଜି ସରକାରୀ ସ୍ତରରେ ଶିକ୍ଷକମାନେ ନିଜର ଯୋଗ୍ୟତାନୁଯାୟୀ ପାରିଶ୍ରମିକ ପାଉ ନାହାଁନ୍ତି । ତେଣୁ ସେମାନେ ପିଲାଙ୍କ ଜୀବନ ସହିତ ଖେଳ ଖେଳି ଚାଲୁଛନ୍ତି । ଦାବୀ ହାସଲ ପାଇଁ ଧାରଣାରେ ବସୁଛନ୍ତି । ପ୍ରାଇଭେଟ ସ୍କୁଲମାନଙ୍କରେ କାର୍ଯ୍ୟରତ ଶିକ୍ଷକମାନେ କମ୍ ପଇସାରେ ଅଧିକ ସମୟ ଦେଇ ପିଲାଙ୍କ

ଭବିଷ୍ୟତ ଗଢୁଥିବା ବେଳେ, ସରକାରୀ ସ୍କୁଲ୍‌ର ଶିକ୍ଷକମାନେ ନିଜର ଦାୟିତ୍ୱ ଭୁଲିଯାଇ ଅନେକ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ।

ଶିକ୍ଷା ଜୀବନର ସର୍ବ ସଫଳତାର ଚାବିକାଠି । ଭଲ ମଣିଷ ହେବା ପାଇଁ ଶିକ୍ଷା ମହୋଷଧି ପରି କାର୍ଯ୍ୟ କରେ । ତେଣୁ, ମଣିଷର ବୌଦ୍ଧିକ, ମାନସିକ ଓ ଶାରୀରିକ ବିକାଶ ପାଇଁ ଶିକ୍ଷା କ୍ଷେତ୍ରରେ ମୂଲ୍ୟବୋଧ ଉପରେ ସର୍ବାଦୌ ଗୁରୁତ୍ୱ ଦେବା ଆବଶ୍ୟକ । ଭଲ ମଣିଷ ହେବାର କୌଶଳ ତଥା ମାନବିକତା ସମ୍ପନ୍ନ ଦୃଷ୍ଟିଭଙ୍ଗୀ ଶିକ୍ଷ୍ୟଙ୍କୁ ପିଲା ବେଳୁ ଶିକ୍ଷା ଦିଆ ଯାଉ ନଥିବାରୁ ସେମାନେ ବିପଥଗାମୀ ହେଉଛନ୍ତି । ମାନବିକ ମୂଲ୍ୟବୋଧ ତଥା ସାମାଜିକ ଅବକ୍ଷୟ ମୂଳରେ ଶିକ୍ଷା ବ୍ୟବସ୍ଥାରେ ତୃଟି ରହିଥିବା ବୁଦ୍ଧିଜୀବିମାନେ ହୃଦୟଙ୍ଗମ କଲେଣି । ରାମମୂର୍ତ୍ତି କମିଶନ ଶିକ୍ଷାନୀତି ପରିବର୍ତ୍ତନର ଯେଉଁ ପ୍ରଥମ ତିନୋଟି କାରଣ ଦର୍ଶାଇଛନ୍ତି ସେଥିରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଫଳରେ ଆଜି ମାନବିକତା ପରି ଦିବ୍ୟ ଗୁଣ ଅନ୍ତଃସାରଶୂନ୍ୟ ହୋଇ ବହୁ ଭାବରେ ବର୍ହିମୁଖୀ ହୋଇ ପଡିଛି । ମାନବିକତା ପରି ମହତ୍ ଗୁଣକୁ ଅନ୍ତଃର୍ମୁଖୀ କରିବା ପାଇଁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଯଥେଷ୍ଟ ଆବଶ୍ୟକତା ରହିଛି ।

ଶିକ୍ଷା ହେଉଛି ବାରୁଦ ସଦୃଶ । ଶିକ୍ଷା ବ୍ୟବସ୍ଥାରୁ କୌଣସି ଦେଶର ସଭ୍ୟତାର ମାପକାଠି ଜାଣିହୁଏ । ଯଦି ଉପଯୁକ୍ତ ଶିକ୍ଷା ଜନସାଧାରଣଙ୍କୁ ପ୍ରଦାନ କରାଯାଏ ଓ ସେମାନେ ତାର ସଫଳ ପ୍ରୟୋଗ କରନ୍ତି ତେବେ ସେଥିରୁ ଯେଉଁ ନିଷ୍କର୍ଷ ମିଳିବ ତାହା ଶାସନ ବ୍ୟବସ୍ଥା ବିରୁଦ୍ଧରେ ଯିବ ଅନ୍ୟ ଅର୍ଥରେ କହିଲେ ଶାସନ ବ୍ୟବସ୍ଥାକୁ ଦୋହଲାଇ ଦେବ । ସେଥିପାଇଁ ସାମ୍ପ୍ରତିକ ସରକାର ବାରମ୍ବାର ଶିକ୍ଷାନୀତିର ପରିବର୍ତ୍ତନ କରି ଜନସାଧାରଣଙ୍କୁ ଭୂୟାଁ ବୁଲାଉଛନ୍ତି ।

ଏବେ ଆସିବା ମୂଲ୍ୟବୋଧ କ'ଣ ଜାଣିବା । ମୂଲ୍ୟବୋଧ ମଣିଷର ଭାବନା ଓ ଦୃଢ଼ ଇଚ୍ଛାଶକ୍ତିକୁ ବୁଝାଏ । ଜ୍ଞାନୀ ଗୁଣୀ ଓ ବିଦ୍ୱାନଙ୍କ ମତରେ 'ମୂଲ୍ୟବୋଧ' ହେଉଛି ବ୍ୟକ୍ତିର ମଣିଷପଣିଆର ମାନଦଣ୍ଡ । ଯେଉଁ ମଣିଷର ମୂଲ୍ୟବୋଧ ଯେତିକି ଉନ୍ନତ ଓ ଉଚ୍ଚକୋଟୀର ସେହି ମଣିଷ ସେତିକି ପୂଜ୍ୟ । ଯେଉଁ ଦେଶ ବା ସରକାରଙ୍କର ମୂଲ୍ୟବୋଧ ଯେତେ ଉଚ୍ଚକୋଟୀର ସେ ଦେଶ ସେତିକି ବରେଣ୍ୟ ଓ ଶ୍ରେଷ୍ଠ । ଏହି ମୂଲ୍ୟବୋଧକୁ ପୁଣି ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି -ଯଥା ନୈତିକ ମୂଲ୍ୟବୋଧ, ସାମାଜିକ ମୂଲ୍ୟବୋଧ, ଧାର୍ମିକ ମୂଲ୍ୟବୋଧ ଇତ୍ୟାଦି । ନୈତିକତା ସମ୍ପନ୍ନ ମଣିଷ ଭଲ ମଣିଷ ଓ ନୈତିକତା ରହିତ ମଣିଷ ଖରାପ ମଣିଷ ଭାବରେ ବିବେଚିତ ହୁଏ । ତେଣୁ ନୈତିକତା ଭଲ-ମନ୍ଦ, ଉଚିତ୍ ଅନୁଚିତ୍ ବିଚାର ଯାହା ସମସାମୟିକ ଚଳଣି ଓ ପରମ୍ପରା ଉପରେ ନିର୍ଭର କରିଥାଏ ।

ମୂଲ୍ୟବୋଧ ଆମ ଅନ୍ତରର ମୂଲ୍ୟକୁ ବିକଶିତ କରିଥାଏ । ଯାହା ଦ୍ୱାରା ମଣିଷର ବ୍ୟକ୍ତିତ୍ୱର ବିକାଶ ଘଟିଥାଏ । ମନୋବୈଜ୍ଞାନିକଙ୍କ ମତରେ ଶିଶୁକୁ ଏପରି ପରିବେଶରେ ଗଢ଼ିବା ଆବଶ୍ୟକ ଯେ ସେ ପ୍ରତିଦିନ ସଂଘର୍ଷ ଓ ସାର୍ବଜନୀନ ବିଷୟରେ ତର୍କ କରି ଶିଖିବା ଆବଶ୍ୟକ । ମୂଲ୍ୟବୋଧ ମଣିଷର ବ୍ୟକ୍ତିତ୍ୱ ବୃଦ୍ଧିରେ ସହାୟକ ହୁଏ । ଏହା ଦ୍ୱାରା ଶିଶୁ ଶୃଙ୍ଖଳିତ ଓ ଅନୁଶାସିତ ହୋଇଥାଏ । ମୂଲ୍ୟବୋଧଭିତ୍ତିକ ଶିକ୍ଷା ଶିଶୁର ବ୍ୟକ୍ତିତ୍ୱ ବିକାଶର ମୂଳାଧାର ଅଟେ । ଏହାଦ୍ୱାରା ଶିଶୁ କଠିନ ପରିସ୍ଥିତିର ଏକଲା ମୁକାବିଲା କରି ଶିଖିଥାଏ । ସାମାଜିକ, ନୈତିକ ଓ ଲୋକତାନ୍ତ୍ରିକ କର୍ତ୍ତବ୍ୟ ଓ ଦାୟିତ୍ୱକୁ ସେ ସଫଳତା ସହିତ ନିର୍ବାହ କରିଥାଏ । ମୂଲ୍ୟବୋଧଭିତ୍ତିକ ଶିକ୍ଷା ନିମ୍ନ ପ୍ରକାରେ ଶିଶୁକୁ ସାହାଯ୍ୟ କରିଥାଏ- (୧) ଶାରୀରିକ ଓ ମାନସିକ ବିକାଶର ପଥ ଉନ୍ମୋଚିତ କରିବା । (୨) କଥାବର୍ତ୍ତା ଶୈଳୀ ଓ ଭାଇଚାରା ଭାବ ତା ମନରେ ବିକଶିତ କରିବା । (୩) ଦେଶ ଭକ୍ତି ତଥା ଜାତୀୟତାବାଦୀ ଚେତନା ଶିଶୁ ଭିତରେ ସୃଷ୍ଟି କରିବା । (୪) ଶିଶୁ ମନରେ ଧାର୍ମିକ ଭାବନା ସହିତ ସହିଷ୍ଣୁତା ଭାବନା ବୃଦ୍ଧି କରିବା ।

ଏ ସବୁ ଗୁଣ ସହିତ ମୂଲ୍ୟବୋଧ ଆହୁରି ଅନେକ କଥା ଶିଶୁକୁ ଶିକ୍ଷା ଦେଇ ସମାଜରେ ପ୍ରତିଷ୍ଠିତ କରାଏ । ଯଥା- (କ)ଜୀବନର ଲକ୍ଷ୍ୟକୁ ପ୍ରାପ୍ତ କରିବାରେ ସହାୟକ ହୋଇଥାଏ । (ଖ) ଶିଶୁର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବା ସହିତ ଜୀବନରେ ଘଟୁଥିବା ସମସ୍ତ ସଂଘର୍ଷର କାହାଣୀ ବା ବିଚାରଧାରା ସହିତ ଶିଶୁକୁ ପରିଚିତ କରାଇ ତାକୁ ଜୀବନ ପ୍ରତି ଆଶାବାଦୀ କରିଥାଏ । (ଗ) ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିଶୁ ମନରେ ସକାରାତ୍ମକ ଭାବନା ସୃଷ୍ଟି କରି ଭବ୍ୟଷ୍ୟତରେ ଆସିବାକୁ ଥିବା କଠିନ ସମସ୍ୟାରୁ କେମିତି ମୁକ୍ତି ମିଳିବ ସେ କଥା ଶିକ୍ଷା ଦେଇଥାଏ । (ଘ) ନିଜକୁ ଓ ନିଜ ଜୀବନ ଶୈଳୀ ଜାଣିବାରେ ସହାୟକ ହେବା ସହିତ ଭବିଷ୍ୟତ ଜୀବନକୁ କିପରି ଶୃଙ୍ଖଳିତ କରି ଚଳିବାକୁ ହେବ ତାହା ଶିଶୁକୁ ଶିକ୍ଷା ଦେଇଥାଏ । (ଙ) ମୂଲ୍ୟବୋଧ ଶିଶୁକୁ ଅଧିକ ଦାୟିତ୍ୱସମ୍ପନ୍ନ ପରୋପକାରୀ ହେବାକୁ ପ୍ରେରଣା ଦିଏ । (ଚ) ଆଗାମୀ ଦିନରେ କିପରି ପ୍ରତିଯୋଗୀ ଭାବନା ନେଇ କାର୍ଯ୍ୟ କରିବାକୁ ହେବ ତାହା ଶିକ୍ଷା ଦିଏ । (ଛ) ଏହା ଶିଶୁର ଚରିତ୍ର ଗଠନରେ ସହାୟକ ହୋଇଥାଏ ।

ତେଣୁ ସମସ୍ତେ ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ ଭିନ୍ନ ଦୃଷ୍ଟିରେ ଦେଖିବା ଉଚିତ୍ ନୁହେଁ ।

**ମୂଲ୍ୟବୋଧଭିତ୍ତିକ ଶିକ୍ଷାର ମହତ୍ତ୍ୱ ଓ ଆବଶ୍ୟକତା :**

ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଏକ ନୂତନ ଅନୁଶାସନ ପରିଦୃଶ୍ୟ ହୁଏ । କେବଳ ସମସ୍ୟାର ସମାଧାନ ନୁହେଁ ତା ଅନ୍ତରାଳର ଉଦ୍ଦେଶ୍ୟ ଓ କାରଣ ସମ୍ପର୍କରେ ମଧ୍ୟ ବିଚାର ବିମର୍ଷର ଆବଶ୍ୟକତା ରହିଛି । ମୂଲ୍ୟବୋଧଭିତ୍ତିକ ଶିକ୍ଷାର ମହତ୍ତ୍ୱ ଓ ବିଶେଷ ପରିସ୍ଥିତିରେ ଉପଯୁକ୍ତ ନିର୍ଣ୍ଣୟ ନେବାରେ ଏହା ସହାୟକ ହୋଇଥାଏ । ବୟସ

ବଢ଼ିବା ସହିତ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ଶିଶୁକୁ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥାଏ । ବେଳେବେଳେ ଶିଶୁ ମନରେ ଅର୍ଥହୀନ ଭାବନା ବଳବତ୍ତର ହୋଇ ତାକୁ ମାନସିକ ଅଶାନ୍ତି ଦେଇଥାଏ । ଜୀବନର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ କ୍ୟାରିୟର ସଂକଟରେ ଛାତ୍ର ଗତି କଲା ବେଳେ ତା ମନରେ ଅନେକ ଅସନ୍ତୋଷ ଓ ନକାରାତ୍ମକ ଭାବନା ଜାଗରିତ ହୋଇଥାଏ । ସେହି କ୍ଷେତ୍ରରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ତାର ଜିଜ୍ଞାସା ପ୍ରବୃତ୍ତିକୁ ଅବଦମିତ କରି ତାକୁ ଜ୍ଞାନୀ, ଗୁଣୀ କରି ଗଢ଼ି ତୋଳିବା ସହିତ ତାର ଭବିଷ୍ୟତ ଜୀବନକୁ ଶୃଙ୍ଖଳିତ କରିଥାଏ ।

**ମୂଲ୍ୟବୋଧଭିତ୍ତିକ ଶିକ୍ଷାରେ ଶିକ୍ଷକଙ୍କ ଭୂମିକା :**

ପିତାମାତାଙ୍କ ବ୍ୟତୀତ ଶିଶୁ ଗୁରୁଙ୍କ କଥା ଓ ପରାମର୍ଶକୁ ଅଧିକ ଗୁରୁତ୍ୱ ଦେଇଥାଏ । ଗୁରୁ ଜଣେ କୁମ୍ଭାର ସଦୃଶ ଶିଶୁକୁ ଏକ ନିର୍ଦ୍ଦିଷ୍ଟ ଛାଞ୍ଚରେ ପକାଇ ତାର ଭବିଷ୍ୟତ ଗଠନ କରିଥାଏ । ଶିଶୁକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାରେ ଗୁରୁଙ୍କ ଦିଗ୍‌ଦର୍ଶନ ସହାୟକ ହୁଏ । ଗୁରୁ ଶିଶୁକୁ ଉପଯୁକ୍ତ ଶିକ୍ଷା ଦେଇ ତାକୁ ଆଦର୍ଶ ମଣିଷ କରି ଗଢ଼ି ତୋଳେ । ଗୁରୁଙ୍କ ପ୍ରଥମ ଓ ପ୍ରଧାନ ଦାୟିତ୍ୱ ହେଉଛି ସେ ଶିଷ୍ୟକୁ କିପରି ବର୍ତ୍ତମାନ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶିକ୍ଷିତ କରି ଭବିଷ୍ୟତ ପାଇଁ ନିର୍ମାଣ କରିବ ସେଥିପ୍ରତି ଦୃଷ୍ଟି ଦେବା । ଶିକ୍ଷାରେ ଯେପରି ପରମ୍ପରା ଓ ନୂତନତାର ମିଶ୍ରଣ ଘଟିବ ସେଥିପ୍ରତି ଗୁରୁ ଦୃଷ୍ଟି ଦେବା ଆବଶ୍ୟକ । ପୁସ୍ତକଗତ ଜ୍ଞାନ ସହିତ ଜୀବନର ବ୍ୟବହାରିକ ଜ୍ଞାନ ସମ୍ପର୍କରେ ମଧ୍ୟ ତାକୁ ଅବଗତ କରାଇବା ଆବଶ୍ୟକ । ଛାତ୍ର ଏକ ମାଟି ପିଣ୍ଡୁଳା ସଦୃଶ । ତାକୁ ଗୁରୁ ଯେପରି ନିର୍ମାଣ କରିବେ, ସେ ସେପରି ହୋଇପାରିବ । ନୈତିକ ମୂଲ୍ୟବୋଧର ଯେଉଁ ଶିକ୍ଷା ଶିଶୁ ପିଲାବେଳୁ ପାଇଥାଏ ତାହା ତାକୁ ସାରା ଜୀବନ ପ୍ରଭାବିତ କରି ରଖେ । ତାର ଅବଚେତନ ମନ ତଳେ ମୂଲ୍ୟବୋଧ ଗଭୀର ଭାବରେ ପ୍ରବେଶ କରି ଥାଏ । ଛାତ୍ର ଜୀବନରୁ ଶିଶୁର ଚରିତ୍ର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥାଏ ।

ମୂଲ୍ୟବୋଧଭିତ୍ତିକ ଶିକ୍ଷାର କିଛି ସିଦ୍ଧାନ୍ତକୁ ସମସ୍ତେ ମନେ ରଖି ଜୀବନରେ ପ୍ରୟୋଗ କରିବା ଆବଶ୍ୟକ । ଯଥା (୧) ସହାନୁଭୂତି (୨) ସାମ୍ୟ ବା ସମାନତା (୩) ସମସ୍ତଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ (୪) ସ୍ୱାସ୍ଥ୍ୟ ସଚେତନତା ।

ସମାଜରେ ଜଣେ ଭଲ ଓ ଆଦର୍ଶ ମଣିଷ ହେବା ପାଇଁ ଯେଉଁ ମୂଲ୍ୟବୋଧଗୁଡ଼ିକ ଏକାନ୍ତ ଆବଶ୍ୟକ ତାହା ସମସ୍ତେ ଗ୍ରହଣ କରିନେବା ଆବଶ୍ୟକ । ଧର୍ମ, ନୀତି, ଆଦର୍ଶ ଆଦି ମୂଲ୍ୟବୋଧ ଶିଶୁକୁ ଅନେକଙ୍କ ମଧ୍ୟରେ ଏକ କରି ଗଢ଼ି ତୋଳେ । କେତେକ ସାର୍ବଜନୀନ ମୂଲ୍ୟବୋଧକୁ ସମସ୍ତେ ଗ୍ରହଣ କରିଥାଆନ୍ତି । ଯଥା–

– ପରୋପକାରାୟ ସ୍ୱର୍ଗାୟ

– ଏକତା ବଳେ ସର୍ବ ସିଦ୍ଧି

– ସତ କେବେ ଲୁଚି ରୁହେନା

– ମିଛ କହିବା ମହା ପାପ

– ସତ କହିବାକୁ କିଆଁ ଡରିବ, ସତ କହି ପଛେ ମଲେ ମରିବି ।

– ପର ପାଇଁ ଗାତ ଖୋଳିଲେ, ନିଜେ ସେ ଗାତରେ ପଡିବା

– ମାନବ ସେବାହିଁ ମାଧବ ସେବା

ଗୋଟିଏ ଦୁଇଟି ଉଦାହରଣ ଦେଇ ଏହାକୁ ସ୍ପଷ୍ଟ କରିଦେବା ଆବଶ୍ୟକ । ଶିଶୁ ଗୁରୁଙ୍କୁ ନିଜର ଆଦର୍ଶ ମାନିଥାଏ । ତେଣୁ, ଗୁରୁ ଶିଶୁକୁ ସମୟାନୁବର୍ତ୍ତିତା ମୂଲ୍ୟବୋଧ କହି ଯଦି ନିଜେ ଶ୍ରେଣୀକୁ ବିଳମ୍ବରେ ଆସନ୍ତି, ତେବେ ସେ ଶିଶୁଙ୍କ ନିକଟରେ ହାସ୍ୟାସ୍ପଦ ହେବେ । ସେହିପରି ଜୀବନରେ ମିଛ କହିବା ମହା ପାପ ଶିକ୍ଷା ଦେଇ, ଯଦି ଗୁରୁ ନିଜେ ମିଛ କୁହନ୍ତି ଓ ତାହା ପିଲାଙ୍କ ଦୃଷ୍ଟିରେ ପଡେ ତେବେ ଶିଶୁ ତାକୁ କେବେ ଗ୍ରହଣ କରି ପାରିବ ନାହିଁ ।

ନିମ୍ନରେ ଆଉ କେତେକ କାଳଜୟୀ ମୂଲ୍ୟବୋଧର ଉଦାହରଣ ପ୍ରଦାନ କରାଗଲା–

୧) ବୁଝି ବିଚାରି କାର୍ଯ୍ୟ କଲେ, ପ୍ରମାଦ ନ ପଡଇ ଭଲେ ।

୨) ଥିଲେ ଥାଉ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର

୩) ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି ।

୪) ଅମୃତ ବିନୟ ବଚନ, କହି ତୋଷିବ ପ୍ରାଣୀ ମନ ।

ସମ୍ପ୍ରତି ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାକୁ ଅର୍ଥ ଉପାର୍ଜନର ପ୍ରଧାନ ମାଧ୍ୟମ ଭାବରେ ଗ୍ରହଣ କରାଯାଉଥିବାରୁ ଆମର ସମସ୍ତ ପ୍ରାଚୀନ ମୂଲ୍ୟବୋଧ ତାର ବ୍ୟବହାରିକ ମୂଲ୍ୟ ହରାଇ ବସିଛି । ଶିକ୍ଷକଙ୍କୁ ଉପଯୁକ୍ତ ସମ୍ମାନ ମିଳୁ ନଥିବାରୁ ସେମାନେ ନିଜେ ମୂଲ୍ୟବୋଧକୁ ଧରି ରଖି ପାରୁ ନାହାଁନ୍ତି କି ଶିଶୁକୁ ସତ୍ ଶିକ୍ଷା ଦେଇ ପାରୁନାହାଁନ୍ତି । ଚାଷୀ ହୁଡିଲେ ବରଷେ, ଭୋଟର ହୁଡିଲେ ପାଞ୍ଚ ବରଷ ବୋଲି ଆମେ ସମସ୍ତେ ଜାଣିଛେ । ମାତ୍ର, ଶିକ୍ଷାର୍ଥୀ ହୁଡିଲେ ଗୋଟିଏ ପୁରୁଷ ବୋଲି ଆମେ ସମସ୍ତେ ଜାଣି ମଧ୍ୟ ମୂଲ୍ୟବୋଧକୁ ଠିକ୍ ଭାବରେ ଗ୍ରହଣ ଓ ପ୍ରୟୋଗ କରି ପାରୁନାହୁଁ । ପିଲାଟି ବେଳୁ ଶିଶୁ ମନରେ ମୂଲ୍ୟବୋଧର ବୀଜ ବପନ କରି ତାକୁ ଆଦର୍ଶ ମଣିଷ କରିବା ପାଇଁ ସମସ୍ତଙ୍କର ଉଦ୍ୟମ ଓ ସହଯୋଗର ଆବଶ୍ୟକତା ରହିଛି । ସମସ୍ତେ ଏ ଦିଗରେ ବିଚାର କରି କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ, ଏହାହିଁ ମୁଁ ଆଶା କରୁଛି ।

କୁଆଁପାଳ-୭୫୪୨୦୪, କଟକ
ଦୂରଭାଷ : ୯୪୩୭୫୨୬୨୦୧

ISSN -2583-147X (P), **Vol.- 9, Issue No.X, January 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ମନସ୍ତତ୍ତ୍ୱ ଓ ସାହିତ୍ୟ

**ଚୂଳରାଜ ମେହେର**

ଆଜିର ସାହିତ୍ୟ ମଣିଷର ବାହ୍ୟ ଚରିତ୍ର ଅପେକ୍ଷା ତା'ର ଅନ୍ତଃଚରିତ୍ର ଅର୍ଥାତ ମନଗହନର ଜୀବନ୍ତ ରୂପ ଦେବା ପାଇଁ ପ୍ରୟାସ କରିଆସୁଛି । କଥାରେ ଅଛି-'ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି, ମନ ପୋଡ଼ିଗଲେ ନ ଜାଣେ କେହି' ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଥିବା ଏହି ଉକ୍ତିଟି ଆଜି କିୟଦଂଶରେ ତା'ର ମୂଲ୍ୟବୋଧ ହରାଇଛି । କାରଣ ମଣିଷର ବାହ୍ୟଚରିତ୍ର ତା'ର ବ୍ୟବହାର ଚଳଣି, ପରିବେଶ, ପରିସ୍ଥିତି ଆଦିକୁ ବିଶ୍ଳେଷଣ କରି ତା'ର ଅବଚେତନ ମନର ସଂଗୁପ୍ତ ଭାବଧାରାକୁ ଅନୁଭବ କରି, ସାହିତ୍ୟିକ ଆଜି ମଣିଷର ଅନ୍ତର୍ନିହିତ ବ୍ୟକ୍ତିସତ୍ତାର ନିଛକ ରୂପ ଆଙ୍କିବା ପାଇଁ ଆଗେଇ ଆସିଛି ଏବଂ ସେ ଏଥିରେ ସଫଳ ମଧ୍ୟ ହୋଇଛି । ବର୍ତ୍ତମାନ ସମୟରେ ଆଧୁନିକ ଜୀବନଚର୍ଯାରେ ମନସ୍ତତ୍ତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଅଂଗ ହୋଇଉଠିଛି । କେବଳ ଶିକ୍ଷା କ୍ଷେତ୍ରରେ ଏକ ବିଷୟ ଭାବରେ ନୁହେଁ କିମ୍ବା ଦର୍ଶନ ବିଭାଗରେ ଏକ ତତ୍ତ୍ୱ ରୂପରେ ନୁହେଁ ବରଂ ଆହୁରି ଅନେକ ଦିଗରୁ ଏହାର ଉପଯୋଗିତା ରହି ଆସିଛି । ଯେପରି ପ୍ରଶାସନ, ବିଜ୍ଞାନ, ସାହିତ୍ୟ, ଦର୍ଶନ ଓ କଳା ଇତ୍ୟାଦି । ମନସ୍ତତ୍ତ୍ୱ ହେଉଛି ଜ୍ଞାନ ଜଗତର ଏକ ବହୁ ବିଶ୍ଳେଷିତ ତାତ୍ତ୍ୱିକ ଉପାଦାନ । ଏହା ମଣିଷ ମନୋରାଜ୍ୟର ଅନ୍ତର୍ନିହିତ ଭାବନାକୁ ପ୍ରକାଶିତ କରିଥାଏ । ମଣିଷର ମାନସିକ ସ୍ତରରେ ନିହିତ ଅବଦମିତ କାମନା, ମାନବୀୟ ବ୍ୟବହାର, ଆଚରଣ ଇତ୍ୟାଦିକୁ ଅତ୍ୟନ୍ତ ସୂକ୍ଷ୍ମ ଦୃଷ୍ଟିରେ ପରୀକ୍ଷା-ନିରୀକ୍ଷା କରି ତାକୁ ପ୍ରକାଶ କରାଯାଏ । ଏଥିରେ ବାହ୍ୟ ଜଗତ, ବାହ୍ୟ ସମାଜ ବ୍ୟବସ୍ଥା, ପରିବେଶ ଓ ପରିସ୍ଥିତି ମୁଖ୍ୟ ନୁହେଁ, ମୁଖ୍ୟ ହେଉଛି ମନ ମଧ୍ୟରେ ରହିଥିବା ଅକୁହା ଅବ୍ୟକ୍ତ ଭାବନାର ପରିପ୍ରକାଶ ।

ଅଧୁନା ପ୍ରଗତିଶୀଳ ସମାଜରେ ନୂତନ ଜ୍ଞାନ-ବିଜ୍ଞାନର ସ୍ଫୁରଣ ଦ୍ୱାରା ଯେଉଁ ଦ୍ରୁମୂଳ ପରିବର୍ତ୍ତନ ପରିଲକ୍ଷିତ ହୋଇଛି ସେଥିରେ ବାହ୍ୟଜଗତ ଯେତିକି ପ୍ରଭାବିତ ହୋଇଛି ଅନୁରୂପ ଭାବରେ ଅନ୍ତଃଜଗତ ମଧ୍ୟ ଏହାର ପ୍ରଭାବରୁ ମୁକ୍ତ ନୁହେଁ । ଏହି ଅଧାରରେ ମନୋବିଜ୍ଞାନର ଅବଦାନ ସ୍ୱତଃ ଗୁରୁତ୍ୱପୂର୍ଣ୍ଣ ହୋଇଉଠେ । ମାନବୀୟ ଚିନ୍ତା ଚେତନାର ଅଧ୍ୟୟନ ତା'ର ଜ୍ଞାନ ଜଗତକୁ ଆହୁରି ଶାଣିତ କଲା । ଏଣୁ ମନସ୍ତତ୍ତ୍ୱ ଆଧୁନିକତାର ଏକ ବଳିଷ୍ଠ ସ୍ତମ୍ଭ ଭାବରେ ଜଡିତ ହୋଇଯାଇଛି । ଆଧୁନିକ ମଣିଷର ଜୀବନ ଯେତିକି ଜଟିଳତର ତା'ର ଜଟିଳ ଜୀବନର ସ୍ୱରୂପକୁ ଅଧ୍ୟୟନ କରିବା ପାଇଁ ମନସ୍ତତ୍ତ୍ୱକୁ ଅବହେଳା କରାଯାଇ ନ ପାରେ । ଏହି ପରିପ୍ରେକ୍ଷୀରେ ବିଶ୍ୱ ସାହିତ୍ୟ ହେଉ କିମ୍ବା ଅନୁରୂପ ଭାବରେ ଓଡ଼ିଆ ସାହିତ୍ୟରେ ମନସ୍ତତ୍ତ୍ୱର ଅନୁପ୍ରବେଶ ନୂତନ ଧାରା ସୃଷ୍ଟି କରିଛି ଏଥିରେ ଦ୍ୱିମତ ନ ଥାଇପାରେ ।

**ମନସ୍ତତ୍ତ୍ୱ ଓ ସାହିତ୍ୟରେଏହାର ପ୍ରୟୋଗ :**

ଯେଉଁ ସାହିତ୍ୟରେ ମଣିଷମାନଙ୍କ ମନ ମଧ୍ୟରେ ଥିବା ସଂଗୁପ୍ତ ଆବେଗ ଉନ୍ମୋଚିତ ହୋଇଥାଏ ତାହାକୁ ମନସ୍ତାତ୍ତ୍ୱିକ ସାହିତ୍ୟ କୁହାଯାଏ । ଏହି ସାହିତ୍ୟ ମାନଙ୍କରେ ଚରିତ୍ରମାନଙ୍କ ମନଗହନରେ ଲୁଚି ରହିଥିବା ଅବ୍ୟକ୍ତ ଭାବନାର ପରିପ୍ରକାଶ ଘଟିଥାଏ । ମନୁଷ୍ୟ ମନ ଭିତରେ ଯେଉଁ ଅବଦମିତ ଭାବରାଜି ଅବଚେତନ ସ୍ତରରେ ଥାଏ ତାହାକୁ ସାହିତ୍ୟିକ ଉନ୍ମୋଚନ କରିଥାନ୍ତି ଓ ତାଙ୍କ ସାହିତ୍ୟରେ ରୂପ ଦେଇଥାନ୍ତି । ଏ ଧରଣର ସାହିତ୍ୟରେ ଭାଷା ଓ ଶୈଳୀ ବ୍ୟଞ୍ଜନାଧର୍ମୀ ହୋଇଥାଏ । ଆଧୁନିକ ସାହିତ୍ୟରେ ମଣିଷର ମନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସାହିତ୍ୟ ରଚନା କରାଯାଉଛି । ଚେତନା ପ୍ରବାହ ଧର୍ମୀ ସାହିତ୍ୟରେ ମଣିଷର

ମନୋରାଜ୍ୟର କଥା ହିଁ ମୂଳକଥା । ଏ ଚେତନା କୌଣସି ପରମ୍ପରାର ଅପେକ୍ଷା ରଖେ ନାହିଁ ।

ଅଷ୍ଟ୍ରିଆର ବିଶିଷ୍ଟ ଡାକ୍ତର ତଥା ମନସ୍ତତ୍ତ୍ୱବିତ୍ ସିଗମଣ୍ଡ୍ ଫ୍ରୟେଡ୍ ମଣିଷର ମନୋଜଗତର ରହସ୍ୟକୁ ଉନ୍ମୋଚନ କରିବାରେ ପ୍ରଥମ ବ୍ୟକ୍ତି ଥିଲେ । ତାଙ୍କ "The Method of Dream Interpretation" ମଣିଷ ର ଅବଚେତନ ମନର କ୍ରିୟାକଳାପ ଅଧ୍ୟୟନକୁ ଏକ ଲିଖିତ ରୂପ ଦେଲା । ଯାହା ଫଳରେ ବିଂଶ ଶତାବ୍ଦୀରେ ଏକ ବିରାଟ ଆଲୋଡନ ସୃଷ୍ଟି କରିଥିଲା । ଏହା ସହ ସମଗ୍ର ବିଶ୍ୱର ବୁଦ୍ଧିଜୀବୀ ଫ୍ରୟେଡ୍‌ଙ୍କ ଏହି ଦର୍ଶନ ଦ୍ୱାରା ପ୍ରଭାବିତ ହେଲେ । ମନସ୍ତତ୍ତ୍ୱକୁ ବୁଝିବା ପାଇଁ ସେ ତିନି ପ୍ରକାର ମନ (ଯଥା- ଚେତନ, ଅର୍ଦ୍ଧଚେତନ ଓ ଅବଚେତନ) ବିଷୟରେ ଆଲୋଚନା କଲେ ।

ଆମେ ଦେଖୁଥିବା ବା ଶୁଣୁଥିବା ବିଷୟକୁ ଅବଧାରଣ କରିବା ସଚେତନ କରାଇବା ଯାହାଦ୍ୱାରା ଆମେ ସାମାଜିକ ଭାବେ ସ୍ୱୀକୃତି ପାଉ, ମନର କାର୍ଯ୍ୟ ଭାବି ପାରୁ ଓ କହି ପାରିଥାଉ ତାହାକୁ ଚେତନ ମନ (Conscious Mind) କୁହାଯାଏ । ବାସ୍ତବରେ ସାହିତ୍ୟ ଭିତରେ ଚେତନା ପ୍ରବାହର ଆଲୋଚନା କ୍ଷେତ୍ରରେଏହି ଚେତନ ମନର ପରିପ୍ରକାଶ ଦେଖିବାକୁ ମିଳେ । ଏହା ଅର୍ଦ୍ଧଚେତନ ମନ ଓ ଅବଚେତନ ମନ ପାଇଁ ଏକ ଫାଟକ (Security Gate) ସଦୃଶ । ଯେକୌଣସି ଅବଧାରଣା (thought) ଅର୍ଦ୍ଧଚେତନ ମନ ଓ ଅବଚେତନ ମନକୁ ପ୍ରବେଶ କରିବା ପୂର୍ବରୁ ଏହି ସ୍ତର ଦେଇକି ଯାଏ ।

ମନର ଅନ୍ୟ ଏକ ବିଭାଗ ହେଉଛି ସ୍ମୃତି ଯାହା ଚେତନ ମନର ଅଂଶ ନୁହେଁ; ଏହା ଆମ ଜାଗରଣ ପରିଚାଳିତ କରେ । ଫ୍ରୟେଡ୍‌ଙ୍କ ଭାଷାରେ ଏହି ସାଧାରଣ ସ୍ମୃତି ହେଉଛି ପ୍ରାକ୍- ସଚେତନତା । ଏଠି ମଣିଷର ଅଭ୍ୟାସ, ଅନୁଭୂତି, ଏବଂ ପ୍ରତିଭା ଓ ସ୍ମରଣର ସଂଚିତ ହୋଇକି ରହିଥାଏ । ଏହି ମନର ସହାୟତାରେ ମଣିଷ ଯେ କୌଣସି ପୂର୍ବ ଅନୁଭୂତିକୁ ଦୀର୍ଘ ଦିନ ଧରି ମନେ ରଖିପାରେ ଏବଂ ସମୟ ଅନୁସାରେ ଏହାର ଉପଯୋଗ ମଧ୍ୟ କରିପାରେ । ଏଣୁ ଏହାକୁ ସ୍ମରଣର ଗନ୍ଥାଘର (Storage of long-term Memory) ବୋଲି ମଧ୍ୟ କୁହାଯାଏ । ବାସ୍ତବରେ ଏହାକୁ ହିଁ ଅର୍ଦ୍ଧଚେତନ ମନ (Pre-conscious Mind) କୁହାଯାଏ । ସାହିତ୍ୟ କ୍ଷେତ୍ରରେ ଏହି ଅର୍ଦ୍ଧଚେତନ ମନର ପରିପ୍ରକାଶ ସେତେ ବଳିଷ୍ଠ ନ ହେଲେ ସୁଦ୍ଧା ଅବହେଳିତ ନୁହେଁ ।

ଏହି ଦୁଇସ୍ତର ବ୍ୟତୀତ ମଣିଷ ମନର ଆଉ ଏକ ସ୍ତର ରହିଛି । ଏହା ଆମର ଭାବନା, ଚେତନା ଏବଂ ଅନୁଭବ ସଚେତନ ଅବସ୍ଥା ବାହାରେ ଥିବା ମାନସିକ ଅବସ୍ଥାକୁ ସବୁବେଳେ ପରିଚାଳିତ କରେ । ଏହାକୁ ଅବଚେତନ ମନ (Unconscious Mind) କୁହାଯାଏ । ସାହିତ୍ୟରେ ଏହି ଅବଚେତନ ମନର ପରିପ୍ରକାଶ ଉପରେ ସାହିତ୍ୟିକ ଓ ସମାଲୋଚକମାନେ ବିଶେଷ ଗୁରୁତ୍ୱ ଦିଅନ୍ତି । କାରଣ ସିଗମଣ୍ଡ ଫ୍ରୟେଡ୍‌ଙ୍କ ପୂର୍ବରୁ ମଣିଷର ଏହି ଦିଗ ପ୍ରତି କେହି ସିଧାସଳଖ ଏତେ ସ୍ପଷ୍ଟ ଭାବରେ ଆଲୋଚନା କରି ନ ଥିଲେ, ଯାହାକି ଏକ ବିରାଟ ଆନ୍ଦୋଳନ ସୃଷ୍ଟି କରିଥିଲା । ବାସ୍ତବରେ ଏହା ମଣିଷର ସେହି ବ୍ୟକ୍ତିତ୍ୱକୁ ଇଂଗିତ କଲା ଯାହାକୁ ମଣିଷ ସବୁବେଳେ ସଂଗୋପନ କରି ରଖିବାକୁ ଚାହେଁ । ମଣିଷ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଆବେଗର (Emotions) ପରିପ୍ରକାଶ କରିଥାଏ, ଯାହାକି ଏହି ଅବଚେତନ ମନରୁ ସୃଷ୍ଟି ହୋଇଥାଏ । ତାହା ପୁଣି ନକରାତ୍ମକ ଆବେଗ (Negative Emotions) ଓ ସକରାତ୍ମକ ଆବେଗ (Positive Emotions) ଉଭୟ ହୋଇପାରେ । ଏଣୁ ମଣିଷ ମନର ଏହି ସ୍ତରକୁ "ଆବେଗର ଗନ୍ଥାଘର"(Storage of Emotions) ବୋଲି କୁହାଯାଏ । ଏହା ମଣିଷର ସେହି ସ୍ତର ଯାହାକି ସବୁବେଳେ ଅସ୍ଥିରତା, ଅନାୟତ୍ତ ଓ ତୀବ୍ର ପ୍ରତିକ୍ରିୟା (Instant Reaction) ଉପରେ ଗୁରୁତ୍ୱ ଦିଏ । ଫ୍ରୟେଡ୍‌ଙ୍କ ମତରେ ଏହା ମଣିଷର "pleasure Drive" ବା ସୁଖଭୋଗୀ ସ୍ତର ।

ମଣିଷ ମନର ଏହି ତିନୋଟି ସ୍ତରକୁ ବୁଝେଇବା ପାଇଁ ଫ୍ରଏଡ୍ ଯେଉଁ ଭାସମାନ ବରଫ ଖଣ୍ଡର (Ice Berg) ସିଦ୍ଧାନ୍ତ ଦର୍ଶାଇଛନ୍ତି ତାହା ବେଶ୍ ପ୍ରାସଂଗିକ କୁହାଯାଇପାରେ । ଜଳରେ ଭାସମାନ ବରଫର ଦୃଶ୍ୟମାନ ଶୀର୍ଷକୁ ସେଚେତନ ମନ (Conscious Mind) ଓ ସଂପୂର୍ଣ୍ଣ ବୁଡ଼ି ରହିଥିବା ଅଂଶକୁ ଅବଚେତନ ମନ (Unconscious Mind) ଏବଂ ଯାହା ପାଣିର ଉପର ଆସ୍ତରଣରେ କିଛି ସମୟ ବୁଡ଼ିରହେ ଏବଂ କିଛି ସମୟ ପାଇଁ

ଦୃଶ୍ୟମାନ ମଧ୍ୟ ହେଉଥାଏ ତାହାକୁ ଅର୍ଦ୍ଧଚେତନ ମନ (Preconscious Mind) ବୋଲି କହିଲେ ।

ଯନ୍ତ୍ରଣାର ଅନୁଭବ, ଉଦ୍‌ବେଗ, ସଂଘର୍ଷ ଆଦି ଦ୍ୱାରା ଫ୍ରୟେଡ୍‌ଙ୍କ ମତରେ ଅବଚେତନ ମନ ଆମର ବ୍ୟବହାର ଓ ଅନୁଭବ ଉପରେ ପ୍ରଭାବ ବିସ୍ତାର କରେ । ଏପରିକି ଆମେ ସଚେତନ ନ ଥିବା ପ୍ରଭାବ ମଧ୍ୟ ଦିଏ । ଫ୍ରୟେଡ୍ ମଣିଷ ମନର ତିନୋଟି ଅବସ୍ଥା କଥା ମଧ୍ୟ କହିଛନ୍ତି । ଯାହାକୁ ମନୋବିଶ୍ଳେଷଣ ତତ୍ତ୍ୱ ବା Psycho-analysis Theory କୁହାଯାଏ । ସେଇ ତିନୋଟି ଅବସ୍ଥା ହେଲା- ଇଗୋ (EGO), ସୁପର ଇଗୋ (SUPEREGO) ଏବଂ ଇଦ (ID) ଯାହାକି ମଣିଷର ମନକୁ ପ୍ରଭାବିତ କରିଥାଏ ।

ଇଗୋ (EGO)– ମଣିଷ ମନର ଚେତନ ସ୍ତର (Conscious Mind) ସହ ଏହାର ନିବିଡ଼ ସମ୍ପର୍କ ରହିଛି । ଏହା ମଣିଷର ଚିନ୍ତା ଚେତନା ଓ କାର୍ଯ୍ୟକଳାପ ମଧ୍ୟରେ ସନ୍ତୁଳନ ରକ୍ଷା କରିଥାଏ । ଯେଉଁ ବିବେକ ପାଇଁ ମଣିଷ ସମସ୍ତ ଚରାଚର ଜୀବ ମଧ୍ୟରେ ଶ୍ରେଷ୍ଠ ତାହା ଏହି ଇଗୋ ସହ ସଂଶ୍ଳିଷ୍ଟ । ଏହା ମଣିଷକୁ ସାମାଜିକ, ଶୃଙ୍ଖଳିତ, ଓ ସଭ୍ୟ ହେବାର ପ୍ରେରଣା ଦିଏ । ଅବଚେତନ ମନକୁ ସଂଯମ ରଖି ନିଜର ଆବେଗ ଉପରେ ଆୟତ୍ତକରିବାର କୁଶଳ ଏହି ଇଗୋ ଦ୍ୱାରା ସମ୍ଭବ ହୋଇଥାଏ । ଏହା ବିଭିନ୍ନ କୌଶଳକୁ ଶିଖିବା ପାଇଁ ସହାୟକ ହୁଏ । ବିଭିନ୍ନ ଅନୁଭୂତିରୁ ମଣିଷ ଯାହା ଚିନ୍ତା କରିପାରେ ଏବଂ ସେହି ଅନୁସାରେ ପ୍ରତିକ୍ରିୟା ପ୍ରକାଶ କରେ, ତାହା ଏହି ଅବସ୍ଥା ଯୋଗୁଁ ସମ୍ଭବ ହୋଇଥାଏ । ମୋଟ ରୂପରେ କହିବାକୁ ଗଲେ ଇଗୋ ମଣିଷର ସେହି ଅବସ୍ଥା ଯାହା ଅନ୍ୟ ପ୍ରାଣୀଠାରୁ ତାକୁ ସ୍ୱତନ୍ତ୍ର ଭାବରେ ଚିନ୍ତା କରିବାରେ ସାହାଯ୍ୟ କରେ ।

**ସୁପର ଇଗୋ (SUPEREGO) –** ମଣିଷ ମନର ଅବଚେତନ ସ୍ତରରେ (Unconscious Mind) ଯେଉଁସବୁ ସକାରାତ୍ମକ ଆବେଗ (Positive Emotions) ଯଥା- ଦୟା, କ୍ଷମା, ଭକ୍ତି, ପ୍ରେମ, କରୁଣା, ଶ୍ରଦ୍ଧା, ଆଦି ସ୍ୱଭାବ ଗୁଡ଼ିକ ଏହି ଅବସ୍ଥାରେ ପରିଚାଳିତ ହୁଏ । ଏହି ସବୁ ଆବେଗଗୁଡ଼ିକୁ ଦୈବୀ ସ୍ୱଭାବ ବା Divinistic Behaviour କୁହାଯାଏ । ମଣିଷଠାରେ ଏହି ସ୍ୱଭାବ ତାକୁ ସଭ୍ୟତା ଓ ପୂର୍ବପୁରୁଷମାନଙ୍କ ସଂସ୍କାର ଓ ମୂଲ୍ୟବୋଧରୁ ପ୍ରାପ୍ତ ହୋଇଥାଏ । ବେଳେ ବେଳେ ଏହା ଇଗୋ ପାଇଁ ପଥ ପ୍ରଦର୍ଶକ ହୋଇଥାଏ । ନୈତିକତା ଦିଗରୁ କୌଣସି ଘଟଣା ବା ବିଷୟକୁ ବିଚାର କରିବାର ସାମର୍ଥ୍ୟ ଏହି ସୁପର ଇଗୋ ଦ୍ୱାରା ସମ୍ଭବ ହୋଇଥାଏ । ଏଣୁ ଏହି ଇଗୋ ପାଇଁ ଏକ ସେନ୍‌ସର ପରି କାମ କରିଥାଏ । ମୋଟା ମୋଟି ଭାବରେ କୁହାଯାଇପାରେ ଯେ ସୁପର ଇଗୋ ଅନ୍ତରୀଣ ଭାବେ ବ୍ୟକ୍ତିତ୍ୱର ସଂସ୍କୃତିକ ଅଭିରୁଚିକୁ ସମୃଦ୍ଧ ଓ ସୁସଂଚାର କରିବାର ପ୍ରୟାସ କରିଥାଏ ।

**ଇଦ (ID) –** ଏହା ମଧ୍ୟ ମଣିଷର ଅବଚେତନ ମନର (Unconscious Mind) ଅନ୍ୟ ଏକ ଅବସ୍ଥା ।ଏହି ଅବସ୍ଥା କେବଳ ମଣିଷ ନୁହଁ ବରଂ ସମସ୍ତ ପ୍ରାଣୀଠାରେ ପରିଦୃଷ୍ଟ ହୁଏ । ମନର ସମସ୍ତ ନକରାତ୍ମକ ଆବେଗ (Negative Emotions) ଯଥା ଈର୍ଷା, ଦ୍ୱେଷ, ଅହଂକାର, ଅସହିଷ୍ଣୁତା, କ୍ଷୁଧା, ଯୌନ, ବିରକ୍ତି ଆଦି ଏହି ଅବସ୍ଥା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହା ସବୁଠାରୁ ସଂଗୋପନ ଅବସ୍ଥା ଯାହାକୁ ସଭ୍ୟମଣିଷ ଅନ୍ୟ ଆଗରେ ପ୍ରକାଶ କରିବାକୁ ଚାହେଁ ନାହିଁ । ଏହା ମଣିଷର ସମସ୍ତ ଆଦିମ ପ୍ରବୃତ୍ତି (Primitivity) ଦ୍ୱାରା କବଳିତ ହୋଇଥାଏ । ମଣିଷ ଆଦିମ କାଳରେ ଯେଉଁ ଜଙ୍ଗଲରେ ପଶୁ ଭଳି ଜୀବନଯାପନ କରୁଥିଲା ସେହି ସମୟର ଅନୁଭୂତି ପୁରୁଷାନୁକ୍ରମେ ସଭ୍ୟ ମଣିଷଠାରେ ମଧ୍ୟ ଦେଖିବାକୁ ମିଳେ । ଏହି ସ୍ୱଭାବକୁ ପାଶବିକ ସ୍ୱଭାବ ବା Animilistic Behaviour କୁହାଯାଏ । ଏହି ଅବସ୍ଥାରେ ହିଁ ଯୌନ ପ୍ରବୃତ୍ତି (sex drive) ବା ଲିବିଡୋ (Libido), ବଂଚିବାର ପ୍ରବୃତ୍ତି (Life Drive) ବାଏରସ୍ (Eros) ଏବଂ ମାରିବାର ପ୍ରବୃତ୍ତି (death Drive) ବା ଥାନାଟସ୍ (Thanatos) ଆତ୍ମପ୍ରକାଶ ପାଇଥାଏ । ଯୁଗେ ଯୁଗେ ଏହା ମଣିଷର ଆଦିମତାର ପରିଚୟ ବହନ କରି ଆସିଛି । ଆଧୁନିକ ସାହିତ୍ୟରେ ଏହି ଅବସ୍ଥାର ପ୍ରତିଫଳନ ଯୋଗୁଁ ପ୍ରାଚୀନ ସାହିତ୍ୟରୁ ଏହା ଅତ୍ୟନ୍ତ ପୃଥକ୍ ମନେ ହେଉଛି । ଆଧୁନିକ ସାହିତ୍ୟର ଚରିତ୍ରମାନେ (ଆଣ୍ଟିହିରୋ, ପିକାରୋ ଇତ୍ୟାଦି) ମଧ୍ୟ ଏହାର ରୂପାୟନରେ ସହାୟକ ହେଉଛନ୍ତି ।

ବର୍ତ୍ତମାନ ସେହି ଭାସମାନ ବରଫ ଖଣ୍ଡକୁ ଲକ୍ଷ୍ୟ କରାଯାଉ, ଯେଉଁଥିରେ ମଣିଷ ମନର ତିନୋଟି ଅବସ୍ଥାକୁ ମଧ୍ୟ ଯଥାର୍ଥରେ ଆକଳନ କରିହେବ । ଜଳର ଉପରସ୍ତରରେ ଇଗୋ ଏବଂ ସୁପର ଇଗୋକୁ ହିଁ ଲକ୍ଷ୍ୟକରି ହେବ । କହିବା ବାହୁଲ୍ୟ ଯେ ମଣିଷର କେବଳ ଚେତନ ମନର ପ୍ରକାଶ ଘଟେ ତାହା ନୁହେଁ ବରଂ ଅବଚେତନ ମନର ପ୍ରକାଶ ମଧ୍ୟ ହୋଇଥାଏ କିନ୍ତୁ ସଚେତନ ଭାବରେ ଅବଚେତନ ମନର ଇଦ୍ ବ୍ୟତୀତ ସୁପର୍ ଇଗୋକୁ ହିଁ ପ୍ରକାଶ କରେ, ଯାହା ସକାରାତ୍ମକ ଆବେଗକୁ ନିୟନ୍ତ୍ରିତ କରେ । ଏହି ଆଧାରରେ ମଣିଷର ନକାରାତ୍ମକ ଆବେଗକୁ ନିୟନ୍ତ୍ରିତ କରୁଥିବା ଅବସ୍ଥା ବା ଇଦ୍ ସବୁବେଳେ ସଂଗୋପନ ରୂପରେ ଥାଏ । ମଣିଷ ନିଜକୁ ସାବିବେକୀ ଏବଂ ସାମାଜିକ ପ୍ରାଣୀ ଭାବରେ ଦର୍ଶାଇବା ପାଇଁ ପ୍ରକୃତରେ ନିଜର ଚିନ୍ତନର (ଯାହା ଇଗୋ ଅନ୍ତର୍ଭୁକ୍ତ) ଓ ଦୈବୀ ପ୍ରବୃତ୍ତି ପରିପ୍ରକାଶ କରେ କିନ୍ତୁ ତା'ର ପାଶବିକ ପ୍ରବୃତ୍ତିକୁ ଲୁପ୍ତ ରଖିବାକୁ ଚାହେଁ । ମାତ୍ର ଆବେଗର ନିୟନ୍ତ୍ରଣରେ ବ୍ୟତିକ୍ରମ ହେଲେ କିମ୍ବା ଅବଚେତନ ମନ ଉପରେ ଚେତନ ମନର ନିୟନ୍ତ୍ରଣ ନ ରହିଲେ ଏହି ପାଶବିକ ପ୍ରବୃତ୍ତି ମଣିଷ ଉପରେ ବିଶେଷ ପ୍ରଭାବ ପକାଏ ।

ଫ୍ରୟେଡ଼ଙ୍କ ଏହି ଦର୍ଶନ ସହ ସମତାଳ ଦେଇ ଅନ୍ୟାନ୍ୟ କେତେକ ତତ୍ତ୍ୱ ବିସ୍ତାର ହୋଇ ସାରିଥାଏ ଏବଂ ଅନେକ ତତ୍ତ୍ୱର ଅବିଷ୍କାର କ୍ଷେତ୍ରରେ ଏହା ପ୍ରେରଣା ମଧ୍ୟ ସାଜିଥିଲା । ଡାରଓ୍ୱିନଙ୍କ ବିବର୍ତ୍ତନବାଦ (Theory of Evolution), 'ରାସୀ ଦାର୍ଶନିକ ବର୍ଗଜଙ୍କ ଜୀବନ ପ୍ରତି ସନ୍ଦେହ ଏବଂ ତାଙ୍କ ରଚିତ "Time and Free Will"ର ଚେତନା, କାର୍ଲ୍ ୟୁଂକର "CollectiveUnconsciousness" ଆଦି ଅନେକ ତତ୍ତ୍ୱ ଏହି ମନସ୍ତତ୍ତ୍ୱ ଧାରାର ଉନ୍ମେଷ ପାଇଁ ବିଶେଷ ଭୂମିକା ଗ୍ରହଣ କରିଥିଲା । ସପ୍ରସଂଗରେ ଫ୍ରଏଡ଼ ମଧ୍ୟ ଏହା ସ୍ୱୀକାର କରନ୍ତି ଯେ ମଣିଷର ମନର ଅଧ୍ୟୟନ ପାଇଁ ସେ ଡାରଓ୍ୱିନଙ୍କ ପୁସ୍ତକ "On the origin of the Species" ଦ୍ୱାରା ବେଶ୍ ପ୍ରଭାବିତ ।

**ମନସ୍ତତ୍ତ୍ୱ ଓ ଚେତନା ପ୍ରବାହ :**

ସାହିତ୍ୟରେ ମନସ୍ତତ୍ତ୍ୱର ସଫଳ ପ୍ରୟୋଗ କ୍ରମେ ବିସ୍ତାରିତ ହେଲା ଚେତନା ପ୍ରବାହ ଭାବରେ । ବରଂ ଚେତନା ପ୍ରବାହକୁ ମନସ୍ତତ୍ତ୍ୱର ଏକ ପରିବର୍ତ୍ତିତ ରୂପ ଭାବରେ ଗ୍ରହଣ କରାଗଲା । ଆଧୁନିକ ସାହିତ୍ୟରେ ମନସ୍ତତ୍ତ୍ୱର ବିକାଶ କ୍ରମକୁ ଉକ୍ତ ଚେତନାପ୍ରବାହର ବହୁଳ ବ୍ୟବହାରରୁ ଅନୁମାନ କରାଯାଇପାରେ । ମଣିଷ ମନର କେତେକ ବିଚିତ୍ର ସ୍ତରର ଓ ନିର୍ଦ୍ଦିଷ୍ଟ ମୁହୂର୍ତ୍ତର କଳାତ୍ମକ ବର୍ଣ୍ଣନା ଏହାର ଉପଜୀବ୍ୟ । ଜୀବନର ନାନାବିଧ ଅଭିଜ୍ଞତାକୁ ଚେତନାର ଅଲୋକରେ ଅଲୋକିତ କରାଯାଏ । ମନସ୍ତତ୍ତ୍ୱଭିତ୍ତିକ ରଚନାରେ ଚରିତ୍ରର ଚେତନ, ଅବଚେତନ ଉଭୟ ସ୍ତରର କଥା କୁହାଯାଇଥାଏ କିନ୍ତୁ ଚେତନା ପ୍ରବାହଧର୍ମୀ ରଚନାରେ ଚରିତ୍ରର କେବଳ ଚେତନ ସ୍ତର ଉପରେ ଗୁରୁତ୍ୱ ଦିଆଯାଏ ଏବଂ ଚରିତ୍ରର ଭାବଧାରା (Thought Process)କୁ ହିଁ ଅବତାରଣ କରାଯାଏ । ଏହି ଚେତନାସ୍ତରରେ ଅତୀତର ସ୍ମୃତି, ବର୍ତ୍ତମାନର ଅନୁଭୂତି ଓ ଭବିଷ୍ୟତର ଚିନ୍ତନ ସମାନ୍ତରାଳ ଭାବରେ ଗତିକରେ । ମନୋବିଜ୍ଞାନ (Psychology) ବିଷୟକୁ ଏକ ବିଶାଳ ବୃକ୍ଷ ଭାବରେ ଯଦି ବିଚାର କରାଯାଏ, ତେବେ ଭିନ୍ନ ଦିଗମୁଖୀ ଶାଖାଗୁଡ଼ିକୁ ଚେତନା ପ୍ରବାହ ଭାବରେ ବ୍ୟାଖ୍ୟା କରାଯାଇପାରେ । ତେଣୁ ମନସ୍ତତ୍ତ୍ୱ ଅଧ୍ୟୟନରେ ଚେତନାପ୍ରବାହ ଏକ ସ୍ୱତନ୍ତ୍ର ଦିଗ ଉନ୍ମୋଚନ କରେ । ଅନୁରୂପ ଭାବରେ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏହାର ସ୍ୱତନ୍ତ୍ର ଅବବୋଧ ରହିଛି । ଏ ଧରଣର ରଚନାରେ କାହାଣୀ ଗୌଣ ହୋଇଥାଏ ଚରିତ୍ର ଅପେକ୍ଷା । ତଥାପି ଚରିତ୍ରର ଭୌତିକ କାର୍ଯ୍ୟକଳାପ (Physical Activity) ଅପେକ୍ଷା ମାନସିକ କାର୍ଯ୍ୟକଳାପ (Mental Activities) ଅଧିକ ଗୁରୁତ୍ୱ ପାଏ । ସ୍ୱତନ୍ତ୍ର ଭାବରେ କହିବାକୁ ଗଲେ ସାହିତ୍ୟରେ ଏହାକୁ ସାଧାରଣତଃ ଏକ ବର୍ଣ୍ଣନାତ୍ମକ ଉପାଦାନ ବା Narrative Dev ସମର ଭାବରେ ପ୍ରୟୋଗ କରାଯାଏ ।

ସାହିତ୍ୟର ବିଭିନ୍ନ ବିଭାଗ ଅନୁସାରେ ଏହାର ପ୍ରୟୋଗ ଭିନ୍ନ ହୋଇ ଆସିଛି । ଯେପରି କାବ୍ୟ ଓ କବିତାରେ ଏହାର ବ୍ୟବହାର ସ୍ୱାଗତ ସମ୍ଭାଷଣ (Interior Monologue) ଏବଂ ନାଟକୀୟ ସମ୍ଭାଷଣ (Dramatic Monologue) ରୂପରେ କରାଯାଏ । ସ୍ୱାଗତ ସମ୍ଭାଷଣରେ ଚରିତ୍ରର ନିଜ ମନର ସ୍ଥିତିକୁ ନିଜେ ହିଁ ଉପସ୍ଥାପିତ କରିଥାଏ । ଏଥିରେ ବକ୍ତବ୍ୟ ପ୍ରଥମ ପୁରୁଷ ଭାବରେ ମୁଁ, ଆମେ, ଆମେମାନେ ଏହି ଅଧାରରେ ଉପସ୍ଥାପିତ

ହୋଇଥାଏ । ଏହାର ଉଦାହରଣ ହେଲା T.S. Eliotue ପ୍ରସିଦ୍ଧ କାବ୍ୟ "The Love Song of J. Alfred Prufrock" । ଓଡ଼ିଆ ସାହିତ୍ୟକୁ ଦୃଷ୍ଟି କଲେ ଗୁରୁପ୍ରସାଦ ମହାନ୍ତିଙ୍କର "ଗୋବର ଗଣେଶ" ଭଳି କବିତାକୁ ନିଆଯାଇପାରେ । ଅପର ପକ୍ଷରେ ନାଟକୀୟ ସମ୍ଭାଷଣରେ ଗୋଟିଏ ଚରିତ୍ର ଅନ୍ୟ ଜଣେ ଚରିତ୍ରକୁ ଇଂଗିତ କରି ତା' ବିଷୟରେ ବିଶ୍ଳେଷଣ କରିଥାଏ । ଏଥିରେ ବକ୍ତବ୍ୟ ଦ୍ୱିତୀୟ ପୁରୁଷ ଭାବରେ ତୁ, ତୁମେ, ତୁମେମାନେ, ଏହି ଆଧାରରେ ହୋଇଥାଏ । Robert Browning ଙ୍କୁ ଉକ୍ତ ନାଟକୀୟ ସମ୍ଭାଷଣର ଜନକ ଭାବରେ ଗ୍ରହଣ କରାଯାଏ । ତାଙ୍କର "My Last Duchess" କାବ୍ୟ ଏହାର ସବୁଠାରୁ ବଡ଼ ଉଦାହରଣ । ଓଡ଼ିଆ ସାହିତ୍ୟରେ ରମାକାନ୍ତ ରଥଙ୍କର "ଶ୍ରୀରାଧା", ଓ "ଶ୍ରୀ ପଳାତକ" ଦୀର୍ଘ କବିତାକୁ ଏହାର ଅନ୍ତର୍ଭୁକ୍ତ କରାଯାଇପାରେ ।

ନାଟକ କ୍ଷେତ୍ରରେ ଏହାର ପ୍ରୟୋଗ ସଂଳାପ ରୂପରେ ଦେଖିବାକୁ ମିଳେ । ଏହା ମୁଖ୍ୟତଃ ସ୍ୱଗତୋକ୍ତି ଭାବରେ ପରିଚିତ । ସଂଳାପର ଦୀର୍ଘତାକୁ ଲକ୍ଷ୍ୟକରି Aside ଏବଂ Soliloquy ଭାବରେ ଏହାକୁ ବିବେଚନା କରାଯାଏ । Aside ତୁଳନାରେ Soliloquy ଦୀର୍ଘ ହୋଇଥାଏ । Aside ଅନ୍ୟ ଚରିତ୍ରର ଉପସ୍ଥିତିରେ ମଧ୍ୟ କରାଯାଇପାରେ କିନ୍ତୁ Soliloquy ମୁଖ୍ୟତଃ ଏକକ ସମ୍ଭାଷଣ ହୋଇଥାଏ । ପ୍ରାୟ ସମସ୍ତ ପରୀକ୍ଷାଧର୍ମୀ ନାଟକରେ ଏହା ଏକ ମୁଖ୍ୟ ଲକ୍ଷଣ ।

ଯେତେବେଳେ ଚେତନା ପ୍ରବାହର କଥା ସେତେବେଳେ ସାଧାରଣ ଭାବରେ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ଭଳି କଥା ସାହିତ୍ୟକୁ ଆଲୋଚନା କରାଯାଏ । ଏ ଧରଣର କଥା ସାହିତ୍ୟରେ ଚରିତ୍ରର ଚେତନା, ସ୍ମୃତି, ଅନୁଭୂତି ହଠାତ୍ ବିଚ୍ଛିନ୍ନ ଭାବରେ ପ୍ରକାଶ କରାଯାଇଥାଏ । କଥାଭାଗଟି ସବୁବେଳେ ଖଣ୍ଡିତ ରହିଥାଏ । କାବ୍ୟ କବିତା ଭଳି ଏଥିରେ ଆଂଗିକ ବର୍ଣ୍ଣନାଶୈଳୀ (ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ, ତୃତୀୟ ପୁରୁଷ) ଭଳି ସାଧାରଣ ନିୟମ ନ ଥାଏ । କେତେବେଳେ ପ୍ରଥମ ପୁରୁଷ ତ କେତେବେଳେ ଦ୍ୱିତୀୟ ପୁରୁଷ ତ କେତେବେଳେ ତୃତୀୟ ପୁରୁଷ ଏଭଳି ପରିବର୍ତ୍ତନ ହେଉଥାଏ । ଆହୁରି ମଧ୍ୟ ନାଟକ ଭଳି ଏଥିରେ ସଂଳାପର ଦୀର୍ଘତା ଉପରେ ମଧ୍ୟ ଦୃଷ୍ଟି ଦିଆଯାଏ ନାହିଁ । ଏହା କେତେବେଳେ ଦଶଧାଡ଼ିରେ ପ୍ରକାଶ ପାଏ ତ କେତେବେଳେ ଦଶ ପୃଷ୍ଠାରେ ମଧ୍ୟ ସମାପ୍ତ ହୁଏ ନାହିଁ ।

ଚେତନା ପ୍ରବାହ ଧାରା ବା "Stream of Consciousness" ବାକ୍ୟାଂଶକୁ ପ୍ରଥମେ ଉଇଲିୟମ ଜେମସ୍ ତାଙ୍କ ପୁସ୍ତକ "Principles of Psychology"ରେ ବ୍ୟବହାର କରିଥିଲେ । ତାଙ୍କ ମତରେ ମଣିଷ ଯାହା ଅନୁଭବ କରେ ବା କହିବା ପାଇଁ ଚେଷ୍ଟାକରେ, ସେସବୁର ସମ୍ମିଶ୍ରିତ ରୂପ ହେଉଛି ତା'ର ଚେତନା, ପ୍ରତ୍ୟେକ ଚିନ୍ତା ହେଉଛି ବ୍ୟକ୍ତିଗତ ଚେତନାର ଅଂଶ-ବିଶେଷ । ସେହି ସମସ୍ତ ଚିନ୍ତାଧାରା ଅଦ୍ୱିତୀୟ ଓ ସଦା ପରିବର୍ତ୍ତନଶୀଳ । ଆୟର୍ଲାଣ୍ଡର ଲେଖକ JamesJoyce ତାଙ୍କ କଥା ସାହିତ୍ୟରେ ସଫଳତାର ସହିତ ପ୍ରଥମେ ଚେତନା ପ୍ରବାହର ଧାରାକୁ ନେଇ ପରୀକ୍ଷା କରିଥିଲେ ତାଙ୍କର ଉପନ୍ୟାସ "Ulysses" ମାଧ୍ୟମରେ । ଏଥିରେ ସେ William Jamesଙ୍କ ଠାରୁ ଆହୁରି ଅଧିକ ପରୀକ୍ଷା କରି ଉକ୍ତ ଚେତନା ପ୍ରବାହର ପ୍ରୟୋଗ କରିଥିଲେ । ଏହାପରେ ପରେ Dorothy Richardsonଙ୍କ ଉପନ୍ୟାସ "Pilgrimage"ରେ ମଧ୍ୟ ଏହାର ସଫଳ ପ୍ରୟୋଗ ଦେଖିବାକୁ ମିଳେ । ଏହାପରେ Virginia Wolf ତାଙ୍କ ଉପନ୍ୟାସଗୁଡ଼ିକରେ ସୁନ୍ଦର ଭାବରେ ଏହାର ପ୍ରୟୋଗ କରିଛନ୍ତି । ଯଥା- "Mrs Dalloway" ଏବଂ "To the Light House" ଇତ୍ୟାଦି । ଓଡ଼ିଆ ସାହିତ୍ୟକୁ ଲକ୍ଷ୍ୟ କଲେ ଗୋପୀନାଥ ମହାନ୍ତିଙ୍କ "ଲୟ ବିଲୟ" ଓ "ଆକାଶ ସୁନ୍ଦରୀ" ସୁରେନ୍ଦ୍ର ମହାନ୍ତିଙ୍କ "ହଂସ ଗୀତି" ଶାନ୍ତନୁ ଆଚାର୍ଯ୍ୟଙ୍କ "ନରକିନ୍ନର" ଚନ୍ଦ୍ରଶେଖର ରଥଙ୍କ "ଅସୂର୍ଯ୍ୟ ଉପନିବେଶ" ଆଦି ଉପନ୍ୟାସକୁ ଏହାର ଅନ୍ତର୍ଭୁକ୍ତ କରାଯାଇପାରିବ ।

ମନସ୍ତତ୍ତ୍ୱବିଦ୍ୟାଟି ଆନ୍ତଃବିଦ୍ୟା ସମ୍ବଳିତ ଏକ ଉପାଦାନ ଭାବରେ ଗୃହୀତ ହୋଇଛି । ତେଣୁ ସାହିତ୍ୟକବୃନ୍ଦ ମଣିଷ ମନର ସେଇ ସୂକ୍ଷ୍ମ ରହସ୍ୟଗୁଡ଼ିକୁ ଆହରଣ କରୁଛନ୍ତି । ସମଗ୍ର ବିଶ୍ୱସାହିତ୍ୟରେ ଏହି ମନୋବିଜ୍ଞାନ କଳାତ୍ମକ ରୂପ ନେଇଥିବାର ଦେଖାଯାଏ । ଓଡ଼ିଆ ସାହିତ୍ୟରେ ମଧ୍ୟ ଏହି ମନୋବିଜ୍ଞାନ ଓ ଚେତନାପ୍ରବାହ ଦେଖିବାକୁ ମିଳିଥାଏ । ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏହାର ପ୍ରଥମ ପ୍ରୟୋଗ ହୋଇଥିଲେ ମଧ୍ୟ ସ୍ୱାଧୀନତା

ପରବର୍ତ୍ତୀ ସାହିତ୍ୟରେ ଏହି ଚେତନା ଏକ ନୂଆ ମୋଡ଼ ଆଣିଛି । ସାହିତ୍ୟସ୍ରଷ୍ଟା ମଣିଷର ସୂକ୍ଷ୍ମ ମନକୁ ଉନ୍ମୋଚିତ କରିଛି ତା' ସୃଷ୍ଟିରେ । ସାହିତ୍ୟର ଚରିତ୍ର ମାଧ୍ୟମରେ ସୂକ୍ଷ୍ମ ମନର ଉନ୍ମୋଚନ, ନାନା ପ୍ରବୃତ୍ତିର ବିଶ୍ଳେଷଣ, ଯୌନତତ୍ତ୍ୱ ଓ ସ୍ୱପ୍ନ ସିଦ୍ଧାନ୍ତକୁ ନେଇ ପରୀକ୍ଷା ଆରମ୍ଭ ହେଲା । ନାରୀ-ପୁରୁଷର ସହଜାତ ପ୍ରବୃତ୍ତିରେ ଚିନ୍ତା ସଂଘର୍ଷ ସହ ଯନ୍ତ୍ରଣାଦଗ୍ଧ ମଣିଷର ସୂକ୍ଷ୍ମମନର ରହସ୍ୟ ଉଦ୍‌ଘାଟନ କରିବା ଆଧୁନିକ କ୍ଷୁଦ୍ରସାହିତ୍ୟର ଲକ୍ଷ୍ୟ ହୋଇପଡ଼ିଲା । ସାହିତ୍ୟ ଅଧିକ ଜୀବନଧର୍ମୀ ହେଲା ମନର ଅନ୍ଧାର କଥାସବୁ ରୂପକ, ପ୍ରତୀକ ମାଧ୍ୟମରେ ସାହିତ୍ୟରେ ପ୍ରକାଶ ପାଇଲା । ମନର ଅନ୍ତର୍ଦ୍ୱନ୍ଦ୍ୱ, ସ୍ମୃତିଚାରଣ, ଆତ୍ମକଥନ ପ୍ରଭୃତି ସାହିତ୍ୟରେ ସ୍ଥାନ ଲାଭକଲା । ମନସ୍ତତ୍ତ୍ୱ ବ୍ୟତୀତ ଆଧୁନିକ ସାହିତ୍ୟର କଳନା କରିବା ସମ୍ଭବ ନୁହେଁ ।

**ସହାୟକ ଅନୁଷଙ୍ଗସୂଚୀ :**


୧. Freud, S. (2014, November 6). Sigmund Freud on psychoanalysis. Encyclopedia Britannica.https://www.britannica.com/topic/Sigmund-Freud-on-psychoanalysis-1983319

୨. Jay, M. Evan (2021, May 2). Sigmund Freud. Encyclopedia Britannica. https://www.britannica.com/biography/Sigmund-Freud

୩. Mcleod, S. (1970, January 1). Freud and the Unconscious Mind. Unconscious Mind. Simply Psychology. https://www.simplypsychology.org/unconscious-mind.html.

୪. Mcleod, S. (1970, January 1). Psychology Perspectives. Psychology Perspectives. Simply Psychology. https://www.simplypsychology.org/perspective.html.

୬. Wikimedia Foundation. (2019, June 8). Unconscious mind. Wikipedia. https://en.m.wikipedia.org/wiki/Unconscious_mind.



ଓଡ଼ିଆ ଅଧ୍ୟାପକ,

ଲରମ୍ଭା ମହାବିଦ୍ୟାଳୟ, ଲରମ୍ଭା

ଦୂରଭାଷ : ୯୯୩୮୧୫୭୨୬୪

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ